R.N.I. REGN. No. 65000/96 POSTAL REGN. No. OR/BN-32/12-14

13 November 2025, Thursday

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୯
ତିଥି : ନବମୀ
୧୩ ନଭେମ୍ବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

Bhubaneswar | Balasore | Angul | Berhampur | Sambalpur

## ଦିଲ୍ଲୀ ବିସ୍ଫୋରଣ

# କଠୋର କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି

ନୂଆଦିଲ୍ଲୀ, ୧୨।୧୧ : ଦିଲ୍ଲୀ ବିସ୍ଫୋରଣ ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ବୈଠକ ଡାକି ସମୀକ୍ଷା କରିଛନ୍ତି। ଘଟଣାର ଦୁଇଦିନ ପରେ ପ୍ରଧାନମନ୍ତ୍ରୀ ଭୁଟାନ ଗସ୍ତରୁ ଫେରିବା ପରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଆଜି ତାଙ୍କ ବାସଭବନରେ ନେଇଛନ୍ତି। ପ୍ରଧାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିଲ୍ଲୀ କାର ବିସ୍ଫୋରଣକୁ ଜଘନ୍ୟ ଆତଙ୍କୀ ଘଟଣା ବୋଲି କୁହାଯାଇଛି। ପୀଡିତାଙ୍କ ପରିବାର ପ୍ରତି ସମବେଦନା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍



ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ। ଏହାଛଡା ସେ ମଧ୍ୟ ଏଲ୍ଏନ୍ଜେପି ହସ୍ପିଟାଲକୁ ଯାଇ ବିସ୍ଫୋରଣରେ ଆହତ ଲୋକଙ୍କୁ ଭେଟିଛନ୍ତି।

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବ କହିଛନ୍ତି ଯେ ବୋମା ବିସ୍ଫୋରଣ ମାଧ୍ୟମରେ ଦେଶ ବିରୋଧୀ ଶକ୍ତି ଦ୍ୱାରା ଏହି ଘଟଣା ଘଟିଛି। ଘଟଣାର ତଦନ୍ତ ଅତ୍ୟନ୍ତ ତ୍ୱରିତ ଓ ପୋଶାଦାର ଭାବେ କରାଯିବ। ଅପରାଧୀ ସେମାନଙ୍କ ସହଯୋଗୀ ଓ ପ୍ରାୟୋଜକଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆତଙ୍କବାଦ ଉପରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି। ଦିଲ୍ଲୀରେ (୯ ପୃଷ୍ଠାରେ)

- ■ ଏଲ୍ଏନ୍ଜେପି ହସ୍ପିଟାଲରେ ଆହତଙ୍କୁ ଭେଟିଲେ ମୋଦି
- ■ କ୍ୟାବିନେଟ୍ ବୈଠକରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି
- ■ ସମସ୍ତଙ୍କୁ ଚିହ୍ନଟ କରାଯାଇ ଦଣ୍ଡିତ କରାଯିବ

### ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ଉଦ୍ଘାଟିତ

# ପ୍ରତିଭା ବିକଶିତ ଲାଗି 'ସୁରଭି' ଏକ ଅଦ୍ୱିତୀୟ ପ୍ଲାଟଫର୍ମ

ଭୁବନେଶ୍ୱର, ୧୨।୧୧ (ସବ୍ୟୁ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ଓ କହିଛନ୍ତି ଯେ ସୁରଭି କେବଳ ଶିଶୁ ପ୍ରତିଭାର ବିକାଶ ପାଇଁ ଏକ ଉତ୍ସବ ନୁହେଁ ଏହା ପ୍ରତ୍ୟେକ ଶିଶୁମାନଙ୍କ ସ୍ୱପ୍ନ, ସୃଜନଶୀଳତା, ଚିନ୍ତାଧାରା ଓ ପ୍ରତିଭା ବିକାଶର ମଞ୍ଚ। ବିଦ୍ୟାର୍ଥୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ 'ସୁରଭି' ଏକ ଅଦ୍ୱିତୀୟ ପ୍ଲାଟଫର୍ମ ସାଜିଛି।



ସୂଚନା ଯୋଗ୍ୟଯେ ଏହି ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ୨୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୦୦୦ରୁ ଉର୍ଦ୍ଧ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଛନ୍ତି । ଚଳିତ ବର୍ଷ 'ସୁରଭି' କାର୍ଯକ୍ରମରେ – "ନିପୁଣ ଓଡ଼ିଶା-ନିପୁଣ ଭାରତ" କାର୍ଯ୍ୟକ୍ରମ (୯ ପୃଷ୍ଠାରେ)

# ସିବିଆଇ ପଞ୍ଝାରେ ଦୁଇ ଆନ୍ତଃରାଜ୍ୟ ଠକ

ଭୁବନେଶ୍ୱର, ୧୨।୧୧ (ସବ୍ୟୁ) : ସିବିଆଇ ପାଂାରେ ଦୁଇ ଆନ୍ତଃରାଜ୍ୟ ଠକ ରହିବା ପରେ ବହୁ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି । ଜଣେ ବ୍ୟବସାୟୀଙ୍କୁ ଜିଏସ୍ଟି ରେଡ୍‌ରୁ ବଞ୍ଚାଇବା ପାଇଁ ୧୯ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଅଜିତ କୁମାର ପାତ୍ରକୁ ସିବିଆଇ ଧରିଥିଲା । ପାଖରେ ଥିବା ତା'ର ସହଯୋଗୀ ମିକୁଲାଲ ଜୈନକୁ ମଧ୍ୟ ସିବିଆଇ ମଙ୍ଗଳବାର ଧରିଥିଲା । ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବା ପରେ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ମିଳିଛି ।

ଅଜିତର ଘର ବଲାଙ୍ଗୀର ଜିଲ୍ଲା ପାଟଣାଗଡର (୯ ପୃଷ୍ଠରେ)

# ତହସିଲଦାରଙ୍କୁ ପୁରୁଣା କବଲା ସଂଶୋଧନ କ୍ଷମତା

ଭୁବନେଶ୍ୱର, ୧୨।୧୧ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ଅନୁମୋଦନ ଦେଇଛନ୍ତି ।

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି । କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି । (୯ ପୃଷ୍ଠାରେ)

# ଆଉ ୩ ଦିନ ପ୍ରବଳ ଶୀତ

ଭୁବନେଶ୍ୱର, ୧୨।୧୧ (ସବ୍ୟୁ) : ରାଜ୍ୟରେ ପୁଣି ଶୀତ ବଢ଼ିଛି । ୨୧ ସହରରେ ତାପମାତ୍ରା ୧୫° ତଳେ ରହିଥିବାବେଳେ ଦାରିଙ୍ଗବାଡ଼ି ଓ ଜି.ଉଦୟଗିରିରେ ପାରଦ ୧୦° ତଳକୁ ଖସିଆସିଛି । ଏଥିସହ ଆଭ୍ୟନ୍ତରୀଣ ଓଡ଼ିଶାର ବହୁ ସ୍ଥାନରେ ରାତ୍ରିର ତାପମାତ୍ରା ହ୍ରାସ ପାଇଛି । ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ପବନ ପ୍ରବାହିତ ଯୋଗୁ ଆହୁରି ତାପମାତ୍ରା ହ୍ରାସ ପାଇବ। ଆଗାମୀ ୩ ଦିନ ଯାଏ ପ୍ରବଳ ଶୀତ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ।

ଶ୍ରୀ ଦାଶ କହିଛନ୍ତି, ଝାଡ଼ଖଣ୍ଡ, ଛତିଶଗଡ଼ରେ ଉତ୍ତର ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଥିବା ଯୋଗୁ ସେଠାରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି । ଏହାର ପ୍ରଭାବ ଓଡ଼ିଶାରେ ପଡୁଛି । ଆଗାମୀ ୩ରୁ ୪ ଦିନ ଯାଏ ଉପକୂଳ ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ଭୟଙ୍କର ଶୀତ ଅନୁଭୂତ ହେବ । ଏପରିକି କେତେକ ସ୍ଥାନରେ ୫° କିମ୍ବା ତା'ଠାରୁ କମ୍ ତାପମାତ୍ରା ରେକର୍ଡ଼ ହୋଇପାରେ। ଝାରସୁଗୁଡ଼ାରେ ରାତ୍ରିର ସର୍ବନିମ୍ନ ସ୍ୱାଭାବିକ ତାପମାତ୍ରାଠାରୁ ୭.୩° (୯ ପୃଷ୍ଠାରେ)

DSPL-345

International Year of Cooperatives 2025
Cooperatives Build a Better World



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୭୨ତମ
ନିଖିଳ ଭାରତ ସମବାୟ ସପ୍ତାହ
( ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ )
୧୪-୨୦ ନଭେମ୍ବର ୨୦୨୫

ଆମ ସଫଳତା

- ୨୦୨୫-୨୬ ଆର୍ଥିକ ବର୍ଷରେ ସମବାୟ ସମିତି ମାଧ୍ୟମରେ ୩୭ ଲକ୍ଷ ଚାଷୀଙ୍କୁ ୨୦,୫୦୦ କୋଟି ଟଙ୍କାର କୃଷି ଋଣ ପ୍ରଦାନର ବ୍ୟବସ୍ଥା ।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୫ ଖରିଫ ଋତୁରେ ମୋଟ ୨୨.୮୪ ଲକ୍ଷ ଚାଷୀଙ୍କୁ ଫସଲ ବୀମା ସୁରକ୍ଷା ପ୍ରଦାନ ।
- ଚଳିତ ୨୦୨୫-୨୬ ଖରିଫ ବିପଣନ ବର୍ଷରେ ପ୍ୟାକ୍ସ/ ଲ୍ୟାମ୍ପସ (PACS/ LAMPCS) ମାଧ୍ୟମରେ ୧୫ ଲକ୍ଷ ଚାଷୀଙ୍କ ଠାରୁ ପ୍ରାୟ ୬୬ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ (M.S.P) ପ୍ରଦାନ ।
- ସରକାରଙ୍କ ମୂଲ୍ୟ ସହାୟକ ଯୋଜନା (Price Support Scheme) ମାଧ୍ୟମରେ ଡାଲି ଏବଂ ତୈଳବୀଜ ଜାତୀୟ ଶସ୍ୟ ମାର୍କଫେଡ୍ (MARKFED) ସହାୟତାରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ ।
- ୯୭୩ ଗୋଟି ପ୍ୟାକ୍ସ/ ଲ୍ୟାମ୍ପସ (PACS/ LAMPCS) ଓ ନିୟନ୍ତ୍ରିତ ବଜାର କମିଟି (RMC) ମଣ୍ଡି ଗୁଡ଼ିକରେ ୫୬୧.୩୬ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ।
- କୃଷକ ମାନଙ୍କ ଦ୍ୱାରା ବ୍ୟବହୃତ ରାସାୟନିକ/ ଜୈବିକ ସାରର ୬୦% ସମବାୟ ସମିତିମାନଙ୍କ ଦ୍ୱାରା ବଣ୍ଟନ ପରିକଳ୍ପନା ।
- ୨୦୨୫ ଖରିଫ୍ ଋତୁରେ ସମବାୟ ମାଧ୍ୟମରେ ୬,୩୪୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଙ୍କୁ ୨୭୭.୨୧ କୋଟି ଏବଂ ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୨୫.୯୪ କୋଟି ଟଙ୍କାର ଋଣ ପ୍ରଦାନ ।
- RIDF ଯୋଜନାରେ ୮୦ ଗୋଟି PACS/ LAMPCS ରେ ୨୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୦ କୋଟି ଟଙ୍କାର ପ୍ରାବଧାନ ।
- ଆସନ୍ତା ୨ ବର୍ଷ ମଧ୍ୟରେ ଅତ୍ୟାଧୁନିକ ସୁବିଧା ଥିବା ୧୦୦ ଗୋଟି ମଡେଲ ମଣ୍ଡି ସ୍ଥାପନ ଯୋଜନା ।
- ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ, କୁକୁଡ଼ା ପାଳନ ଓ ତାଳଗୁଡ଼ କ୍ଷେତ୍ରରେ ଉତ୍ପାଦନକାରୀମାନଙ୍କୁ ସମବାୟ ମାଧ୍ୟମରେ ସଂଗଠିତ କରାଯାଇ ବିପଣନ ବ୍ୟବସ୍ଥାର ସୁଦୃଢ଼ୀକରଣ ।

ସଚେତନତା ପାଇଁ ଗଣଦୌଡ଼
ସେଣ୍ଟ୍ ଯୋଶେଫ ସ୍କୁଲ, ରାମ ମନ୍ଦିର ଛକରୁ ୟୁନିୟନ ଅଫିସ
୧୪ ନଭେମ୍ବର | ସକାଳ ୭ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର



## ଶୁଭ ଜନ୍ମଦିନ
# ମାୟାଧର ମାନସିଂହ

ଜଣେ ଓଡ଼ିଆ କବି ଓ ଲେଖକ ଭାବେ ସାରା ଦେଶରେ ପରିଚିତ ଥିଲେ ମାୟାଧର ମାନସିଂ । ତାଙ୍କ କାଳଜୟୀ ଲେଖା ତାଙ୍କୁ ଆଜି ବି ପାଠକଙ୍କ ମନରେ ଆଦୃତ କରି ରଖିଛି । ଓଡ଼ିଶାର ପୁରୀ ଜିଲ୍ଲାସ୍ଥିତ ନନ୍ଦଳା ଗ୍ରାମରେ ୧୯୦୫ ମସିହା ନଭେମ୍ବର ୧୩ ତାରିଖରେ ଜନ୍ମଗ୍ରହଣ କରିଥିବା ମାୟାଧର ମାନସିଂ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ । ଛାତ୍ରଜୀବନରୁ ତାଙ୍କର ସାହିତ୍ୟପ୍ରତି ଥିଲା ଅହେତୁକ ଦୁର୍ବଳତା । ସେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟର ତୁଳନାତ୍ମକ ଗବେଷଣା କରିଥିଲେ । ଏତଦ୍‌ବ୍ୟତୀତ ସେ ଭାରତର ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ 'ଆରତି' ପତ୍ରିକାର ସମ୍ପାଦନା ସହିତ ମଧ୍ୟ ସମ୍ପୃକ୍ତ ଥିଲେ । ସ୍ୱାଧୀନତା ପରେ ସେ 'ଶଙ୍ଖ' ନାମକ ଏକ ମାସିକ ସାହିତ୍ୟ ପତ୍ରିକା ସମ୍ପାଦନା କରୁଥିଲେ । ଓଡ଼ିଆ ସାହିତ୍ୟିକା ହେମଲତା ମାନସିଂହ ତାଙ୍କର ଜୀବନସାଥି ଥିଲେ । ସେ ରେଭେନ୍ସା ମହାବିଦ୍ୟାଳୟ ବି.ଏ. ପାଠ୍ୟକ୍ରମ ସାରିବାପରେ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ.ଏ. ପାସ କରିଥିଲେ । ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ପ୍ରବନ୍ଧ ପ୍ରସ୍ତୁତ କରି ସେ ପି.ଏଚ.ଡି. ଉପାଧି ଲାଭ କରିଥିଲେ । ସେ ଥିଲେ ଓଡ଼ିଶାର ପ୍ରଥମ ଡକ୍ଟରେଟ ଉପାଧିଧାରୀ । ମାୟାଧର ମାନସିଂହ ଜଣେ ଓଡ଼ିଆ କବି ଭାବେ ସୁପରିଚିତ । ସେ ଅନେକ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ରଚୟିତା । ଓଡ଼ିଶା ସାହିତ୍ୟର ଇତିହାସ, ଯାହା କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପ୍ରକାଶ କରିଛନ୍ତି, ତାହା ତାଙ୍କର ଏକ ଉପାଦେୟ ଗ୍ରନ୍ଥ । ତାଙ୍କ 'କମଳାୟନ' କାବ୍ୟର ସେ ରଚୟିତା । ରୋମାଣ୍ଟିକ କବିତା ଲେଖି ସେ ପ୍ରସିଦ୍ଧ । ଏଇ ସରକାର ତଳେ, ସମସ୍ତେ ଡାକନ୍ତି ତମେ ତମେ ବୋଲି, ହାୟରେ ତରୁଣ କବିର ଆଶା ପ୍ରଭୃତି ତାଙ୍କର କାଳଜୟୀ ରୋମାଣ୍ଟିକ କବିତା । 'ଶିକ୍ଷାବିତ୍‌ର ଗାଥା' ତାଙ୍କରି ଆତ୍ମଚରିତ । ଏହି ମହାନ କବିଙ୍କର ୧୧ ଅକ୍ଟୋବର ୧୯୭୩ ମସିହାରେ ଦେହାନ୍ତ ହୋଇଥିଲା ।



# ବିଲେଇଙ୍କ ଭିତରେ ଦଳାଚକଟା

ସାଧାରଣତଃ ମଣିଷମାନେ ଯେଉଁଠି ଏକାଠି ହୋଇଥାଆନ୍ତି ସେଠାରେ ଦଳାଚକଟା ପରିସ୍ଥିତି ଉପୁଜିଥାଏ । ହେଲେ ଦକ୍ଷିଣ ଚୀନରେ ଗୁଆଁଗଣ୍ଡୋଗ ପ୍ରାନ୍ତରେ ଏକ ଧାର୍ମିକ କାର୍ଯ୍ୟକ୍ରମରେ ବିଲେଇଙ୍କ ଭିତରେ ଦଳାଚକଟା ହୋଇଥିବାର ସୂଚନା ମିଳିଛି । ସୂଚନା ଅନୁସାରେ ବୌଦ୍ଧ ଧର୍ମର ଜୀବନ ମୁକ୍ତି ପ୍ରଥା ଅଧିନରେ ୧୧ଶହରୁ ଅଧିକ ବିଲେଇଙ୍କୁ ଏକ ଜଳାଶୟ ନିକଟରେ ହଠାତ୍ ଛଡା ଯାଇଥିଲା । ତେବେ ବିଲେଇମାନେ ଯନ୍ତାରୁ ବାହାରିବା କ୍ଷଣି ଡରରେ ଆଡେସାଡେ ଦଉଡିବାକୁ ଲାଗିଲେ । ଯାହାଫଳରେ ଅନେକ ବିଲେଇ ପାଣିରେ ବୁଡିଯାଇଥିବାବେଳେ କିଛି ଦଳଚକଟାରେ ମରିଯାଇଥିଲେ । ଲୋକଙ୍କ ଭିତରେ ଏକ ବିଶ୍ୱାସ ଥିଲା କି ସମ୍ପୃକ୍ତଦିନ ବନ୍ଦୀ ଜୀବଙ୍କୁ ମୁକ୍ତି କରିଲେ ପୂଣ୍ୟ ମିଳିବ । ହେଲେ ଏହାର ଓଲଟା ଫଳ ହୋଇଥିଲା । ଏତେ ସଂଖ୍ୟକ ବିଲେଇ ଏକାବେଳେ ବାହାରକୁ ବାହାରିଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିଥିଲା । ତେବେ ଏହି ଘଟଣାରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି ।



# ଜନ୍ମଦିନ ଠିକ୍ କରନ୍ତି ସରକାର

ଉତ୍ତର କୋରିଆ ଦୁନିଆର ଏକମାତ୍ର ଏଭଳି ଦେଶ ଯେଉଁଠାରେ କୋଟିକୋଟି ଲୋକ ନିଜର ଅସଲି ଜନ୍ମଦିନ ଜାଣି ନଥାନ୍ତି । ଏଠାରେ ସରକାର ନିଷ୍ପତ୍ତି ନେଇଥାଆନ୍ତି ସେମାନଙ୍କ ଜନ୍ମଦିନ କେବେ ହେବ । ସେମାନଙ୍କ ଜନ୍ମଦିନର ତାରିଖ ସରକାର ଠିକ କରନ୍ତି । ଏଠାରେ ସରକାର ଗୋଟିଏ ସାର୍ଟିଫିକେଟରେ ଏହି ତାରିଖକୁ ଲେଖି ନାଗରିକଙ୍କୁ ପ୍ରଦାନ କରିଥାଆନ୍ତି । ତେବେ ଏହାପଛରେ ସରକାରଙ୍କର ବିଭିନ୍ନ କାରଣ ରହିଛି । ଏହି ପ୍ରକ୍ରିୟା ଯୋଗୁଁ ସରକାରଙ୍କୁ ରେକର୍ଡ ରଖିବାରେ ସୁବିଧା ହୋଇଥାଏ । ସେହିଭଳି ସେଠାରେ ଅନେକଙ୍କର ଡେଲିଭରି ଘରେ ହୋଇଥାଏ ତେଣୁ ସେମାନେ ଖୁବ ପରେ ନିଜର ଆଇଡି ପ୍ରସ୍ତୁତ କରନ୍ତି । ଯେଉଁ ସମୟରେ ସରକାରଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ତେଣୁ ସେଠିକାର ସରକାର ଏଭଳି ବ୍ୟବସ୍ଥା କରିଥିବା ଜଣା ପଡିଛି । ଏଠାରେ ୪୦ ପ୍ରତିଶତ ଲୋକଙ୍କର ଜନ୍ମଦିନ ୧ ଜୁଲାଇ କିମ୍ବା ୧ ଜାନୁଆରୀ ହେଉଥିବା ଦେଖିବାକୁ ମିଳିଥାଏ । ଯେଉଁ କାରଣରୁ ଲୋକମାନେ ନିଜ ଜନ୍ମଦିନ ଭୁଲ ତାରିଖରେ ପାଳନ କରିଥାଆନ୍ତି ।



# ଅର୍ଶଦଙ୍କ ପ୍ରଶଂସା


ଅଭିନେତା ଅର୍ଶଦ ବର୍ସୀ ନିକଟରେ ବଲିଉଡ ୱେବସିରିଜ ବ୍ୟାଡ୍ସ ଅଫ ବଲିଉଡରେ ନଜର ଆସିଛନ୍ତି । ତେବେ ବର୍ତ୍ତମାନ ଅର୍ଶଦଙ୍କର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ଶାହରୁଖଙ୍କ ପୁଅ ଆରିୟନଙ୍କର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ତାଙ୍କର ୱେବସିରିଜର ଚରିତ୍ରର ଶ୍ରେୟ ସେ ଆରିୟନଙ୍କ ନିର୍ଦ୍ଦେଶନାକୁ ଦେଇଛନ୍ତି । ସେ ଜଣେ ଖୁବ ଭଲ ପିଲା ବୋଲି ଅର୍ଶଦ ମତ ଦେଇଛନ୍ତି । ଆରିୟନ ଏଭଳି ଜଣେ ନିର୍ଦ୍ଦେଶକ ଯାହାଙ୍କ ମୁଣ୍ଡରେ ସବୁବେଳେ ଫିଲ୍ମ ଚାଲିଥାଏ । ସେ ଆଗକୁ ଆହୁରି ଭଲ ଭଲ ପ୍ରୋଜେକ୍ଟ ଦର୍ଶକଙ୍କୁ ଭେଟି ଦେବେ ବୋଲି ଅର୍ଶଦ ମତ ଦେଇଛନ୍ତି । ସମସ୍ତ ଚରିତ୍ରକୁ ଆରିୟନ ନିଜେ ଲେଖିବା ସହିତ ନିଜେ କଳ୍ପନା କରିଛନ୍ତି । ଜଣେ କଳାକାର ହିସାବରେ ଆରିୟନଙ୍କ ଭଳି ନିର୍ଦ୍ଦେଶକଙ୍କ ସହିତ କାମ କରି ସେ ଖୁବ ଗର୍ବିତ ବୋଲି ଅର୍ଶଦ ମତ ଦେଇଛନ୍ତି ।

## ସୋସିଆଲ କୋଟ୍ସ



"ବର୍ତ୍ତମାନ ୨ ରୁ ୪ ଲୋକଙ୍କ କଥାକୁ ଧ୍ୟାନ ଦେଉ ନାହିଁ । ଏପରି ବି ହୋଇଥାଏ କି ଆପଣଙ୍କ ସଫଳତାରେ ଆପଣଙ୍କ ନିଜ ସମ୍ପର୍କୀୟମାନେ ମଧ୍ୟ ସହି ପାରନ୍ତି ନାହିଁ ।

**ଦିଲଜୀତ ଦୋସାଞ୍ଜା, ସିଙ୍ଗର**



"ଶ୍ରୀ ମୋ ପାଇଁ ଖୁବ ଲକି ଥିଲେ । ତାଙ୍କ ସହିତ ବିବାହ ପରେ ହିଁ ମୋର ଭାଗ୍ୟ ବଦଳିଥିଲା । ମୁଁ ମୋ କ୍ୟାରିୟରରେ ଆଗକୁ ବଢିଥିଲି ।

**ବୋନି କପୁର, ଫିଲ୍ମମେକର**



"ସେ ମୋପାଇଁ ମେକଅପ ଆର୍ଟିଷ୍ଟ ନୁହେଁ ବରଂ ଗୁରୁଜନ ଥିଲେ । ସେ ପ୍ରଥମବ୍ୟକ୍ତି ଥିଲେ ଯାହାଙ୍କ ପାଦ ଛୁଇଁ ମୁଁ ଫିଲ୍ମ କରିବାକୁ ଯାଉଥିଲି । ତାଙ୍କ ମୃତ୍ୟୁ ଖୁବ କଷ୍ଟ ଦେଇଛି ।

**ଅଭିଷେକ ବଚ୍ଚନ, ଅଭିନେତା**

# ତ୍ୱଚା ପାଇଁ ଉପକାରୀ ପାଳଙ୍ଗ

ପାଳଙ୍ଗ ଶାଗର ବ୍ୟବହାର ପ୍ରାୟ ସମସ୍ତଙ୍କ ଘରେ ହୋଇଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ । ଏଥିରେ ଆଇରନ୍‌ର ମାତ୍ରା ଢେର ଅଧିକା ଯାହା ଶରୀର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିଥାଏ । ତେବେ କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ଏହା ତ୍ୱଚା ପାଇଁ ମଧ୍ୟ ବେଶ୍ ଉପକାରୀ । ଏହାକୁ ଘରୋଇ ଅପଚାର ଭାବେ ତ୍ୱଚାରେ ବ୍ୟବହାର କରାଯାଇଥାଏ ।



୧. ପାଳଙ୍ଗ ଶାଗକୁ ପେଷ୍ଟ କରି ଏହାକୁ ତ୍ୱଚାରେ ଲଗାନ୍ତୁ । ଏହାକୁ ଲଗାଇବା ପରେ ୧୦ ରୁ ୧୫ ମିନିଟ୍ ରଖନ୍ତୁ । ଏହାପରେ ଏହି ପେଷ୍ଟକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ । ଏପରି କରିବା ଦ୍ୱାରା ମୁହଁ ଫ୍ରେସ ଦେଖାଯାଇଥାଏ ।

୨. ପାଳଙ୍ଗ, ଅଲିଭ ତେଲ, ଲେମ୍ବୁ ରସ, ମହୁକୁ ମିଶାଇ ପେଷ୍ଟ ତିଆରି କରନ୍ତୁ ଏହି ମିଶ୍ରଣକୁ ତ୍ୱଚାରେ ଲଗାନ୍ତୁ । ମିଶ୍ରଣ ଶୁଖିଲା ପରେ ଧୋଇ ନିଅନ୍ତୁ । ଏପରି କରିବା ଦ୍ୱାରା ମୁହଁରେ ଚମକ ଆସିଥାଏ ।

୩. ସେହିଭଳି ପାଳଙ୍ଗକୁ ପ୍ରଥମେ ବାଟି ନିଅନ୍ତୁ ପରେ ଏଥିରେ ଦୁଇ ଚାରି ବୁନ୍ଦା ଲେମ୍ବୁ ରସ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏହି ପେଷ୍ଟକୁ ମୁହଁରେ ଲଗାଇବା ଫଳରେ ମୁହଁରୁ କଳାଦାଗ ଦୂର ହୋଇଥାଏ ।

# ମାଣବସା ଗୁରୁବାର

ଓଡ଼ିଶାରେ ପାଳିତ ଅନେକ ପର୍ବଭିତରେ ମାଣବସା ଅନ୍ୟତମ । ଏହି ପର୍ବରେ ମହାଲକ୍ଷ୍ମୀଙ୍କୁ ଗୃହରେ ଧନଧାନ୍ୟ ବୃଦ୍ଧି ନିମନ୍ତେ ପୂଜା କରାଯାଏ । ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି । ଏହି ପୂଜା ଅନ୍ୟ ଦେଶ ଓ ରାଜ୍ୟମାନଙ୍କରେ ପ୍ରଚଳନ ନାହିଁ । ମାଣବସା ଓଷାକୁ ଲକ୍ଷ୍ମୀପୂଜା ମଧ୍ୟ କୁହାଯାଏ । ଏହି ଓଷାକୁ ଓଡ଼ିଶାର ସମସ୍ତ ଜାତିର ଲୋକେ ପାଳନ କରିଥାନ୍ତି । ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ, ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ଆଦି ପ୍ରତି ଦୃଷ୍ଟି ଦିଆଯାଇଥାଏ । ମାର୍ଗଶିର ମାସରେ ପୂଜା ଘରେ ଧାନ ମେଣ୍ଢା ବା ଧାନବେଣୀରେ ସଜାଯାଇଥାଏ । ଧାନକେଣ୍ଡାକୁ ଗୁନ୍ଥି ଏହି ମେଣ୍ଢା ବା ବେଣୀ ତିଆରି କରାଯାଏ । ଚାଉଳ ଆଦି ଶସ୍ୟ ମାପିବା ପାଇଁ ମାଣ ବ୍ୟବହାର ହୋଇଥାଏ । ଏହି ଓଷାରେ ଧାନମାଣ ବସାଇ ତାହାକୁ ପୂଜା କରାଯାଉଥିବାରୁ ଓଷାଟି ମାଣବସା ନାମରେ ଜଣାଶୁଣା ।



## ଇତିହାସ

- ୧୭୮୦- ପଞ୍ଜାବ ମହାରାଜା ରଣଜିତ୍ ପ୍ରତାପ ସିଂଙ୍କ ଜନ୍ମ ।
- ୧୯୬୯- ଲଣ୍ଡନର ଜଣେ ମହିଳାଙ୍କର ପାଞ୍ଚଟି ସନ୍ତାନଙ୍କୁ ଜନ୍ମ, ଯାହା ବିଶ୍ୱରେ ପ୍ରଥମ ।
- ୧୯୭୧- ଆମେରିକାର ଅନ୍ତରୀକ୍ଷ ଯାନ ମେରିୟନ-୯ ମଙ୍ଗଳ ଗ୍ରହ ଚାରିପଟେ ବୁଲିବା ଆରମ୍ଭ କରିଥିଲା, ଯାହା ପୃଥିବୀର ପ୍ରଥମ ଯାନ ଥିଲା ।
- ୧୯୭୯- ଗୋଟିଏ ବର୍ଷ ବନ୍ଦ ରହିବା ପରେ ଟାଇମ୍‌ସ ଖବର କାଗଜର ପ୍ରକାଶନ ପୁଣି ଆରମ୍ଭ ହେଲା ।
- ୧୯୮୫- କୋଲମ୍ବିଆରେ ଜ୍ୱାଳାମୁଖୀ ଫାଟିବାରୁ ୨୩ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ।
- ୧୯୯୭- ସୁରକ୍ଷା ପରିଷଦ ପକ୍ଷରୁ ଇରାକ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଯାଇଥିଲା ।
- ୨୦୧୫- ପ୍ୟାରିସ୍ ଉପରେ ଆତଙ୍କବାଦୀଙ୍କର ଘାତକ ଆକ୍ରମଣ ପରେ ୧୩୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

# ଅଧିକ ଚାଲିବାରୁ ଗଲା ଚାକିରି !

ଚୀନର ଜିୟାଁଗସୁରେ ଜଣେ କର୍ମଚାରୀ ଅଧିକ ଚାଲିବାରୁ ତାଙ୍କୁ ଚାକିରିରୁ ବାହାର କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ବ୍ୟକ୍ତି ଜଣଙ୍କ ଦେହ ଖରାପ କହି ଅଫିସରୁ ଛୁଟି ନେଇଥିଲେ । ତାଙ୍କର ଅଣ୍ଟା ଓ ପାଦରେ ଯନ୍ତ୍ରଣା ହେଉଥିବା ସେ ଦର୍ଶାଇଥିଲେ, ଯେଉଁଥିପାଇଁ ସେ ନିଜ ଛୁଟିକୁ ବଢାଇ ମଧ୍ୟ ଥିଲେ । ହେଲେ କମ୍ପାନୀର ତାଙ୍କ ଉପରେ ସନ୍ଦେହ ହେବାରୁ କମ୍ପାନୀ ପକ୍ଷରୁ ଖୁଫିଆ ତଦନ୍ତ କରାଯାଇଥିଲା । ତେବେ ଏହି ତଦନ୍ତରେ ଜଣା ପଡିଥିଲା କି ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କିନ୍ତୁ ଖୁବ ଚାଲୁଥିବା ସହିତ ଦୌଡୁଛନ୍ତି ମଧ୍ୟ । ଯାହାପରେ କମ୍ପାନୀ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲା । ହେଲେ ପରବର୍ତ୍ତୀ ସମୟରେ ବ୍ୟକ୍ତିଜଣଙ୍କ କୋର୍ଟରେ କେସ କରିଥିଲେ । ଯେଉଁଥିରେ କମ୍ପାନୀକୁ ଉକ୍ତ ବ୍ୟକ୍ତିଙ୍କୁ ୧୪ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡିଥିଲା ।



# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଜଳ ସମ୍ପଦ ବୋର୍ଡ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ଜଳ ସମ୍ପଦ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗ ଅନୁ ଗର୍ଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ଜଳ ସମ୍ପଦ, ଶକ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗ, ଶିଳ୍ପ, ଇସ୍ପାତ ଓ ଖଣି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ । ବୈଠକରେ କାର୍ଯ୍ୟକାରୀ ରାଜ୍ୟ ଜଳ ନୀତି ପ୍ରସ୍ତୁତିର ଅଗ୍ରଗତି, ୨୦୨୯ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୧୫ ଲକ୍ଷ ହେକ୍ଟର



ଜମିକୁ ଜଳସେଚନ ସୁବିଧା, ଜଳସେଚନ କ୍ଷମତା ସୃଷ୍ଟି ଓ ପ୍ରକୃତ ଜଳ ଉପଯୋଗିତା ମଧ୍ୟରେ ରହୁଥିବା ଅନ୍ତରକୁ ହ୍ରାସ କରିବା ଏବଂ ଉଠା ଜଳ ସେଚନ ପ୍ରକଳ୍ପ (ଏଲଆଇପି) ରେ ଜଳର ତତ୍କାଳିକ ମାପ ( ରିଅଲ ଟାଇମ ମେଜରମେଣ୍ଟ) ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ବିଷୟରେ ବିସ୍ତୃତ ଉପସ୍ଥାପନ କରାଯାଇଥିଲା । ଏଥି ସହିତ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ମୁଖ୍ୟ କମିଟିଗୁଡିକୁ ରାଜ୍ୟ ଜଳ ସଂପଦ ବୋର୍ଡ ସହ ସମନ୍ୱିତ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା, ଜଳ ସମ୍ପଦ ବିଭାଗ ଏବଂ ଜଳ ବ୍ୟବହାରକାରୀ ସମ୍ପୃକ୍ତ ଅଂଶୀଦାରୀ ବିଭାଗମାନଙ୍କୁ ଜଳ ସମ୍ପଦର ବିକାଶ ଓ ଜଳ ପରିଚାଳନା କ୍ଷେତ୍ରରେ ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ରେ ରହିଥିବା ବିଭାଗୀୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ପାଇଁ ସମନ୍ୱିତ ଓ ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟ ଜଳ ନୀତି ଖସଡ଼ାର ପ୍ରମୁଖ ଦୃଷ୍ଟିକୋଣ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ । ସେ ରାଜ୍ୟରେ ଜଳସେଚନ ଅଞ୍ଚଳ ବୃଦ୍ଧି ଏବଂ ଜଳ ସେଚନ ସୃଷ୍ଟି କରାଯାଇଥିବା ଜଳ ସଂପଦ କ୍ଷମତାର ଅଧିକତମ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଓଏଲଆଇସିର ପରିଚାଳନା ନିର୍ଦ୍ଦେଶିକା, ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକରେ ଜଳ ବ୍ୟବହାରର ତତ୍କାଳିକ ମାପ ନିମନ୍ତେ ପ୍ରଯୁକ୍ତି ବିଦ୍ୟା ଉପଯୋଗ ସଂପର୍କରେ ଉପସ୍ଥାପନ କରିଥିଲେ ।

# ୨୦୨୬ରେ ୨୯ଟି ସରକାରୀ, ୯ଟି ଇଚ୍ଛାଧୀନ ଛୁଟି

ଭୁବନେଶ୍ୱର(ସବ୍ୟୁ): ୨୦୨୬ ବର୍ଷ ପାଇଁ ସରକାରୀ କ୍ୟାଲେଣ୍ଡର ପ୍ରକାଶ ପାଇଛି । ଏଥିରେ ୨୯ଟି ସରକାରୀ ଛୁଟି ଥିବାବେଳେ ୯ ଦିନ ଇଚ୍ଛାଧୀନ ଛୁଟି ରହିଛି । ଆସନ୍ତାବର୍ଷ ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନକୁ ସରକାରୀ ଛୁଟି ତାଲିକାରୁ ବାଦ ଦିଆଯାଇଛି । ୨୦୨୫ରେ ରାଜ୍ୟ ସରକାର ଏହି ଦିନକୁ କ୍ୟାଲେଣ୍ଡରରେ ଛୁଟି ଘୋଷଣା କରିଥିଲେ ବି ପରେ ଏକ ବିଜ୍ଞପ୍ତି ଜରିଆରେ ଏହାକୁ ବାତିଲ କରିଥିଲେ । ସେହିଭଳି ଦୀପାବଳିକୁ ମଧ୍ୟ ସରକାରୀ ଛୁଟି ତାଲିକାରୁ ବାଦ ଦିଆଯାଇଛି । ତେବେ ସେପ୍ଟେମ୍ବର ୧୫ ନୂଆଁଖାଇ ଓ ସେପ୍ଟେମ୍ବର ୧୬ ନୂଆଁଖାଇ ପରଦିନ ଏହିଭଳି ଦୁଇ ଦିନ ଛୁଟି ଘୋଷଣା କରାଯାଇଛି । ମାର୍ଚ୍ଚ ୨୭ ତାରିଖ ଶ୍ରୀରାମନବମୀକୁ ସରକାରୀ ଛୁଟି କରାଯାଇଛି । ଅଗଷ୍ଟ ୨୭ ତାରିଖ ଝୁଲଣ ଯାତ୍ରାକୁ ମଧ୍ୟ ସରକାରୀ ଛୁଟି ବୋଲି କୁହାଯାଇଛି । ୨୦୨୫ରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଗୋଟିଏ ଦିନରେ ପଡିଥିଲା । ହେଲେ ୨୦୨୬ରେ ଜନ୍ମାଷ୍ଟମୀ ଭିନ୍ନ ତାରିଖରେ ପଡୁଥିବାରୁ ସେପ୍ଟେମ୍ବର ୪କୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି ।

# ଗାଁ ଲୋକଙ୍କ ଉପରକୁ ବୋମା ମାଡ଼ , ୩ ଗୁରୁତର

ନୟାଗଡ଼ , (ସବ୍ୟୁ): ନୟାଗଡ ଜିଲ୍ଲା ଟାଉନ ଥାନା ଅଧୀନ ଶୁଳିଆ ଗାଁରେ ବୋମାମାଡ଼ ହୋଇଛି । ଏହି ବୋମାମାଡ଼ରେ ୩ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।ମଙ୍ଗଳବାର ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଗାଁ ନିକଟରେ ବୁଲୁଥିଲେ । ଉକ୍ତ ରାସ୍ତା କାମ ଚାଲୁଥିବାରୁ ଦୁଇ ଜଣ ଯୁବକ ସିମେଣ୍ଟ ଜଗିବାକୁ ରାସ୍ତା ପାଖରେ ରହିଥିଲେ । ଦୁର୍ବୃତ୍ତଙ୍କ ଗତିବିଧି ଦେଖି ଗାଁ ଲୋକଙ୍କୁ ଡାକିଥିଲେ । ଗାଁ ଲୋକେ ଆସିବାରୁ ଦୁର୍ବୃତ୍ତ ତାଙ୍କ ଉପରକୁ ବୋମାମାଡ କରିଥିଲେ । ଏଥିରେ ଉପେନ୍ଦ୍ର ଖଟେଇ, ସୁମନ୍ତ ବାରିକ ଏବଂ ଶତ୍ରୁଘ୍ନ ବାରିକ ଗୁରୁତର ହୋଇ ନୟାଗଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।ବୋମାମାଡ କରି ୪ ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଜଣଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସର ଜିମା ଦେଇଛନ୍ତି । ଅଟକ ଅଭିଯୁକ୍ତ ଜଣକ କଇଥଗାଡିଆ ଗାଁର ଅକୃର ପ୍ରଧାନ ବୋଲି ଜଣାଯାଇଛି ।

# ଆଜିଠୁ ଲଙ୍ଗିଚ୍ୟୁଡିନାଲ କୋହର୍ଟ ଷ୍ଟଡିଜର ଜାତୀୟ କର୍ମଶାଳା

ଭୁବନେଶ୍ୱର(ସବ୍ୟୁ): ଭାରତରେ ହୃଦରୋଗ, ମଧୁମେହ ଓ ଯକୃତ ଜନିତ ସମସ୍ୟା କାରଣରୁ ବହୁ ଜୀବନ ଯାଉଛି । ଦେଶରେ ୩୬% ଲୋକଙ୍କ ଠାରେ ଫ୍ୟାଟି ଲିଭର ଜନିତ ରୋଗ ରହିଛି । ଯଦି ଆକ୍ରାନ୍ତ ପୂର୍ବରୁ ରୋଗ ଚିହ୍ନଟ କରାଯାଇପାରିବ, ତାହେଲେ ଏହା ନିରାକରଣ ହୋଇପାରିବ । ଏଥିପାଇଁ ସିଏସ୍ଆଇଆର ପକ୍ଷରୁ ଆସନ୍ତାକାଲି(ଗୁରୁବାର) ଆଜିଠୁ ଲଙ୍ଗିଚ୍ୟୁଡିନାଲ କୋହର୍ଟ ଷ୍ଟଡିଜର ଜାତୀୟ କର୍ମଶାଳା ଆୟୋଜନ ହେବ । ଏହାକୁ ଉଦଘାଟନ କରିବେ ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ତଥା ସିଏସ୍ଆଇଆର ଉପସଭାପତି ଜିତେନ୍ଦ୍ର ସିଂ ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇଏମଏମଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ,




ଆଇଜିବିଆଇର ନିର୍ଦ୍ଦେଶକ ସୌଭିକ ମାଇତି, ଡ. ସାନ୍ତନୁ ସେନଗୁପ୍ତା ଓ ଡ. ଭିରେନ ସର୍ଦନ କହିଥିଲେ, ଫେନୋମ୍ ଇଣ୍ଡିଆ-ସିଏସ୍ଆଇଆର୍ ହେଲଥ କୋହର୍ଟ ନଲେଜ ବେସ ଏକ ପ୍ରମୁଖ ପିଆଇ ଚେକ୍ । ୨୦୨୩ରେ ଆରମ୍ଭ ହୋଇଥିବା ପିଆଇ-ଚେକ୍ ୧୦,୦୦୦ରୁ ଅଧିକ ଲୋକଙ୍କୁ ପଞ୍ଜୀକରଣ କରିଥିଲା । ଏକ ସୁରକ୍ଷିତ ପୋର୍ଟାଲ ମାଧ୍ୟମରେ ସୁବିଧାଜନକ ତଥ୍ୟ ସଂଗ୍ରହରେ ପୋର୍ଟେବଲ୍ ଡାଇଗ୍ନୋଷ୍ଟିକ୍ ଉପକରଣ ବ୍ୟବହାର କରି ୪୮-୭୨ ଘଣ୍ଟା ମଧ୍ୟରେ ୩୭ଟି ଲ୍ୟାବରେ ଦ୍ରୁତ ନମୁନା ପ୍ରକ୍ରିୟାକରଣ ଏବଂ ରିପୋର୍ଟ ପ୍ରସାରଣ କରାଯାଇଥିଲା । ବିଶ୍ୱ ମଧୁମେହ ଦିବସ ସହିତ ସମନ୍ୱୟରେ ନଭେମ୍ବର ୨୦୨୫ ୧୩-୧୪ ପାଇଁ ସିଏସଆଇଆର-ଆଏମଏମଟି ବନେଶ୍ୱରରେ ସ୍ଥିର କରାଯାଇଥିଲା ।

## ନାଲ୍‌କୋ ପକ୍ଷରୁ ଆର୍ଥିକ ବର୍ଷ ୨୦୨୪ -୨୫ ପାଇଁ ଭାରତ ସରକାରଙ୍କୁ

# ୯୮୮.୮୮ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟଅଧୀନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ୨୦୨୪ - ୨୫ ଆର୍ଥିକ ବର୍ଷ ନିମନ୍ତେ ରେକର୍ଡ ପରିମାଣ ମୋଟ ୧,୯୨୮.୪୬ କୋଟି ଟଙ୍କାର ଲାଭାଂଶ(ଡିଭିଡେଣ୍ଡ) ପ୍ରଦାନ କରିଛି, ଯେଉଁଥିରେ ଭାରତ ସରକାରଙ୍କ ଅଂଶ ଭାବେ ୯୮୮.୮୮ କୋଟି ଟଙ୍କା ଅନ୍ତର୍ଭୁକ୍ତ । ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ୨୦୨୪ - ୨୫ ଆର୍ଥିକ ବର୍ଷ ପାଇଁ ସର୍ବକାଳୀନ ସର୍ବାଧିକ ୯୮୮.୮୮ କୋଟି ଟଙ୍କାର ଲାଭାଂଶ ଚେକ୍ ଖଣି ମନ୍ତ୍ରଣାଳୟର ସଚିବ ପୀୟୁଷ ଗୋୟଲଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏହି ଅବସରରେ



ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆଙ୍କ ସହିତ ମନ୍ତ୍ରଣାଳୟ ଏବଂ ନାଲକୋର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ୧୯୮୭ ମସିହାରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିଥିବା ନାଲକୋ ନିରନ୍ତର ଲାଭ ଅର୍ଜନ କରିଆସୁଛି ଏବଂ ୧୯୯୨ ମସିହାରୁ ଲାଭାଂଶ ଘୋଷଣା କରିଆସୁଛି। କମ୍ପାନୀ ଏପର୍ଯ୍ୟନ୍ତ ମୋଟ ୧୪,୩୩୧ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଛି ଯାହା ମଧ୍ୟରୁ ୯,୫୫୬ କୋଟି ଟଙ୍କା ଭାରତ ସରକାରଙ୍କୁ ପ୍ରଦାନ କରାଯାଇଛି। ସମ୍ପ୍ରତି, ନାଲକୋରେ ଭାରତ ସରକାରଙ୍କ ୫୧. ୨୮ ପ୍ରତିଶତ ଅଂଶଧନ ରହିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତଥା ପ୍ରଥମାର୍ଦ୍ଧରେ, ନାଲକୋ ରେକର୍ଡ ଫଳାଫଳ ହାସଲ କରିଛି । ଏଥି ସହ, ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ କମ୍ପାନୀ ପ୍ରତି ଇକ୍ୱିଟି ସେୟାର ପିଛା ୪ ଟଙ୍କା ହିସାବରେ ମୋଟ ୭୩୪.୬୫ କୋଟି ଟଙ୍କାର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ଘୋଷଣା କରିଛି ।

# ନିର୍ମାଣରେ ଅନିୟମିତତା : ଭୁଶୁଡ଼ି ଗଲା ଡ୍ରେନ

ବେତନଟୀ,(ସବ୍ୟୁ): ମାତ୍ର ବର୍ଷେ ପୂର୍ବରୁ ବାଲେଶ୍ୱର-ମୟୂରଭଞ୍ଜ ଜିଲ୍ଲା ସୀମା କଳମା ଠାରୁ ୧୮ ନଂ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ଆରମ୍ଭ ହୋଇଥିବା କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନତି ମୂଳକ କାମରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ପ୍ରଥମରୁ ହିଁ ଠିକାଦାର ଏହି କାମକୁ ନିମ୍ନମାନର କରୁଥିବା ଅଭିଯୋଗ ହୋଇ ଆସୁଥିଲେ ବି ବିଭାଗୀୟ କର୍ମଚାରୀ କେବେ ବି ଏ ଦିଗରେ ତତ୍ପରତା ଦେଖାଇ ନାହାନ୍ତି । ଫଳ ସ୍ୱରୂପ ରାଜପଥ ପାର୍ଶ୍ୱରେ କଳମା ଠାରୁ ଜାରକା ପର୍ଯ୍ୟନ୍ତ ନିର୍ମାଣାଧୀନ ଡ୍ରେନ କାର୍ଯ୍ୟ ନସରୁଣୁ ଭୁଶୁଡି ଗଲାଣି । ସୂଚନା ଅନୁଯାଇ ମାତ୍ର ବର୍ଷେ ପୂର୍ବରୁ ସ୍ଥାନୀୟ ବିଧାୟକ, ସାଂସଦ ଓ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ୧୮ ନଂ ଜାତୀୟ ରାଜପଥର କଳମା ଠାରୁ ବେତନଟୀ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ୧୦କୋଟି ଟଙ୍କାର ବ୍ୟୟ ବରାଦ ହେବା ସହିତ ଉପସ୍ଥିତ ଅତିଥିଙ୍କ କରକମଳରେ ଉଦଘାଟନ କରାଯାଇଥିଲା । ସେଥିରେ ଜାତୀୟ ରାଜପଥ ପାର୍ଶ୍ୱରେ ଆଲୋକୀକରଣ, ଅପ୍ରୋଚ ରୋଡ଼ ନିର୍ମାଣ ଓ ବ୍ୟାପକ ଡ୍ରେନଜ ନିର୍ମାଣ ପ୍ରଭୃତି କାର୍ଯ୍ୟ ଆରମ୍ଭ କରାଯିବା ନେଇ କଳମା



ଛକ ଠାରେ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଶିଳାନ୍ୟାସ କରାଯାଇଥିଲା । ପରେ ଏହି କାମ ସ୍ଥାନୀୟ ଠିକାଦାରଙ୍କ ଦାୟିତ୍ୱରେ ଦିଆଯାଇଥିଲା । ତେବେ ଏହି କାମ ଦୀର୍ଘଦିନ ଧରି ଆରମ୍ଭ ହୋଇଯାଇଥିଲେ ବି କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ବୋଲି ସ୍ଥାନୀୟ ଲୋକ ପ୍ରଥମରୁ ଅଭିଯୋଗ କରି ଆସୁଛନ୍ତି ।ପ୍ରଥମରୁ ଏହି କାମରେ ସଠିକ ମୋଟେଇର କଂକ୍ରିଟ ଢେଇ ପଡୁନଥିବାବେଳେ ସିମେଣ୍ଟ, ରଡ଼, ଚିପ୍ସ ଓ ବାଲି ଭାଗ ମାପରେ ବି ଅନିୟମିତତା ହୋଇଥିବାନେଇ ଅଭିଯୋଗ ହୋଇଛି । ଯାହାର ଫଳ ସ୍ୱରୂପ ନିର୍ମାଣ କାର୍ଯ୍ୟ ନସରୁଣୁ ବୈଶିଙ୍ଗା ଛକ ଠାରୁ ଅନତି ଦୂର ଜାରକା ଛକ ଉପକଣ୍ଠ ଫ୍ଲୋର ମିଲ ନିକଟରେ ଗତ ରାତିରେ ନିର୍ମାଣ ଧୀନ ଡ୍ରେନ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ଏନେଇ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମାଙ୍କ ସହିତ କଥା ହେବାରୁ ସେ ନିଜ ପ୍ରତିକ୍ରିୟା ରେ କହିଛନ୍ତି କି ସେ ଠିକାଦାରଙ୍କ ଦ୍ୱାରା ଭୁଶୁଡି ଯାଇଥିବା କାର୍ଯ୍ୟର ପୁନଃ ନିର୍ମାଣ କରିବେ ।

# ୬ଷ୍ଠ ଦିନର ଭାରତ ମସଲା ଲକି ଡ୍ର ଜିତିଲେ ଭାଗ୍ୟଶାଳୀ ବିଜେତା

## ଆଜି ମଧ୍ୟ ସମସ୍ତ ଅଫରର ସୁବିଧା ପାଇବେ ଗ୍ରାହକ

କଟକ,(ସବ୍ୟୁ): ଭାରତ ମସଲା ପକ୍ଷରୁ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ଦିବସ। ଆୟୋଜିତ ୬ଷ୍ଠ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତା ମାନଙ୍କର ଭାଗ୍ୟର କୁପନ ଗୁଡିକୁ ସର୍ବସମ୍ମୁଖରେ ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଭୁବନେଶ୍ୱରର ସଞ୍ଜିବ ସିଂ ଯିଏକି ମୁଖ୍ୟ ଅତିଥି ଏଡିଏମ ଦିବ୍ୟଲୋଚନ ମହାନ୍ତଙ୍କ ଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ୍ ଗ୍ରହଣ କରିଥିଲେ।

ସେହିପରି ୨ୟ ବିଜେତା କଟକ କଲ୍ୟାଣ ନଗରର ସୌଭାଗ୍ୟ ମଞ୍ଜରୀ ପ୍ରଧାନଙ୍କୁ ରେସିଂଗ ବାଇ ସାଇକେଲ। ୩ୟ ବିଜେତା ଜଗତପୁର କଟକର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଦେଉଳ ସାହିର ଅନିତା ସ୍ୱାଇଁଙ୍କୁ ଫ୍ରାୟୀଙ୍ଗ ପାନ୍ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାନ୍ତ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ।



ଆଜିର ଏହି କାର୍ଯ୍ୟକ୍ରମରେ , ତହସିଲଦାର କଟକ ସଦର, ତହସିଲଦାର ଟାଙ୍ଗୀ- ଚୌଦ୍ୱାର, ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା,ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଥିବାରୁ ଗ୍ରାହକ ମାନଙ୍କ ପାଇଁ ଭାରତ ମସଲା ପକ୍ଷରୁ ସମସ୍ତ ଅଫର ପୂର୍ବ ଦିନ ଗୁଡ଼ିକ ଭଳି ବଳବତ୍ତର ରହିବା ସହ ବମ୍ପର ପ୍ରାଇଜ୍ ର ଉଠାଣ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକରେ ପୁରସ୍କାର ବିତରଣ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ 'ମହକର ଶେଷ ତଥା ଦ୍ୱିତୀୟ ଦିନରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ଓ ରାଜ୍ୟ ଶିଶୁ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନେ ଯୋଗଦେଇ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତାରେ ସେମାନଙ୍କର ପାରଦର୍ଶିତା ପ୍ରତିପାଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୃତ୍ୟ, ସଂଗୀତ, ବକ୍ତୃତା, ଚିତ୍ରକଳା ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ସେମାନେ ସେମାନଙ୍କର ସୃଜନଶୀଳତା, ଦକ୍ଷତା ଏବଂ ଶୃଙ୍ଖଳାର ପରିଚୟ ଦେଇଥିଲେ । ଏହି ପୁରସ୍କାର ଉତ୍ସବରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ସମାଜକଲ୍ୟାଣ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତିବାସ ରାଉତ, ୟୁନିସେଫ୍‌ର ରାଜ୍ୟ ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ୍ ହଲୋନ୍ ଜୁନିୟର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଏଭଳି କାର୍ଯ୍ୟକ୍ରମ ଶିଶୁମାନଙ୍କ ପ୍ରତିଭାର ବିକାଶ ଓ ସେମାନଙ୍କୁ ଏକ ନୂତନ ସମ୍ଭାବନା ଦିଗରେ ଅଗ୍ରସର କରାଇବା ଦିଗରେ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେହିଭଳି ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମ୍‌ଠାରେ ତିନିଦିନିଆ 'ଉତ୍ସାହଦ କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା ଉପରେ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ତରଫରୁ ବୁଧବାର ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତି ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା ଆୟୋଜନ କରଯାଇଥିଲା । ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମୁଦ୍ରିକ ରାଜ୍ୟରେ ପରିଣତ କରିବା ପାଇଁ ଏକ ରଣନୈତିକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ବିଚାରବିମର୍ଷ ନିମନ୍ତେ ଏହି କର୍ମଶାଳାର ଆୟୋଜନ କରଯାଇଥିଲା । ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ୮ମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ରାଜ୍ୟର ଦୀର୍ଘକାଳୀନ ସାମୁଦ୍ରିକ ରଣନୀତିକୁ ଚୂଡ଼ାନ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିବା ପାଇଁ ବିଭିନ୍ନ ବିଭାଗ ଏବଂ ଏଜେନ୍ସିଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରାଯାଇଥିଲା। ପ୍ରକଳ୍ପର ବୈଷୟିକ ପରାମର୍ଶଦାତା ନ୍ୟାସନାଲ ଟେକ୍ନୋଲୋଜି ସେଣ୍ଟର ଫର ପୋର୍ଟସ୍, ୱାଟରୱେଜ୍ ଆଣ୍ଡ କୋଷ୍ଟସ୍ ,ଆଇଆଇଟି ମାଡ୍ରାସ ଦ୍ୱାରା ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (୨୦୨୫ - ୨୦୫୦) ପ୍ରସ୍ତୁତ କରାଯାଉଛି। ଏହି ଯୋଜନା ସାଗରମାଳା, ପ୍ରଧାନମନ୍ତ୍ରୀ ଗତି ଶକ୍ତି ଏବଂ ସାମୁଦ୍ରିକ ଭାରତ ଦୃଷ୍ଟିକୋଣ ୨୦୩୦ ଭଳି ପ୍ରମୁଖ ଜାତୀୟ ପଦକ୍ଷେପ ସହିତ ରଣନୈତିକ ଭାବରେ ସଂଲଗ୍ନ, ରାଜ୍ୟ ଏବଂ ଜାତୀୟ ସାମୁଦ୍ରିକ ବିକାଶ ଲକ୍ଷ୍ୟ ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ସୁନିଶ୍ଚିତ କରୁଛି। ଏନ୍‌ଟିସିପିଡବ୍ଲ୍ୟୁସି, ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଡ୍ରାଫ୍ଟ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉପସ୍ଥାପନ କରିଥିଲେ, ଯାହା ଓଡ଼ିଶାର ୫୭୫ କିଲୋମିଟର ଉପକୂଳ ଏବଂ ନଦୀର ବିଶାଳ ନେଟୱାର୍କର ପୂର୍ଣ୍ଣ ସମ୍ଭାବନାକୁ ଅନଲକ୍ କରିବା ପାଇଁ ଏକ ପର୍ଯ୍ୟାୟବଦ୍ଧ ଏବଂ ସ୍ଥାୟୀ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଓଡିଶା ମାରିଟାଇମ ଦୃଷ୍ଟିକୋଣ ଛଅଟି ରଣନୈତିକ ସ୍ତମ୍ଭ ଉପରେ ଗଠିତ: ସାମୁଦ୍ରିକ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସକୁ ବୃଦ୍ଧି କରିବା ପାଇଁ ବିଦ୍ୟମାନ ବନ୍ଦର ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ନୂତନ ବନ୍ଦର ବିକାଶ କରିବା, ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସ ସହିତ ବନ୍ଦର ଏବଂ ଜଳପଥକୁ ସଂଯୋଗ କରି ବହୁମୁଖୀ ସଂଯୋଗକୁ ସୁଦୃଢ଼ କରିବା , ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ମତ୍ସ୍ୟଜୀବିକା, ଜଳପାଳନ ଏବଂ ଉପକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା , ପରିବେଶଗତ ଭାବରେ ସ୍ଥାୟୀ ଏବଂ ଜଳବାୟୁ-ପ୍ରତିରୋଧୀ ଉପକୂଳ ସମ୍ପତ୍ତି ନିର୍ମାଣ କରିବା ,ବର୍ଦ୍ଧିତ ସାମୁଦ୍ରିକ ଅର୍ଥନୀତିର ଆବଶ୍ୟକତା ପୂରଣ କରିବା ପାଇଁ ମାନବ ପୁଞ୍ଜି ବିକାଶ କରିବା ଏବଂଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ବନ୍ଦର-ଭିତ୍ତିକ ଶିଳ୍ପ ପାଇଁ କେନ୍ଦ୍ର ପ୍ରତିଷ୍ଠା କରିବା ।ଓଡ଼ିଶା ସାମୁଦ୍ରିକ ବୋର୍ଡ, ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ, ପର୍ଯ୍ୟଟନ ବିଭାଗ, ଇସ୍ପାତ ଏବଂ ଖଣି ବିଭାଗ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣର ବରିଷ୍ଠ ପ୍ରତିନିଧିମାନେ ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ପ୍ରୋଷ୍ଟର ଡକ୍ଟର ପୂର୍ଣ୍ଣେନ୍ଦୁ ମିଶ୍ର ମଧ୍ୟ ଯୋଗଦେଇ ଆଲୋଚନା ସମୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ବୈଠକରେ ଅନ୍ତର୍ଭୁକ୍ତ ଏବଂ ପରିବେଶଗତ ଭାବରେ ଦାୟୀ ଉପକୂଳ ବିକାଶ ପାଇଁ ରଣନୀତି ସହିତ ବନ୍ଦର ବିକାଶ, ମତ୍ସ୍ୟଚାଷ ଏବଂ ଜଳପଥକୁ ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସ ସହିତ ସମନ୍ୱିତ କରିବା ଉପରେ ଗଭୀର ଆଲୋଚନା କରାଯାଇଥିଲା। ଏହି ଅବସରରେ ପ୍ରମୁଖ ସଚିବ ଶ୍ରୀମତୀ ପାଢୀ ୨୦୪୭ ସୁଦ୍ଧା ଏକ ଅଗ୍ରଣୀ ସାମୁଦ୍ରିକ ରାଜ୍ୟ ହେବାର ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରମାଣ-ଭିତ୍ତିକ ଯୋଜନା ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଓଏମ୍‌ପିପି ଏକ ଜୀବନ୍ତ ଦଲିଲ୍ ଭାବରେ କାର୍ଯ୍ୟ କରିବ, ସ୍ପଷ୍ଟ ସମୟସୀମା ଏବଂ କାର୍ଯ୍ୟଦକ୍ଷତା ସୂଚକ ସହିତ ରାଜ୍ୟର ପ୍ରୟାସକୁ ମାର୍ଗଦର୍ଶନ କରିବ । ସମସ୍ତ ଅଂଶଗ୍ରହଣକାରୀ ବିଭାଗ ଏବଂ ଏଜେନ୍ସିଗୁଡ଼ିକୁ ସରକାରଙ୍କ ନିକଟରେ ଚୂଡ଼ାନ୍ତ ଦାଖଲ କରିବା ପୂର୍ବରୁ ଡ୍ରାଫ୍ଟ ଓଏମପିପିକୁ ପରିମାର୍ଜିତ କରିବା ପାଇଁ ସେମାନଙ୍କର ମତାମତ ଏବଂ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା। ଅନୁମୋଦିତ ହେବା ପରେ, ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା ରାଜ୍ୟର ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ଅଭିବୃଦ୍ଧି ପାଇଁ ଏକ ନିର୍ଣ୍ଣାୟକ ବ୍ଲୁପ୍ରିଣ୍ଟ ଭାବରେ କାର୍ଯ୍ୟ କରିବ, ଯାହା ଓଡ଼ିଶାକୁ ପୂର୍ବ ଭାରତର ସାମୁଦ୍ରିକ ପ୍ରବେଶପଥ ଭାବରେ ସ୍ଥାନିତ କରିବ।

# ବ୍ୟାଙ୍କ ଆଗରୁ ବାଇକ୍ ଚୋରି

ସୋର,(ସବ୍ୟୁ): ସୋର ପୌରପାଳିକା ଅନ୍ତର୍ଗତ ଆଶ୍ରମଛକରେ ଥିବା ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ସୋର ଥାନା କେଦାରପୁର ଗ୍ରାମର ଅଭିଷେକ ବାରିକ କୌଣସି କାମରେ ଆସି ଇଣ୍ଡିଆନ ବଯାଙ୍କ ସମ୍ମୁଖରେ ନିଜର ଓଡ଼ି ୦୧ ଜେଡ ୨୫୨୦ ନମ୍ବର ବିଶିଷ୍ଟ ହୋଣ୍ଡାୟୁନିକର୍ଣ୍ଣ ବାଇକଟିକୁ ରଖି ବଯଙ୍କକୁ ଯାଇଥିଲେ । ବଯାଙ୍କରୁ ଫେରି ବାଇକଟିକୁ ରଖିଥିବା ସ୍ଥାନରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ପରେ ନିରାଶ ହୋଇ ବାଇକଟି ଚୋରି ହୋଇଥିବା ଜାଣିବା ପରେ ସୋର ଥାନାରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।


ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏକାଦଶାହ ଉପଲକ୍ଷେ

"ନୈନଂ ଛନ୍ଦନ୍ତି ଶାସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟା ପୋ ନ ଶୋଷୟତି ମାରୁତଃ"



ସ୍ୱର୍ଗୀୟା ସୁଚିତ୍ରାରାଣୀ ପଟ୍ଟନାୟକ

ଆବିର୍ଭାବ : ୨୯.୪.୧୯୭୧
ତିରୋଧାନ : ୦୩.୧୧.୨୦୨୫

ମାମି ତୁମେ ଆମକୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ । ଚାହୁଁ ଚାହୁଁ ଦଶ ଦିନ ବିତିଗଲା । ଆଜି ତୁମର ଏକାଦଶାହ । ତୁମେ ଯେଉଁଠି ବି ଥାଅ ମହାପ୍ରଭୁ ଜଗନ୍ନାଥ ତୁମ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଇତି ତୁମର ହତଭାଗ୍ୟ ସ୍ୱାମୀ
ବିଶ୍ୱଜିତ୍ ପଟ୍ଟନାୟକ

ଶୋକସନ୍ତପ୍ତ : ଅଭିଜିତ୍ ପଟ୍ଟନାୟକ (ପୁତ୍ର), ଲିପ୍‌ସିତା ପଟ୍ଟନାୟକ (କନ୍ୟା), ସତ୍ୟଜିତ ପଟ୍ଟନାୟକ (ଦିଅର), ଇନ୍ଦ୍ରଜିତ ମହାନ୍ତି (ଜ୍ବାଇଁ), ବନ୍ଧୁ ଓ ପରିବାରବର୍ଗ ।

## ଏସ୍ଆଇ ନିଯୁକ୍ତି କେଳେଙ୍କାରୀ

# ମୁଖ୍ୟ ଅଭିଯୁକ୍ତ ଶଙ୍କରର ସହଯୋଗୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏସ୍ଆଇ ନିଯୁକ୍ତି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପ୍ରଷ୍ଟିର ଘନିଷ୍ଠ ସହଯୋଗୀ ତଥା କେୟାରଟେକର କୁହାଯାଉଥିବା ସାଗର କୁମାର ଗୌଡ (୨୨)କୁ ଗିରଫ କରିଛି କ୍ରାଇମ୍ବ୍ରାଞ୍ଚ । ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସଦର ବାଲିପଡା ତା'ଘର ହୋଇଥିବା ବେଳେ ସେ ଏମ୍କେସିଜି ମେଡିକାଲ କଲେଜ କ୍ୟାମ୍ପସ୍ରେ ରହୁଥିଲା ।

ସାଗର ସମ୍ପର୍କରେ କ୍ରାଇମ୍ବ୍ରାଞ୍ଚ ତଦନ୍ତକାରୀ ଟିମ୍ ହାତରେ ତଥ୍ୟ ଲାଗିବାରୁ ତାକୁ ହାଜର ହେବାକୁ ନୋଟିସ୍ କରାଯାଇଥିଲା । ନୋଟିସ୍ ଅନୁଯାୟୀ ସେ ହାଜର ହେବା ପରେ ତାକୁ ଜେରା କରିଥିଲା କ୍ରାଇମ୍ବ୍ରାଞ୍ଚ ଟିମ୍ । ତା'ଆକାଉଣ୍ଟରେ ଯେଉଁ ଟଙ୍କା କାରବାର ହେଉଛି, ସେ ସମ୍ପର୍କରେ ତଥ୍ୟ ଦେଇ ନପାରିବାରୁ ଗିରଫ କରାଯାଇଥିବା କ୍ରାଇମ୍ବ୍ରାଞ୍ଚ ସୂତ୍ରରୁ ସୂଚନା ମିଳିଛି ।

ଏସ୍ଆଇ ନିଯୁକ୍ତି କେଳେଙ୍କାରୀର ବାଲେଶ୍ୱର ମଣ୍ଡଳ ଭାବେ ସାଗର କାମ କରୁଥିଲା । ବିଭିନ୍ନ ଏଜେଣ୍ଟଙ୍କ ସହ ସେ ଯୋଗାଯୋଗରେ ରହି ଟଙ୍କା ସଂଗ୍ରହ କରୁଥିବା ଜଣାପଡିଥିଲା । ସେପ୍ଟେମ୍ବର ୨୯ ତାରିଖରେ ସେ ଦିଘା ଯାଇଥିବା ବେଳେ ଏସ୍ଆଇ ଚାକିରି ପାଇଁ ଜଣେ ଆଶାୟୀ ତା' ରହିବା ପାଇଁ ହୋଟେଲ ବୁକ୍ କରିଥିଲା । ସେଠି ହୋଟେଲରେ ରହି ଏଜେଣ୍ଟମାନଙ୍କ ସହ ଚାକିରି ଆଶାୟୀଙ୍କ ସମ୍ପର୍କରେ କଥା ହୋଇ ୨୫ଲକ୍ଷ ଟଙ୍କା କିପରି ଦେବେ ତାହା ଆଲୋଚନା କରିଥିଲା । ମୁଖ୍ୟତଃ ସେ ଶଙ୍କର ପ୍ରଷ୍ଟି କରୁଥିବା କାରବାରର କେୟାରଟେକର ଭାବେ କାର୍ଯ୍ୟ କରୁଥିଲା । ଏସ୍ଆଇ ନିଯୁକ୍ତି କେଳେଙ୍କାରୀରେ ୧୧୪ଜଣ ଆଶାୟୀ ଗିରଫ ହୋଇଥିବା ବେଳେ ସାଗରକୁ ମିଶାଇ ୧୧ଜଣ ଦଲାଲ ଗିରଫ ହେଲେଣି ।ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଥିଲା ବେଳେ କ୍ରାଇମ୍ବ୍ରାଞ୍ଚ ଠାରୁ ସିବିଆଇ ତଦନ୍ତକାରୀ ଟିମ୍ କାଗଜପତ୍ର ହାତକୁ ନେବ । ଏହା ପୂର୍ବରୁ କ୍ରାଇମ୍ବ୍ରାଞ୍ଚ ଗିରଫଦାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ୧୧ଜଣ ଦଲାଲଙ୍କୁ ଗିରଫ କରିଥିବା ବେଳେ କୌଣସି ବଡ ଅଫିସରଙ୍କୁ ହାତ ମାରିନାହିଁ । ଦଲାଲ ଓ ଏଜେଣ୍ଟଙ୍କୁ ଶଙ୍କର ପ୍ରଷ୍ଟି ମନିଟରିଂ କରୁଥିବା ବେଳେ ଶଙ୍କରକୁ କେଉଁ ନେତା ଓ ଅଫିସର ମନିଟରିଂ କରୁଥିଲେ ତାହା ସ୍ପଷ୍ଟ ହୋଇପାରିନାହିଁ । ଯେଉଁ ୨୫ଲକ୍ଷ ଲେଖାଏଁ ଟଙ୍କା ଚାକିରି ଆଶାୟୀଙ୍କ ଠାରୁ ଆଦାୟ ହେଉଥିଲା ତାହା କେଉଁମାନଙ୍କ ମଧ୍ୟରେ କିଭଳି ଭାଗବଣ୍ଟା ହେଉଥିଲା କ୍ରାଇମ୍ବ୍ରାଞ୍ଚ ଗଣମାଧ୍ୟମକୁ ସ୍ପଷ୍ଟ ସୂଚନା ଦେଇନାହିଁ । ମିଳିଥିବା ସୂଚନା ଅନୁଯାୟୀ ଶଙ୍କର ପ୍ରଷ୍ଟି ୧୦ଲକ୍ଷ ରଖୁଥିବା ବେଳେ ୧୫ଲକ୍ଷ ଅଫିସର ଓ ଅନ୍ୟମାନଙ୍କୁ ଦିଆଯାଉଥିଲା । ବାସ୍ତବରେ ଏସ୍ଆଇ ନିଯୁକ୍ତି କେଳେଙ୍କାରୀରେ କି ପ୍ରକାର ନାଟକ ଚାଲିଥିଲା ସିବିଆଇ ତଦନ୍ତ କଲେ ସ୍ପଷ୍ଟ ହେବ ବୋଲି ମତପ୍ରକାଶ ପାଇଛି ।

## ଭୁବନେଶ୍ୱରରେ ଆରମ୍ଭ ହେଲା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫

# ଓଡ଼ିଆ ଚଳଚ୍ଚିତ୍ରର ହୃତଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଏଥିରେ ଅନେକ ସ୍ମୃତି ଜଡ଼ିତ ହୋଇ ରହିଛି । ଆମେ ଯେତେବେଳେ ଏହାର ସଂରକ୍ଷଣ ପାଇଁ ଉଦ୍ୟମ କରୁଛୁ ନିଶ୍ଚିତ ରୂପେ ଏହି ସ୍ମୃତି ସବୁ ଜୀବିତ ହେବ ଏବଂ ଆଗାମୀ ପିଢ଼ି ଏଥିରୁ ପ୍ରେରଣା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱର କଳାଭୂମି ଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ର ଐତିହ୍ୟର ସୁରକ୍ଷା ପାଇଁ ଏହି କର୍ମଶାଳା ଏକ ଯୁଗପୋଯୋଗୀ ପଦକ୍ଷେପ । ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍ସ୍ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ୨୦୨୫ର ଦଶମ ସଂସ୍କରଣ ଆୟୋଜିତ ହୋଇଛି । ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି । ଏହି କର୍ମଶାଳା ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନ ଅବସରରେ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ୱହିଦା ରେହମାନ ଉପସ୍ଥିତ ଥିବାବେଳେ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ । ଉପସ୍ଥିତ ଚଳଚ୍ଚିତ୍ର ନିର୍ମାତା, ଗବେଷକ ଓ ସଂରକ୍ଷକଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳଚ୍ଚିତ୍ର ସଂରକ୍ଷଣ କେବଳ ଏକ ଟେକ୍ନିକାଲ୍ କାମ ନୁହେଁ, ଏହା ଏକ ସାଂସ୍କୃତିକ ଦାୟିତ୍ୱ । ଏହି କର୍ମଶାଳା ଆମର ଚଳଚ୍ଚିତ୍ର ନିର୍ମାତା ଓ ଚଳଚ୍ଚିତ୍ର ସହ ସମ୍ପୃକ୍ତ ସମସ୍ତଙ୍କୁ ସଶକ୍ତ କରିବା ସହିତ ଆମର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବିଶ୍ୱସ୍ତରୀୟ ମାର୍ଗଦର୍ଶନ ପ୍ରଦାନ କରିବ । ୧୯୭୩ ମସିହାରେ ନିର୍ମିତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର କନକଲତା ଓ ୧୯୮୪ ରେ ନିର୍ମିତ ହୋଇଥିବା ମାୟାମିରିଗ ଚଳଚ୍ଚିତ୍ରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍‌ଦକୁ ଧନ୍ୟବାଦ ଦେଇଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିଥିଲେ । ଏଥିସହିତ ଓଡ଼ିଆ ଚଳଚ୍ଚିତ୍ରର ହୃତଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉପସ୍ଥିତ ଥିଲେ । ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଅମିତାଭ ବଚ୍ଚନ ଆଭାସୀ ମାଧ୍ୟମରେ ଓଡ଼ିଶା ସରକାରଙ୍କ ଏହି ଆୟୋଜନ ପାଇଁ ଖୁସିବ୍ୟକ୍ତ କରି କହିଥିଲେ ଯେ, ଓଡ଼ିଶାର ଏକ ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି । ଏହି ପରମ୍ପରା ୧୯୩୬ ମସିହାରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ସୀତାବିବାହ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଛି । ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡ଼ିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ୱହିଦା ରେହମାନ ଚଳଚ୍ଚିତ୍ର ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରି ଧନ୍ୟବାଦ ଦେଇଥିଲେ । ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ ପକ୍ଷରୁ ରବିନ୍ ବେକରଙ୍କୁ ଆଉଟଷ୍ଟାଣ୍ଡିଙ୍ଗ ଫିଲ୍ମ ହେରିଟେଜ ପୁରସ୍କାର ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ ଚମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ତଥା ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ତାରକା ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଅଭିନେତା ପ୍ରଶାନ୍ତ ନନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, କନକଲତା ଚଳଚ୍ଚିତ୍ରର ନିର୍ମାତା ଘନଶ୍ୟାମ ମହାପାତ୍ର ଏବଂ ଚଳଚ୍ଚିତ୍ର ସହ ସମ୍ପୃକ୍ତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।




# ଆଇସିସି ପକ୍ଷରୁ " ୫ମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ"

ଭୁବନେଶ୍ୱର : ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶାର ମିଳିତ ଆନୁକୂଲ୍ୟରେ 'ଜଳବାୟୁ ପରିବର୍ତ୍ତନ ଉପରେ ସମ୍ମିଳନୀର ୫ ମ ସଂସ୍କରଣ ସ୍ଥାନୀୟ ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଯାହାର ଶୀର୍ଷକ ଥିଲା ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ପରସ୍ପର ସଂଯୋଗ, ପ୍ରଭାବ ଏବଂ ସମନ୍ୱିତ ସମାଧାନ ଅନୁସନ୍ଧାନ । ଆଇସିସି ପୂର୍ବତନ ଅଧ୍ୟକ୍ଷ ଜେ ବି ପାଣି ଅଧ୍ୟକ୍ଷତା କରି କହିଥିଲେ ଯେ ଓଡିଶାରେ ଅଧିକ ଶିଳ୍ପାଞ୍ଚଳ ରହିଛି । ଯାହା ମିନେରାଲ ବେସ୍ । ଯେଉଁଥି ପାଇଁ ଅଧିକ ବାୟୁ ପ୍ରଦୂଷଣ ହେଉଛି । ଚାଇନା ଟେକ୍ନୋଲୋଜି ବ୍ୟବହାର କରି ପ୍ରଦୂଷଣ କମେଇବାରେ ସଫଳ ହୋଇଛି । ଯେତେ କାର୍ବନ ଡାଇଅକ୍ସାଇଡ୍ ବାୟୁମଣ୍ଡଳକୁ ଯାଉଛି, ତାହାକୁ ଆବଜର୍ଭ କରିବା ଦରକାର । ଆମକୁ ନ୍ୟୁକ୍ଲିୟର ଓ ନବୀକରଣ ଯୁକ୍ତ ଶକ୍ତି ଉପରେ ଫୋକସ କରିବା ଆବଶ୍ୟକ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ ଯୋଗଦେଇ କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ା ହୋଇଛି ।ସରକାର ପ୍ରଦୂଷଣ କମାଇବାକୁ ଅନେକ ପଦକ୍ଷେପ ନେଉଛନ୍ତି ।ଆମେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେବା ଦରକାର । ପ୍ଲାଷ୍ଟିକ ବ୍ୟବହାର କମିବା ଦରକାର । ରାସ୍ତା ଧୂଳି ହେତୁ ପ୍ରଦୂଷଣ ବୃଦ୍ଧି ପାଉଛି । ବିଲ୍ଡିଂ ତିଆରି ପାଇଁ ମଧ୍ୟ ପ୍ରଦୂଷଣ ବଢୁଛି । ପ୍ରଦୂଷଣ କମାଇବାକୁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ । ମୁଖ୍ୟ ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ସଚିବ ଭୁପିନ୍ଦର ସିଂ ପୁନିଆ କହିଥିଲେ ଯେ ଜଳବାୟୁ ପ୍ରଦୂଷଣ ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । କେବଳ ଯେ ଶିଳ୍ପାଞ୍ଚଳ ଯେ ପ୍ରଦୂଷଣର କାରଣ ତାହା ନୁହେଁ ଆମ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଏହାର କାରଣ ପାଲଟିଛେ । ସଚେତନତା ହିଁ ପ୍ରଦୂଷଣ କୁ କମାଇ ପାରିବ ବୋଲି ସେ ମତ ଦେଇଥିଲେ । ଏମଏସଏମଇ ନିର୍ଦ୍ଦେଶକ ଅବୋଲି ସୁନିଲ ନାରାଭାନେ କହିଥିଲେ ପରିବେଶ, ଜଳବାୟୁ ପରିବର୍ତ୍ତନ ବିପଦ ଆମ ଅନୁମାନ ଠାରୁ ଗଭୀର । ତ୍ୱରିତ ଶିଳ୍ପାୟନ, ମାନବ କାର୍ଯ୍ୟକଳାପ ଏହାର ଉପରେ ବିପର୍ଯ୍ୟସ୍ତ ପ୍ରଭାବ ପକାଇଥାଏ । ଏହାର ସମାଧାନ କ୍ଷେତ୍ରରେ ପଦକ୍ଷେପ ନେଇ ଆମେ ଦୃଷ୍ଟି ଦେବା ଆବଶ୍ୟକ । କାର୍ଯ୍ୟକ୍ରମରେ ସହ ଆବାହକ ଇଂ ରାଜେଶ କାନୁନଗୋ, ରାଜ୍ୟ କାରଖାନା ଓ ବାଷ୍ପିୟ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଡ.ମଳୟ କୁମାର ପ୍ରଧାନ , ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ ଜଳବାୟୁ ପରିବର୍ତ୍ତନ ଉପରେ ମତ ରଖିଥିଲେ । ଶେଷରେ ଆବାହକ ଇଏସ୍ଏଚ୍ କମିଟି ଆଇସିସି ରାଜ୍ୟ ପରିଷଦ ଡ଼କ୍ଟର ଏନ୍.ଆର୍ ସାହୁ, ଧନ୍ୟବାଦ ଅର୍ପଣ କରିଥିଲେ । ଦିବସବ୍ୟାପୀ କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବିଶିଷ୍ଟ ବ୍ୟକ୍ତି ବିଶେଷ, ପେନାଲିଷ୍ଟ ଭାଗ ନେଇ ନିଜର ମତ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ ଆଇସିସି ରାଜ୍ୟ ପରିଷଦର ଯୁଗ୍ମ ନିର୍ଦ୍ଦେଶକ ଜେ ପି ପାଲଙ୍କ ସହ ଆଇସିସିର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।




## ଲୁଧିଆନାରେ ୩୩ତମ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହ

# ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପଞ୍ଜାବର ଲୁଧିଆନାରେ ଅନୁଷ୍ଠିତ ୩୩ତମ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହରେ ଯୋଗଦେଇ ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାରର ଆୟୋଜନ କେବଳ ସମ୍ମାନ ଦେବା ପାଇଁ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣରେ ଶିକ୍ଷା, ସେବା ଏବଂ ସ୍ୱଦେଶୀ ଚିନ୍ତାଧାରାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନର ପ୍ରତୀକ । ବର୍ତ୍ତମାନ ସମଗ୍ର ଦେଶରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍'ର ୧୫୦ ଗୌରବମୟ ବର୍ଷ ପାଳନ କରାଯାଉଛି । ଏହି ଗୀତ ଆମକୁ ସ୍ୱରାଜ୍ୟ ପାଇଁ ସଂଘର୍ଷ କରିବାକୁ ଶକ୍ତି ଦେଇଥିଲା । ଅପରପକ୍ଷରେ ଏହି ଅବସର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସଂକଳ୍ପ ଦିଗରେ ଦେଶବାସୀଙ୍କୁ ଅଗ୍ରସର କରାଉଛି । ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଅର୍ଥନୀତିର ଶତାବ୍ଦୀ । ଏହି ଦିଗରେ ଜାତୀୟ ଶିକ୍ଷା ନୀତି ଏକ ବୈପ୍ଲବିକ ପଦକ୍ଷେପ । ଶ୍ରୀ ପ୍ରଧାନ କହିଛନ୍ତି ଯେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନର ପ୍ରକୃତ ସାର୍ଥକତା ସେତେବେଳେ ହେବ, ଯେତେବେଳେ ଆମେ ସମସ୍ତେ ମିଳିମିଶି ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା । ଏହା ଦ୍ୱାରା ନିଜର ବୈଭବ, ସାମର୍ଥ୍ୟ ଏବଂ ସଂସ୍କାରରେ ପରିପୂର୍ଣ୍ଣ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରୂପରେ ବିଶ୍ୱ ସମ୍ମୁଖରେ ଉଭା ହେବ ।



# ଶାମ୍ଭବୀ ପୁରସ୍କାର ୨୦୨୬ ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) : ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ୧୩ତମ ଶାମ୍ଭବୀ ପୁରସ୍କାର ପାଇଁ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି, ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ଏବଂ ସଂଗଠନରୁ ଆବେଦନ ଆମନ୍ତ୍ରଣ କରୁଛି । ଏହି ପୁରସ୍କାରରେ ୫ ଲକ୍ଷ ଟଙ୍କା ନଗଦ ପୁରସ୍କାର, ଏକ ପ୍ରଶସ୍ତୀକରଣ ଏବଂ ଏକ ଟ୍ରଫି ଅନ୍ତର୍ଭୁକ୍ତ, ଯେତେବେଳେ ଜୁରୀ ପ୍ରଶଂସା ପ୍ରମାଣପତ୍ରରେ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର ସହିତ ଏକ ପ୍ରଶସ୍ତୀକରଣ ପ୍ରଦାନ କରାଯାଏ । ତୃଣମୂଳ ସ୍ତରରେ ସମ୍ପ୍ରଦାୟରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଥିବା ସାମାଜିକ ପରିବର୍ତ୍ତନର ଚାମ୍ପିଅନମାନଙ୍କୁ ଉତ୍ସାହିତ ଏବଂ ପ୍ରେରଣା ଦେବା ପାଇଁ ୨୦୧୪ ରେ ବିଆଇପିଏଫ୍ ଦ୍ୱାରା ୩୯ଶାମ୍ଭବୀ ପୁରସ୍କାର୩୯ ପ୍ରତିଷ୍ଠା କରାଯାଇଥିଲା । ଗତ ଦଶନ୍ଧି ଧରି, ଏହି ପୁରସ୍କାର ମାଧ୍ୟମରେ, ବିଆଇପିଏଫ୍ ସାମାଜିକ ନିବେଶକ ଏବଂ ସଂଗଠନଗୁଡ଼ିକର ଏକ ବ୍ୟାପକ ନେଟୱାର୍କ ସହିତ ସେମାନଙ୍କୁ ପ୍ରକାଶ କରି ସେମାନଙ୍କର ପହଞ୍ଚକୁ ବିସ୍ତାର କରିବା ପାଇଁ ପରିବର୍ତ୍ତନକାରୀ ମାନଙ୍କୁ ସମର୍ଥନ କରିଛି । ଏହି ବର୍ଷ, ବିଆଇପିଏଫ୍ ସାମାଜିକ ନବସୃଜନ ଉପରେ ଏକ ନୂତନ ଧ୍ୟାନ ପ୍ରଦାନ କରିଛି ଯାହା ଦ୍ୱାରା ଷ୍ଟାର୍ଟଅପ୍, ଉଦ୍ୟୋଗୀ, ଛାତ୍ର, ଅଣ ସରକାରୀ ସଂଗଠନ, ସି ଏସ୍ ଆର୍ ବୃତ୍ତିଗତ ଏବଂ ଶିକ୍ଷା,ସ୍ୱାସ୍ଥ୍ୟସେବା, ଜୀବିକା, ଜଳ ଏବଂ ପରିମଳ, ମହିଳା ସଶକ୍ତିକରଣ, ଏବଂ ସମ୍ପ୍ରଦାୟ କଲ୍ୟାଣ ପାଇଁ ସମର୍ଥନରେ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଅପାରମ୍ପରିକ, ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ପ୍ରସ୍ତୁତ କରିଥିବା ସଂଗଠନ ଗୁଡ଼ିକୁ ଉତ୍ସାହିତ କରାଯାଇପାରିବ । ଚୟନ ସୃଷ୍ଟି ହୋଇଥିବା ପ୍ରଭାବ, ସ୍ଥାୟୀତ୍ୱ, ସମ୍ପ୍ରଦାୟ ଅଂଶଗ୍ରହଣ, ସ୍କେଲେବଲିଟି, ନବସୃଜନ ଏବଂ ହିତାଧିକାରୀଙ୍କ ସଂଖ୍ୟା ଭଳି ମାନଦଣ୍ଡ ଉପରେ ଆଧାରିତ । ସରକାର, ଶିକ୍ଷା, ଶିଳ୍ପ, ଗଣମାଧ୍ୟମର ସମ୍ମାନିତ ନେତା ଏବଂ ବିଆଇପିଏଫ୍ର ପ୍ରତିନିଧିଙ୍କୁ ନେଇ ଗଠିତ ଏକ ସ୍ୱାଧୀନ ଜୁରି ପ୍ୟାନେଲ ପ୍ରତିବର୍ଷ ବିଜେତା ମାନଙ୍କର ବିଚାର କରନ୍ତି । ଆଗ୍ରହୀ ଆବେଦନକାରୀ ମାନେ ଆମର ୱେବସାଇଟ୍ www.bipf.org ରେ ଶାମ୍ଭବୀ ପୁରସ୍କାର ପାଇଁ ବିବରଣୀ ଏବଂ ଫର୍ମ ପାଇପାରିବେ । ଦାଖଲର ଶେଷ ତାରିଖ ହେଉଛି ନଭେମ୍ବର ୩୦, ୨୦୨୫ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ

ଜଟଣୀ, (ସବ୍ୟୁ) : ଜଟଣୀସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିସରରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ପ୍ରାଣୀ ଚିକିତ୍ସକ ଆଶିଷ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ପୌର ଅଧକ୍ଷ ଅନନ୍ତ ବେହେରା, ତହସିଲଦାର ଶିବାଶିଷ ପରିଡା, ବିଡ଼ିଓ ବସନ୍ତକୁମାର ହାତୀ, ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍ଡ଼ିଭିଓ ଡ ସଂଜୀବନୀ ପଟେଲ, ବିଭିଓ ପୁଣ୍ୟପ୍ରଭା ଶତପଥୀ, ଏମ୍ଭିୟୁ ଡ ଅନୁପମା ଜେନା, ଭାସ ଜଟଣୀ ଶୁଭଶ୍ରୀ ଷଡ଼ଙ୍ଗୀ, ଏଏଫଓ ଜଟଣୀ ମାନସରଞ୍ଜନ ଶବର, ଏଏଫଓ ଖୋର୍ଦ୍ଧା ମୋନାଲିସା ମଲ୍ଲିକ, ହେଡ୍ କ୍ୱାଟର ଏଏଫଓ ଅମ୍ରିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ମେଳାରେ ବ୍ଲକ ଅନ୍ତର୍ଗତ ୧୫ ଟି ପଞ୍ଚାୟତରୁ ବହୁ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ମେଳା ପରିସରରେ ଚାଷୀ ତଥା ମହିଳା ଗୋଷ୍ଠିର ସଦସ୍ୟାଙ୍କ ଅବଗତି ନିମନ୍ତେ ବିଭିନ୍ନ ଚାଷ ସମ୍ବନ୍ଧୀୟ ୧୨ ଗୋଟି ଷ୍ଟଲ ମାନ ପ୍ରଦର୍ଶିତ କରାଯାଇଥିଲା । ଉଲ୍ଲେଖନୀୟ କାର୍ଯ୍ୟାବଳୀ ପାଇଁ ମତ୍ସ୍ୟ ବିଭାଗକୁ ଏକ ହଜାର ଅର୍ଥରାଶି ଓ ମୁମେଣ୍ଟ ପ୍ରଦାନ କରାଯାଇଥିଲା । ପରିଶେଷରେ କାର୍ଯ୍ୟକ୍ରମ ସମ୍ବନ୍ଧିତ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



## ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ପକ୍ଷରୁ

# ଡାକ୍ତର ଦେବାଶିଷଙ୍କୁ ଅଭିନନ୍ଦନ ଜ୍ଞାପନ

ଭୁବନେଶ୍ୱର, (ସବ୍ୟୁ) : ଡାକ୍ତର ଦେବାଶିଷ ମିଶ୍ରଙ୍କୁ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପୁର୍ବତନ ଓଡିଶା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ମିଶ୍ର ଓଡିଶା ରାଜ୍ୟ ସରକାରଙ୍କର ରକ୍ତ ସୁରକ୍ଷା ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଯୋଗଦେବା ପରେ ବୁଧବାର ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ପ୍ରତିଷ୍ଠାତା ସଭାପତି ଦିଲ୍ଲୀପ ଦାଶଶର୍ମା ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଡାକ୍ତର ମିଶ୍ର ନିଜେ ରକ୍ତ ଭଣ୍ଡାର ଅଧିକାରୀ ଥିବା ସହିତ ରାଜ୍ୟ ରକ୍ତଦାତା ଓ ପ୍ରର୍ବକ ସଂଘର ଉପଦେଷ୍ଟା ଭାବେ ୨୦୦୨ ମସିହାରୁ ଥିଲେ। ଡାକ୍ତର ଦେବାଶିଷ ମିଶ୍ର ସରକାରଙ୍କର ରକ୍ତ ସୁରକ୍ଷା ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ଯୋଗଦେବା ପରେ ଆମ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହେବ ବୋଲି ରକ୍ତଦାତା ଓ ପ୍ରର୍ବକ ସଂଘର ପ୍ରତିଷ୍ଠାତା ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ସମ୍ବର୍ଦ୍ଧନା ଜ୍ଞାପନ ସମୟରେ ପୁର୍ବତନ ରାଜ୍ୟ ରେଡକ୍ରସ୍ର ସମ୍ପାଦକ ତଥା ରାଜ୍ୟ ରକ୍ତ ନିରାପତା ବିଭାଗର ଏସ୍. ଏ. ଜି.(ଫ୍ଲୋଟିଙ୍ଗ) ଡାକ୍ତର ଜ୍ଞାନବ୍ରତ ମହାନ୍ତି ଉପସ୍ଥିତ ଥିଲେ ।



# ପତ୍ନୀ ମୃତ୍ୟୁ ଖବର ପାଇ ଆସିଲେ ସ୍ୱାମୀ, ଚମ୍ପଟ ମାରିବା ବେଳେ ଧରିଲେ ଗ୍ରାମବାସୀ

ବାଲେଶ୍ୱର, (ସବ୍ୟୁ): ଏକାକିନୀ ଦୀର୍ଘ ୧୫ବର୍ଷ ଧରି ରହୁଥିବା ବେଳେ ବୃଦ୍ଧା ଛବିରାଣୀ (୭୫)ଙ୍କର ମଙ୍ଗଳବାର ଭୋରରେ ମୃତ୍ୟୁ ହୋଇଥିଲା । ପତ୍ନି ମୃତ୍ୟୁ ଖବର ପାଇ ସ୍ୱାମୀ ସୃଷ୍ଟି ଧର ବୁଧବାର ସକାଳୁ ଜଣେ ମହିଳାଙ୍କ ସହ ଆସି ପତ୍ନୀଙ୍କ ମର ଶରୀରକୁ ଦେଖି ନୀରବରେ ସେ ସ୍ଥାନ ଛାଡି ପଳାଉଥିଲେ । ଏହା ଦେଖି ପଡୋଶୀ ମାନେ ସ୍ୱାମୀ ସୃଷ୍ଟିଧର ଓ ତାଙ୍କ ସହ ଆସିଥିବା ମହିଳାଙ୍କୁ ଅଟକ ରଖି ପତ୍ନିଙ୍କ ଦାହ ସଂସ୍କାର କରିବାକୁ ଜିଦ ଧରିଥିଲେ । ବୃଦ୍ଧ ସୃଷ୍ଟି ଧରଙ୍କ ସହ ଆସିଥିବା ମହିଳା ଥାନାରେ ଖବର ଦେବାରୁ ସହଦେବଖୁଣ୍ଟା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛି । ୧୯୭୭ ମସିହାରେ ବାଲିଆପାଳ ଥାନା ପାରୁଳିଆ ଗ୍ରାମର ଛବିରାଣୀଙ୍କୁ ବସ୍ତା ଥାନା ଅନ୍ତର୍ଗତ ରାଜୁଆଡ଼ି ଗ୍ରାମର ସୃଷ୍ଟିଧର ବିବାହ କରିଥିଲେ । ସୃଷ୍ଟି ଧରଙ୍କ ପୁଅ ସଂଜୀବ ଏବେ କାନାଡ଼ାରେ ସପନୀକ ରହୁଥିବା ବେଳେ ଏକ ମାତ୍ର କନ୍ୟା କୌଣସି କାରଣରୁ ଦୀର୍ଘ ବର୍ଷ ତଳେ ଇହଲୀଳା ସମ୍ବରଣ କରିସାରିଛନ୍ତି । ନିଜ ଝିଅର ମୃତ୍ୟୁ ପରେ ପରେ ଛବି ରାଣୀ ମାନସିକ ଚାପଗ୍ରସ୍ତ ହୋଇପଡ଼ିଥିଲେ । ସେତେବେଳେ ୟୁକୋ ବ୍ୟାଙ୍କରେ ଚାକିରୀ କରୁଥିବା ସୃଷ୍ଟିଧର ପନୀଙ୍କ ଚିକିତ୍ସା କରିବା ପରିବର୍ତ୍ତେ ତାଙ୍କ ଠାରୁ ଦୁରେଇ ଯାଇଥିଲେ । ପୁଅ ବିଦେଶରେ, ଝିଅର ଅକାଳରେ ମୃତ୍ୟୁ, ସ୍ୱାମୀଙ୍କ ଦ୍ୱାରା ଅଲୋଡ଼ା ହୋଇ ମଧ୍ୟ ମହିଳା ଜଣଙ୍କ ଘରେ ରହୁଥିଲେ । ତେବେ ନିଜ ଧର୍ମପତ୍ନିଙ୍କ ମୃତାହ କର୍ମ ନ କରି ସ୍ଥାନ ଛାଡି ଅଜଣା ମହିଳାଙ୍କ ସହ ଫେରିଯିବାକୁ ଉଦ୍ୟମ କରିବା ଘଟଣାକୁ ନେଇ ଛବି ରାଣୀଙ୍କ ପଡୋଶୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୁଅ କାନାଡ଼ାରୁ ଆଗାମୀ ଚଉଦ ତାରିଖ ରେ ଫେରିଲେ ଅନ୍ତେଷ୍ଟିକ୍ରିୟା ହେବ ବୋଲି ଗ୍ରାମବାସି କହିଛନ୍ତି ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଦୁଇ ବନ୍ଧୁକର ବାଲାଷ୍ଟିକ୍ ଟେଷ୍ଟ ହେବ

ଭୁବନେଶ୍ୱର, (ସବ୍ୟୁ) : ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ୟବହାର ହୋଇଥିବା ଦୁଇଟି ବନ୍ଧୁକ ପୋଲିସ ଜବତ କରିଛି । ଘଟଣାସ୍ଥଳରୁ ମିଳିଥିବା ଗୁଳି, ଖୋକା ସମେତ ବନ୍ଧୁକର ବାଲାଷ୍ଟିକ୍ ଟେଷ୍ଟ ହେବ । ବ୍ରହ୍ମପୁର ପୋଲିସ ଭୁବନେଶ୍ୱରସ୍ଥିତ ରାଜ୍ୟ ଫୋରେନ୍‌ସିକ୍ ପରୀକ୍ଷାଗାରକୁ ଜବତ ବନ୍ଧୁକ, ଗୁଳି ପ୍ରଭୃତି ପଠାଇଥିବା ସୂଚନା ମିଳିଛି । ଏହି ମାମଲାରେ ୧୬ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଯେଉଁ ଦୁଇଟି ବନ୍ଧୁକରୁ ଗୁଳି ଫୁଟିଲା ସେ ବନ୍ଧୁକର ଗୁଳି ବାଲାଷ୍ଟିକ୍ ଟେଷ୍ଟରୁ ଜଣାପଡ଼ିବ । ପୋଲିସକୁ ହତ୍ୟାକାଣ୍ଡ ପ୍ରମାଣ ଭାବେ ବାଲାଷ୍ଟିକ୍ ଟେଷ୍ଟ ରିପୋର୍ଟ ସହଯୋଗ କରିବ । କେଉଁ ଗୁଳିରେ ପୀତବାସର ମୃତ୍ୟୁ ହୋଇଛି ତାହା ମଧ୍ୟ ସ୍ପଷ୍ଟ ହୋଇଯିବ ।ପୀତବାସ ପଣ୍ଡା ହତ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ଖେଳିଗଲା । ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରେ ନେତା ଓ ସାର୍ପସୁଟର ଅଛନ୍ତି । ହତ୍ୟାକାଣ୍ଡ ପାଇଁ ସୁପାରି କାରବାର ମଧ୍ୟ ହୋଇଥିଲା । ବ୍ରହ୍ମପୁର ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ସେମାନେ ଜେଲ୍ରେ ଅଛନ୍ତି ।



# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଷ୍ଠା ଦିବସ

କଟକ, (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ୧୦୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଡଃ. ଖାରବେଳ ମହାନ୍ତି, କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ବ୍ୟାଙ୍କ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀମାନଙ୍କ ସହିତ ସେମାନଙ୍କର ପରିବାର ଏବଂ ବ୍ୟାଙ୍କର ଗ୍ରାହକ ଆଦି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ଷଡଙ୍ଗି ବ୍ୟାଙ୍କ ଦ୍ୱାରା ପ୍ରାପ୍ତ କରାଯାଇଥିବା ବ୍ୟବସାୟିକ ଲକ୍ଷ୍ୟ ଉପରେ ବିଶେଷ ଆଲୋକପାତ କରିବା ସହିତ ବ୍ୟାଙ୍କର ବିଭିନ୍ନ ଉପିାଦ ଯଥା ଏମ୍ଏସ୍ଏମ୍ଇ, ରିଟେଲ, ଅଗ୍ରୀମ, ସ*ୟ ଏବଂ ଚଳନ୍ତି ଆକାଉ ଉପରେ ଆଲୋଚନା କରିଥିଲେ । ତତ୍ସହିତ ବିକଶିତ ଭାରତ ଲକ୍ଷ୍ୟ ଉପରେ ବ୍ୟାଙ୍କର ଅବଦାନ ବିଷୟରେ ମଧ୍ୟ ପ୍ରକାଶ କରିଥିଲେ । ଏହି ଅବସରରେ ବ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।



# ଡ୍ରିମ୍ସରେ ଜାତୀୟ ଶିକ୍ଷା ଦିବସ

## ଗ୍ରାମାଞ୍ଚଳରେ ଶିକ୍ଷା ବିସ୍ତାର କ୍ଷେତ୍ରରେ ଡ୍ରିମ୍ସ ଅଗ୍ରଣୀ : କୁଳପତି ଡ. ହୋତା



କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି । ଇନଷ୍ଟିଚ୍ୟୁସନ୍ ଇନୋଭେସନ କାଉନସିଲ (ଆଇଆଇସି) ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ରାଷ୍ଟ୍ରନିର୍ମାତା ଡ. ମୌଲାନା ଅବୁଲକଲାମ ଆଜାଦ୍‌ଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ଭାବରେ ପାଳନ କରାଯିବା ପରିପ୍ରେକ୍ଷୀରେ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

ପ୍ରାରମ୍ଭରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଶିକ୍ଷା ହିଁ ରାଷ୍ଟ୍ର ବିକାଶର ଚାବିକାଠି ବୋଲି ବର୍ଣ୍ଣନା କରିଥିଲେ । ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଜାତୀୟ ଶିକ୍ଷା ନୀତି ଉପରେ ବକ୍ତାମାନେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପୌରହିତ୍ୟ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଦେଶର ଶିକ୍ଷା ବ୍ୟବସ୍ଥା ଓ ଜାତୀୟ ଶିକ୍ଷା ନୀତି ୨୦୨୦ ବିଭିନ୍ନ ଦିଗ ଏବଂ ଗ୍ରାମାଞ୍ଚଳରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ବିସ୍ତାର କ୍ଷେତ୍ରରେ ଡ୍ରିମ୍ସର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରିଥିଲେ ।

ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ବିଭାଗୀୟ ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଇଆଇସି ସଂଯୋଜକ ଡ. ଦୀପକ ରଂଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଡିନ୍ (ରିସର୍ଚ୍ଚ) ଡ. ବିଶ୍ୱରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶହୀଦ ଯବାନକୁ ଶ୍ରଦ୍ଧାଞ୍ଜଳି ଦେଲେ ବିଧାୟକ



ବ୍ରହ୍ମପୁର, (ସବ୍ୟୁ): ଜମ୍ମୁ କଶ୍ମୀରର ଉଧମପୁରରେ କାର୍ଯ୍ୟରତ ଜଣେ ଓଡ଼ିଆ ବିଏସ୍ଏଫ୍ ଯଓ୍ୱାନଙ୍କ ଅକାଳ ବିୟୋଗ ଘଟିଥିଲା । ମୃତକ ଯବାନ୍ ହେଲେ ବ୍ରହ୍ମପୁର ଅଯୋଧ୍ୟାନଗର ତୃତୀୟ ଲାଇନ୍ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଜେନାଙ୍କ ପୁଅ ନାରାୟଣ ଚନ୍ଦ୍ର ଜେନା । ୧୯୯୭ ମସିହାରେ ନାରାୟଣ ବିଏସଏଫ ଯୋଗ ଦେଇଥିଲେ ।

ବର୍ତ୍ତମାନ ସେ ଜମ୍ମୁକାଶ୍ମୀର ସ୍ଥିତ ଉଧମପୁରରେ କାର୍ଯ୍ୟରତ ଥିଲେ । କିଛି ଦିନ ସେ ଅସୁସ୍ଥ ଥିଲେ । ଗତକାଲି ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା କାରଣରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ବୁଧବାର ପାର୍ଥିବ ଶରୀର ଅଯୋଧ୍ୟା ନଗର ସ୍ଥିତ ବାସଭବନରେ ପହଞ୍ଚିବା ପରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ପହଞ୍ଚି ଅନ୍ତିମ ଦର୍ଶନ କରି ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଖବର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶହଶହ ଅଂଚଳ ବାସିନ୍ଦା ଦୁଃଖଦ ସମୟରେ ସ୍ୱର୍ଗତ ଜେନାଙ୍କ ପରିବାରକୁ ଶାନ୍ତ୍ୱନା ଦେଇଥିଲେ । ବିଏସଏଫ ଯଓ୍ୱାନ ମାନେ ମର ଶରୀରକୁ ଗାର୍ଡ଼ ଅଫ ଅନର ଦିଆଯାଇଥିଲା ।

# ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୧୦ମ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ଭଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୧୦ମ ସନ୍ଧ୍ୟାରେ ସିନିୟର ସୋଲୋ, ଡୁଏଟ ଏବଂ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପୂର୍ବରୁ ପ୍ରତିଯୋଗୀଙ୍କୁ ନେଇ ଏକ ଅଡିସନ ହୋଇଥିଲା।

ସେମାନଙ୍କ ମଧ୍ୟରୁ ୨୪ଜଣ ସିନିୟର ସୋଲୋ, ୨୨ଯୋଡି ଡୁଏଟ ଏବଂ ୧୬ଟି ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀ ମାନଙ୍କ ଆକର୍ଷଣୀୟ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା ଓ ସ୍ନେହାଶ୍ରୀ ସଲୋନୀ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ୧୪ତାରିଖ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକ୍ରମ ମୁଖ୍ୟ ପ୍ରିତମ ପଣ୍ଡା ଜଣାଇଛନ୍ତି। ବାଲେଶ୍ୱରର ରମିୟା ହୁଇ, ବାରିପଦାର ମେଘା ସାହା ଓ ରକି ନାୟକ ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ଚୟନ କରିଥିଲେ।

ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଅବିନାଶ ରଥ, ଅନିଶ ମିଶ୍ର ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ। ଆସନ୍ତାକାଲି ମିଉଜିକାଲ ନାଇଟରେ ଇଣ୍ଡିଆନ ଆଇଡଲର ପ୍ରିୟାଂଶୁ ଦତ୍ତ ଓ ମୟୂରୀ ସାହାଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି।

# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ପେନସନ୍ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ଶିବିର

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ପେନସନ୍ ହିତାଧିକାରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଛି ।

ଛତ୍ରପୁର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ପ୍ରଦୀପ୍ତ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର ଅଲେଖ ପ୍ରଧାନଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ପ୍ରାୟ ଏକଶହରୁ ଅଧିକ ପେନସନ୍ ହିତାଧିକାରୀ ବୃଦ୍ଧ ଓ ବୃଦ୍ଧାଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ । ଏଥିରେ ମେଡିକାଲ ଅଫିସର ଡାକ୍ତର ମଧୁଛନ୍ଦ ପଣ୍ଡା, ସ୍ୱାସ୍ଥ୍ୟ ପରାମର୍ଶଦାତ ଡାକ୍ତର ଦେବହରୀ ରେଡ୍ଡୀ, ହସ୍ପିଟାଲ ମ୍ୟାନଜର ଗଣେଶ ନାହାକ, ଜଗନ୍ନାଥ ପାଢ଼ୀ ଓ ପି.ତାରକେଶ୍ୱର ରାଓ ପ୍ରମୁଖ ଷ୍ଟାଫ୍ ସହଯୋଗ କରିଥିଲେ । ଶିବିର ପରିଚାଳନାରେ ଆର୍‌ଏସିସି ଶାଖାର ମୁଖ୍ୟ ପ୍ରବନ୍ଧକ ସୁନିତା ରଥ, ଜିତେନ୍ଦ୍ର କୁମାର ପଲାଇ, ପ୍ରବେସନାରୀ ଅଫିସର ଅତିଥି ଅର୍ପୁଭା, ଆର୍.ପ୍ରିୟଙ୍କା ରେଡ୍ଡୀ, ଏ.ସୁରେଶ ରେଡ୍ଡୀ,ଏସ୍.ରାମକ୍ରିଷ୍ଣା ରାଓ, ସମିର ପରିଡା, ଇଗ୍ନସ ମାଳି ଓ ଅଶ୍ୱିନୀ ବେହେରା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।

# ନିଖିଳ ଉତ୍କଳ କୁଇ ସମାଜର ବାର୍ଷିକୋତ୍ସବ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ସଲପଡଇଲା ଠାରେ ବୁଧବାର ନିଖିଳ ଉତ୍କଳ କୁଇ ସମାଜ ସମନ୍ୱୟ ସମିତି ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ସଂଗ୍ରାମି ଆଦିବାସୀ ନେତା ଲମ୍ବୋଦର କହଁର ଯୋଗଦେଇ କହିଥିଲେ କୁଇ ଆଦିବାସୀଙ୍କ ରହିଥିବା ସମାସ୍ୟା ଗୁଡିକ ଯଥାଶିଘ୍ର ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ହୃଦୟଙ୍ଗମ କରି ମୌଳିକ ସମାସ୍ୟା ପୂରଣ କରିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅଥିତି ସିମିଳା ପ୍ରଧାନ, ବିଜୟକୁମାର ନିୟକ, ଅନିତା କହଁର,ନାରାୟଣ ପ୍ରଧାନ ଯୋଗଦେଇ ଥିଲେ । ଏହି ବାର୍ଷିକୋତ୍ସବ ମାଧ୍ୟମରେ ନିଖିଳ କୁଇ ସମାଜର ବିଭିନ୍ନ ମୌଳିକ ସମାସ୍ୟାଗୁଡିକ ଜିଲ୍ଲାପାଳକ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି କରାଯାଇଛି । ଦେଶ ସ୍ୱାଧୀନ ହେବାର ୭୮ବର୍ଷ ବିତିଯାଇଥିଲେ ମଧ୍ୟ ଆଦିବାସୀଙ୍କ ରହିଥିବା ବହୁ ସମାସ୍ୟା ପୂରଣ ହୋଇପାରିନଥିବା ହେତୁ ଆଜିର ବାର୍ଷିକୋତ୍ସବ ଯୋଗଦେଇଥିବା ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ । ଜନଧନ ଯୋଜନାରେ ରୁଣ ଦେଇ ମହିଳାଙ୍କୁ ଶଶକ୍ତିକରଣ କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କୃଷି, କୁଟୀରଶିଳ୍ପ ଓ ପଶୁ ବିଭାଗ ଉପରେ ରୋଜଗାର ସୁବିଧା ଯୋଗାଇବା, ତାରାସିଂ ଠାରେ ୧୦୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ କରିବା, ତାରାସିଂ ଥାନା ଅଧିନରେ ଆଜିବି କେତକ ଅଞ୍ଚଳରେ ନେଟଓ୍ୱାର୍କ ନଥିବାରୁ ତାହା ଉପରେ ଗୁରୁତ୍ୱ ଦେବା ଆଦି ପ୍ରମୁଖ ସମାସ୍ୟାକୁ ସମାଧାନ କରିବା ପାଇଁ ଆଜିର ଏହି ବାର୍ଷିକୋତ୍ସବ ଉପସ୍ଥାପନ କରାଯାଇଥିଲା । ପ୍ରଥମେ ଏକ ବିରାଟ ରାଲିରେ ଆଦିବାସୀମାନେ କୋକଲବାରୁ ଚାଲି ଚାଲି ସଲପଡଇଲା ଠାରେ ପହଞ୍ଚିଥିଲେ । ଘୁମୁସର ସଭାପତି ପାଣ୍ଡବ ମଲିକ, ଉପସଭାପତି ଉଦୟ ନାଥ ଯାନୀ, ଉପଦେଷ୍ଟା ଶତୃଘନ ଗୌଡ, ସମ୍ପାଦକ ଯୁବରାଜ ଯାନୀ, କାର୍ଯ୍ୟକାରି ସମ୍ପାଦକ କାହ୍ନୁ ମଲିକ, ମିଳିତ ମଞ୍ଚର ସଭାପତି ସମିର ଘୋଟାଲା, ଆଦିବାସି ମଞ୍ଚରସଭ୍ୟ ଚନ୍ଦ୍ର ଯାନୀ, ବାଞ୍ଛା ମଲିକ ତଥା କର୍ମକର୍ତ୍ତାମାନେ ଯୋଗଦେଇ ବହୁଦିନରୁ ରହି ଆସିଥିବା ଆଦିବାସୀଙ୍କ ମୌଳିକ ସମାସ୍ୟା ଉପରେ ଅତିଥିମାନେ ମତ ରଖିଥିଲେ । ଗଜପତି, ନୟାଗଡ଼, କନ୍ଧମାଳ ଓ ଗଞ୍ଜାମରୁ ପ୍ରାୟ ୫ହଜାର ଆଦିବାସୀ ଯୋଗ ଦେଇଥିଲେ ।

# କୁକୁଡ଼ାଖଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ, ରୋଗୀ ହନ୍ତସନ୍ତ

ବ୍ରହ୍ମପୁର, (ସବ୍ୟୁ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତରୁ ରୋଗୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଏଠାରେ ୧୦ ଜଣ ଡାକ୍ତର ଥାଇ ମଧ୍ୟ କୌଣସି କାମରେ ଆସୁନାହାଁନ୍ତି ବୋଲି ଅଭିଯୋଗ ହୋଇଛି । ବଉଳଝୋଳି ଗ୍ରାମର ସଞ୍ଜୟ ଦାସ ନାମକ ଜଣେ ଯୁବକଙ୍କ ଗଳା କଟିଥିବାରୁ ପରିବାର ଲୋକେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । କିନ୍ତୁ ଡାକ୍ତର ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିବା ସୂଚନା ମିଳିଛି । ତେବେ ଏତେ ମେଡ଼ିକାଲ ଥାଇ ମଧ୍ୟ କୌଣସି କାର୍ଯ୍ୟରେ ଆସୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ ହେବାରେ ଲାଗିଛି ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ପିସିପୁର ସ୍କୁଲର ସଫଳତା



ବାରିପଦା, (ସବ୍ୟୁ) : ବାଲେଶ୍ୱରର ଅଗ୍ରଣୀ ନାଟ୍ୟସଂସ୍ଥା କଳାକାର ଆନୁକୂଲ୍ୟରେ ଗାନ୍ଧୀସ୍ମୃତି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏହି ମହୋତ୍ସବରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ "କାନ୍ଦୁଛି ବନାନୀ ନାଟକ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ନାଟକଟି ଶ୍ରେଷ୍ଠ ବାର୍ତ୍ତାଧର୍ମୀ ନାଟକ ଭାବେ ପୁରସ୍କୃତ ହେବା ସହ ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ରାଜବୀର ଲାମା, ଦ୍ୱିତୀୟ ଶ୍ରେଷ୍ଠ ପାଶର୍ବ ଅଭିନେତ୍ରୀ ଭାବେ ଦେବସ୍ମିତା ସାବତ ତୃତୀୟ ଶ୍ରେଷ୍ଠ ଅଭିନେତା ଭାବେ କାର୍ତ୍ତିକ ମହାନ୍ତ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଅଜିତ ପାଣିଗ୍ରାହୀଙ୍କ ରଚିତ ତଥା ତ୍ରିଲୋଚନ ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ରଜକିଶୋର ମହାନ୍ତ, କ୍ରିଷ୍ଣା ଦତ୍ତ, ଦେବାଶିଷ ଚୌଧୁରୀ, ସମ୍ବିତ ପାତ୍ର, ଆକାଶ କୁମାର ମହାନ୍ତ ଓ ପ୍ରିୟାରାଣୀ ବେହେରା ଅଭିନୟ କରିଥିଲେ। କୃତୀ କଳାକାରଙ୍କ ସମେତ ସମସ୍ତ ଶିଶୁ କଳାକାରଙ୍କୁ ବିଦ୍ୟାଳୟରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ସତ୍ୟାନନ୍ଦ ସେଜପଡ଼ା, ନାଟ୍ୟକାର ଅଜିତ ପାଣିଗ୍ରାହୀ, ନିର୍ଦ୍ଦେଶକ ତ୍ରିଲୋଚନ ସାହୁଙ୍କ ସମେତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଶିକ୍ଷୟିତ୍ରୀ ସାଗରୀକା ପାତ୍ର, ବନ୍ଦିତା ପାଲବାବୁ, ମମତା ଦାସ, ଗାର୍ଗୀ ଶତପଥି, ଉର୍ମିଳା ଦତ୍ତ, ମଧୁମିତା ମହାନ୍ତି, ସୁମିତ୍ରା ରାଉତ ଓ କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ସମସ୍ତ ଶିଶୁ କଳାକାରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

# ଆଜି ନୀଳଗିରି ଆସିବେ ମୁଖ୍ୟମନ୍ତ୍ରୀ

ନୀଳଗିର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଗୁରୁବାର ଦିନ ନୀଳଗିରି ଆସିବେ । ସେ ହେଲିକପ୍ଟରରେ ସକାଳ ୮ଟା ସମୟରେ ଆସି ନୀଳଗିରି ପୋଲିସ ପଡିଆରେ ଆୟୋଜିତ ଏକତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏଥିପାଇଁ ପୁରା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଜିଲ୍ଲା ଏବଂ ଉପଖଣ୍ଡ ପୋଲିସ ତରଫରୁ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସହରର ସ୍ଥାନେସ୍ଥାନେ ମୁଖ୍ୟମନ୍ତ୍ରୀଙ୍କ ବଡବଡ ହୋର୍ଡ଼ିଂ ଲାଗିଥିବା ବେଳେ ଶୁଭେଚ୍ଛା ତୋରଣ ମଧ୍ୟ ଦେଖିବାକୁ ମିଳିଛି । ତେବେ ନୀଳଗିରିକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଅଖିଆଗରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ମଙ୍ଗଳବାର ନୀଳଗିରି ଡାକବଙ୍ଗଳା ପରିସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଏବଂ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ନିର୍ବାଚନମଣ୍ଡଳୀର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସହିତ ବିଶଦଭାବେ ବିଚାରବିମର୍ଶ କରାଯାଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ବିଧାୟକ ସନ୍ତୋଷ କୁମାର ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଉଦ୍‌ବୋଧନ ଦେବେ । ଏହି ପଦଯାତ୍ରାରେ ବହୁସଂଖ୍ୟକ ବୁଦ୍ଧିଜୀବୀ, ବିଦ୍ୟାଳୟ, ମହାବିଦ୍ୟାଳୟ ,ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସାଧାରଣ ଜନତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭାବେ ଦାୟିତ୍ୱ ନେଲେ ଲୋକନାଥ ମିଶ୍ର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ଲୋକନାଥ ମିଶ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ବାରିପଦା ସ୍ଥିତ କାର୍ଯ୍ୟାଳୟରେ ପୂର୍ବରୁ ଦାୟିତ୍ୱରେ ଥିବା ଜ୍ଞାନ ବଲ୍ଲଭ ଦାସଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ମିଶ୍ର ଏହା ପୂର୍ବରୁ ରାଇରଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ପଦୋନ୍ନତି ପାଇ ସେ ଏଠାରେ ଯୋଗ ଦେଇଛନ୍ତି ।

କୃଷି ଓ କୃଷକର ଉନ୍ନତି ଓ ବିଭିନ୍ନ କୃଷି ଓ ଆନୁସଙ୍ଗିକ ଯୋଜନା ଯେପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଂଚି ପାରିବ ସେଥିପାଇଁ ଯଥାସାଧ ଉଦ୍ୟମ କରିବେ ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

# ବାଇକ୍‌କୁ ଧକ୍କା ଦେଲା କାର, ବାଇକ୍ ଚାଳକ ଗୁରୁତର

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସ୍ଥାନୀୟ ବାଇପାସ ରାସ୍ତାରେ ଏକ ବାଇକ ସହ କାରର ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ହୋଇଛନ୍ତି ।

ସେ ହେଲେ ଲଣ୍ଡେଇସାହିର ଅବସରପ୍ରାପ୍ତ ହାବିଲଦାର ଜଗବନ୍ଧୁ ସ୍ୱାଇଁ (୬୩) । ଆହତ ଜଗବନ୍ଧୁଙ୍କୁ କାର ଚାଳକ ହିଁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ଏଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଛି ।

ଖବରପାଇ ଭଞ୍ଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

# ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

ବାହାନଗା, (ସବ୍ୟୁ): ବାହାନଗା ବ୍ଲକ ଅଞ୍ଚଳରେ ଜଣେ ଜଣାଶୁଣା ଶିକ୍ଷକ ଭାବେ ବେଶ ସୁନାମ ଅର୍ଜନ କରିଛନ୍ତି ସେ । ବୁଧବାର ସକାଳ ସମୟରେ ହୃଦଘାତରେ ପରଲୋକ ଗମନ କରିବାକୁ କେହି ବିଶ୍ୱାସ କରି ପାରୁ ନାହାନ୍ତି । ସେମିତି ଜଣେ ଶିକ୍ଷକ ହେଉଛନ୍ତି ଚେମା ପୁହାଣ ସରକାରୀ ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର କବି(୫୫) ।

ଆଜି ସକାଳ ସମୟରେ ଫୁଲ ତୋଳିବା ସହିତ ଚା ପିଇସାରି ଘରେ ବସିଥିଲେ । ସଂଗେ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଖନ୍ତାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆ ଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କର ଏପରି ଅକାଳ ବିୟୋଗରେ ଶିକ୍ଷକଙ୍କ ମହଲରେ ଗଭୀର ଶୋକ ଖେଳିଯାଇଛି ।

ସେହିପରି ତାଙ୍କ ବାସସ୍ଥାନ କସବା ଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମରେ ମଧ୍ୟ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତାଙ୍କୁ ଦେଖିବା ପାଇଁ ସମସ୍ତ ଶୁଭେଚ୍ଛୁ,ଆତ୍ମୀୟ ସ୍ୱଜନ ଡାକ୍ତରଖାନା ପରିସରରେ ପ୍ରବଳ ଗହଳି ଥିବା ଦେଖିବାକୁ ମିଳିଛି ।ସେ ଜଣେ ମେଳାପୀ, ପରୋପକାରୀ, ସ୍ନେହୀ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ । ଖବର ପାଇ ଖନ୍ତାପଡ଼ା ଥାନାର ଏଏସଆଇ ଉଦୟ ଭକ୍ତା ଘଟଣା ସ୍ଥଳରେ ପହଁଛି ଶବ କୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ କେଶ୍ ନମ୍ବର ୪୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

## ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଉପବିଜେତା

ଛତ୍ରପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ବ୍ୟାଡ୍ ମିଣ୍ଟନ ପ୍ରତିଯୋଗିତାର ଫାଇନାଲ ଖେଳରେ ବ୍ରହ୍ମପୁର ଇମ୍ପରିଆଲ୍ କଲେଜ ଠାରୁ ପରାଜିତ ହୋଇ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଉପବିଜେତା ହାସଲ କରିଛି ।

ଅମ୍ରିତ ଅଭିଲାଷଙ୍କ ନେତୃତ୍ୱରେ ପ୍ରିୟବ୍ରତ ରଥ, ଜ୍ଞାନେନ୍ଦ୍ର ମହାପାତ୍ର, ଶଙ୍କର୍ଷଣ ଓ ଲିଟୁ ରାଉଳଙ୍କ ନେଇ ଖେଳୁଥିବା ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଦଳ ସୋରଡା, ପାରଳାଖେମୁଣ୍ଡି ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ, ଖେମୁଣ୍ଡି ମହାବିଦ୍ୟାଳୟ ଓ ଦିଗପହଣ୍ଡି ମହାବିଦ୍ୟାଳୟକୁ ପରାଜିତ କରି ଫାଇନାଲ ଖେଳରେ ପ୍ରବେଶ କରିଥିଲା ।

ଦଳର ଏହି ସଫଳତାକୁ ସମସ୍ତ ଖେଳାଳୀଙ୍କୁ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ତ୍ରିପାଠୀ, କ୍ରୀଡା ସଂସଦ ଉପସଭାପତି ଅଜିତ କୁମାର ସେଠୀ, ପରିଚାଳକ ସୁରଜ କୁମାର ଗଉଡ ସାଧୁବାଦ ଜଣାଇଛନ୍ତି ।

# ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଂଘର ବାର୍ଷିକ ସମାବେଶ




ବାରିପଦା, (ସବ୍ୟୁ) : ଜିଲା ପୂର୍ବତନ ସୈନିକ ସଙ୍ଗଠନର ୩୭ତମ ବାର୍ଷିକ ସମାବେଶ ବାରିପଦା ସହର ଓ୍ୱାର୍ଡ ନମ୍ବର-୨୬, ଭୁଗୁଡ଼ାକଟା ସ୍ଥିତ ସଂଘର ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ଉଦଳା, ଖୁଣ୍ଟା, ଶରତ, ଠାକୁର ମୁଣ୍ଡା, ବେତନଟି, ଝାରପୋଖରିଆ, ଯଶିପୁର, ବାରିପଦା, ଚିତ୍ରଡା, ରାଇରଙ୍ଗପୁର, ଶୁଳିଆପଦା, ରାସଗୋବିନ୍ଦପୁର, ବଡସାହି ପ୍ରମୁଖ ଶାଖାରୁ ପ୍ରାୟ ପାଞ୍ଚ ଶହରୁ ଅଧିକ ଭେଟେରାନ୍ସ, ବୀରନାରୀ, ବୀରମାତା ଏବଂ ତାଙ୍କର ପରିଜନମାନେ ଯୋଗଦାନ କରିଥିଲେ ।

ଏହି ସମାବେଶରେ ସଂଘର ବିଗତ ବର୍ଷର ଆୟ/ବ୍ୟୟର ହିସାବ ସହିତ, ଆଗାମୀ ବର୍ଷର କାର୍ଯ୍ୟସୂଚୀ ସମ୍ପର୍କରେ ସଂଘର ଆକାଉଣ୍ଟ ମ୍ୟାନେଜର ରବୀନ୍ଦ୍ର ମହାନ୍ତ ସୂଚନା ଦେଇଥିଲେ । ଜିଲ୍ଲାର ସମସ୍ତ ପୂର୍ବତନ ସୈନିକ ଏବଂ ତାଙ୍କର ପରିବାର ବର୍ଗଙ୍କର ସୁବିଧା ପାଇଁ, ଜିଲ୍ଲା ସୈନୀକ ବୋର୍ଡ, କ୍ୟାଣ୍ଟିନ, ଇସିଏଚ୍ଏସ କିପରି ଯଥାଶୀଘ୍ର ହୋଇପାରିବ ସେ ବିଷୟରେ ସଂଘର ଚେୟାରମ୍ୟାନ କର୍ଣ୍ଣେଲ ଡଃ ଅଶୋକ କୁମାର ଦାଶ ପ୍ରତିଶ୍ରୁତି ଦେଇଥିଲେ। ପରେ ସଂଘର ସେକ୍ରେଟାରୀ ପରମେଶ୍ୱର ମହାନ୍ତ ଜିଲାର ସମସ୍ତ ଭେଟେରାନ୍ସ ବୀରନାରୀ, ବୀରମାତା ମାନଙ୍କୁ ସଂଘ ସହିତ ଯୋଡି ହେବା ପାଇଁ ଅନୁରୋଧ କରିଥିଲେ ।

ଲେଡିଜ କ୍ଲବର ସଭାପତି ବୀଣାପାଣି ଦାଶ, ସମ୍ପାଦକ ଅରୁଣା ଦ୍ୱୀବେଦିଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିସହିତ ଚିତ୍ରଡାର କମଳେନ୍ଦୁ ଲାଲ ମହାନ୍ତ ଏବଂ ତାଙ୍କ ସହଧର୍ମିଣି ଜେମାମଣୀ ମହାନ୍ତଙ୍କ ନେତୃତ୍ୱରେ ବିଶ୍ୱପ୍ରସିଦ୍ଧ ଛଉନୃତ୍ୟ ପରିବେଷଣ କରାଯାଇଥିଲା । ଉକ୍ତ ସମାବେଶରେ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ଜୋନର ସଭାପତି ସମ୍ପାଦକମାନେ ଉପସ୍ଥିତ ଥିଲେ ।

# ସ୍କୁଟି ଓ ଇନୋଭାକୁ ଧକ୍କା ଦେଇ ଟ୍ରକ୍ ଭାଙ୍ଗିଲା ପାଚେରୀ

ତାଳଚେର, (ସବ୍ୟୁ) : କାଲି ସନ୍ଧ୍ୟା ସମୟରେ ଏକ ଟ୍ରକ ଚାଳକ ନିଜର ଭାରସ୍ୟାମ ହରାଇ ଦୁଇ ଦୁଇଟି ସ୍କୁଟିକୁ ଧକ୍କାଦେବାପରେ ଗୋଟିଏ ଇନୋଭାକୁ ଧକ୍କାଦେଇ ସେଇ ନିକଟରେ ରହିଥିବା ଏକ ପାଚେରୀରେ ବାଡ଼େଇ ହେବା ଫଳରେ ସେଠାରେ ଟ୍ରକଟି ଅଟକି ଅଟକିଥିବା ଘଟଣା ସେହି ଅଂଚଳରେ ଚହଳ ପକାଇ ଦେଇଛି । ଏଠାରେ ଧନଜୀବନ କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟ ଅନୁମେୟ ।

ସମ୍ଭବତଃ ଟ୍ରକ ଚଳାକ ନିଶାଶକ୍ତ ଅବସ୍ଥାରେ ବଲଣ୍ଡା ସ୍ଥିତ ଜନଗହଳି ପୂର୍ଣ୍ଣ ଏକ ସ୍ଥାନରେ ଦୁଇ ଦୁଇଟି ସ୍କୁଟିକୁ ଧକ୍କାଦେବା ସହ ଇନୋଭା ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଏହି ଦୁର୍ଘଟଣାରେ ଗୁରୁତର ଆହାତ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାରକରି ତାଙ୍କୁ ଚିକିତ୍ସାଳୟକୁ ନେଇଥିବା ବେଳେ ଉନୋଭାଟି ଭାଙ୍ଗିରୁଜି ଯାଇଛି ଓ ପାଚେରୀଟି ସମ୍ପୂର୍ଣ୍ଣ ଭାବେ ନଷ୍ଟଭ୍ରଷ୍ଟ ହୋଇଯାଇଛି । ତେବେ ଏହି ଘଟଣାରେ କେହି ମୃତାହତ ହୋଇନଥିବା ବେଳେ ସେହି ଅଂଚଳକୁ ଟ୍ରକ ପଶିଲା କିପରି ବୋଲି ଅଂଚଳବାସୀ ଏହା ଅଭିଯୋଗ କରିବା ସହ ସ୍ଥାନୀୟ ପୋଲିସର ଅପରାଗତା ଯୋଗୁଁ ଏପରି ଘଟିଲା ବୋଲି ଅଂଚଳବାସୀ ଏହା ପ୍ରକାଶ କରିଛନ୍ତି ।

# ଯୁବକଙ୍କୁ ଛୁରୀରେ ଆକ୍ରମଣ

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା କନ୍ତପଡା ଗ୍ରାମର ଦୁଖୀଶ୍ୟାମ ବେହେରାଙ୍କୁ ସେହି ଗ୍ରାମର କାଳନ୍ଦି ସାହୁ ଏକ ଛୁରୀରେ ଆକ୍ରମଣ କରିଥିବା ଦୁଖୀଶ୍ୟାମ ଠାକୁରଗଡ ଥାନାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭୀତି କରି ପୋଲିସ ନମ୍ବର ୩୦୪/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଦୁଖୀଶ୍ୟାମ ତାଙ୍କ ଗ୍ରାମରେ ଏକ ଦୋକାନ ରେଠିଆ ହୋଇଥିବା ବେଳେ କୌଣସି କାରଣ ନ ଥାଇ ତାଙ୍କୁ କାଳନ୍ଦି ଏକ ଛୁରୀ ରେ ଆକ୍ରମଣ କରିଥିଲେ ।

ଏଥିସହ ତାଙ୍କୁ ମାଡ ମାରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି । ଏ ନେଇ କାଳନ୍ଦି ମଧ ଏକ ପାଲଟା ଅଭିଯୋଗ କରିଛନ୍ତି । ସେ ତାଙ୍କ ଗ୍ରାମରେ ଥିବା ବେଳେ କୌଣସି କାରଣ ନ ଥାଇ ଦୁଖୀଶ୍ୟାମ ଏକ ଟାଙ୍ଗିଆ ରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭୀତିକରି ନମ୍ବର ୩୦୫/୨୫ରେ ଏକ ମାମଲା ରୁଜୁ କରାଯାଇଛି ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତିର ପ୍ରସ୍ତୁତି ବୈଠକ

ଅନୁଗୋଳ, (ସବ୍ୟୁ) : ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହଣ ସମିତିର ପ୍ରସ୍ତୁତି ବୈଠକ ଅନୁଗୋଳ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଚର୍ଚିତା ପ୍ରଧାନ, ସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ସୁଦିପ ଗଡନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଉପସ୍ଥିତ ରହି ଆସନ୍ତା ଖରିଫ ବର୍ଷ ୨୦୨୫-୨୬ ପାଇଁ କିଭଳି ଭାବେ ସୁଚାରୁରୂପେ ଧାନ ସଂଗ୍ରହ କରାଯିବ ତାର ଫୁଖାଲୁଫୁଖ ଆଲୋଚନା କରାଯାଇଥିଲା ।

ଧାନ କିଣା ପ୍ରକ୍ରିୟା ଆସନ୍ତା ଜାନୁୟାରୀ ୭ ତାରିଖ ଧାର୍ଯ୍ୟ କରାଯାଇଛି । ଧାନ କ୍ରୟ




ପାଇଁ ଅମଳ ହାର ହାରାହାରି ୧୮୬୨୫୨ ମେଟ୍ରିକ୍ ଟନ ବୋଲି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରିପୋର୍ଟ ଦାଖଲ କରିଛନ୍ତି । ଧାନ କ୍ରୟ କାର୍ଯ୍ୟ ସୁନିଶ୍ଚିତ ତଥା ସୁଗମ କରିବା ପାଇଁ ସୋସାଇଟି ସ୍ତରୀୟ ସଂଗ୍ରହଣ କମିଟି, ପ୍ରତି ସୋସାଇଟି ପାଇଁ ମଣ୍ଡି ଆର.ଏମ୍.ସି ଗୁଡିକ ଏଫ୍ ନୋଡାଲ ଅଫିସର ଏବଂ ମଣ୍ଡି ସୁପରଭାଇଜ ଅଫିସର ନିଯୁକ୍ତ କରାଯିବ ।

ଏ. କ୍ୟୁ ଗୁଣବତ୍ତାର ପ୍ରାରମ୍ଭିକ ଚିହ୍ନଟ ଏବଂ କ୍ରୟ ପ୍ରକ୍ରିୟା ପାଇଁ କ୍ୱାଲିଟି ଆନାଲିଷ୍ଟ ସହିତ ଆବଶ୍ୟକ ସ୍ଥଳେ ଇଂ ଆଧାରିତ ଶସ୍ୟ ବିଶ୍ଳେଷକ ଯୋଗାଇ ଦେବେ । ସମ୍ପୃକ୍ତ ସୋସାଇଟିଗୁଡିକୁ ଧାନ କ୍ରୟ ସହଯୋଗ କରିବାକୁ ଖୋଲା ସ୍ଥାନ, ପାନୀୟ ଜଳ, ଶୌଚାଳୟ ଆଦି ଭିତ୍ତିଭୂମୀ ସୁବିଧା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମ୍ପୃକ୍ତ ଆର.ଏମ୍ .ସି ଗୁଡିକ ଆଇ.ଇ.ସି କାର୍ଯ୍ୟକ୍ରମ କରିଆରେ ଚାଷୀମାନଙ୍କ ମଧରେ ମଣ୍ଡିକୁ ଶୃଙ୍ଖଳା, ସଫା ଏବଂ ଏଫ୍.ଏ.କ୍ୟୁ ମାନର ଧାନ ଆଣିବା ପାଇଁ ସଚେତନତା ସୃଷ୍ଟି କରିବାର ନିଷ୍ପତ୍ତି ନିଆଯାଇଛି ।

ବୈଠକରେ ଅନ୍ୟମାନଙ୍କ ମଧରେ ଉପ ଆରକ୍ଷା ଅଧ୍ୱକ୍ଷକ ବିରଞ୍ଚି ନାରାୟଣ ବାଗ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲ୍ଲାପାଳଉପେନ୍ଦ୍ର ଲୋହା, ପାଲଲହଡା ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପଟେଲ, ଅନୁଗୋଳ ସମବାୟ ସମିତି ସମୂହର ଉପ-ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କୃଷକ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ

ରେଙ୍ଗାଳି,(ସବ୍ୟୁ) :କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ବଜ୍ରକୋଟ ନଦୀ ଘାଟରୁ ବେଆଇନ୍ ଭାବେ ବାରମ୍ବାର ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ଆଜି ରେଙ୍ଗାଳି ପୋଲିସ ପକ୍ଷରୁ ଚଡ଼ଉ କରି ଏକ ଟ୍ରାକ୍ଟର ନମ୍ବର ଓଡି ୧୯ ଏସ ୭୧୫୩କୁ ଜବତ କରାଯାଇଛି । ପୋଲିସକୁ ଦେଖି ଟ୍ରାକଟର ଚାଳକ ନାରାୟଣ ନାଏକ (୨୮)ଗାଡି ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଥିବା ବେଳେ ଟ୍ରାକ୍ଟରର କାଗଜପତ୍ର ଠିକ୍ ନଥିବା କୁହାଯାଉଛି ।

# ଧଳପୁର ସେତୁ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି

ଆଠମଲ୍ଲିକ ,(ସବ୍ୟୁ): ଆଠମଲ୍ଲିକ ଏନ ଏ ସି ଅନ୍ତର୍ଗତ ୭ ନମ୍ବର ୱାର୍ଡ ଲିପ୍ତିଙ୍ଗା ଗ୍ରାମ ନିକଟସ୍ଥ ଆଠମଲ୍ଲିକ ଧଳପୁର ସେତୁ କୁ ସଂଯୋଗ କରୁଥିବା ରାସ୍ତାରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ କାଉନସିଲର ନୂତନ ବେହେରାଙ୍କ ନେତୃତ୍ୱ ରେ ଗ୍ରାମବାସୀ ଏକତ୍ରିତ ହୋଇ ସ୍ଥାନୀୟ ନିର୍ବାହୀ ଅଧିକାରୀ ଚନ୍ଦ୍ର କାନ୍ତ ବେହେରା ଙ୍କ ନିକଟରେ ଦାବିପତ୍ର ଦେଇଥିବା ଜଣାପଡିଛି । ସୂଚନା ଥାଉ କି ଉକ୍ତ ସେତୁ ଉପରେ ଚଳାଚଳ ହେବାର ୨ ବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଲାଗିବାର ବ୍ୟବସ୍ଥା କରାଯାଇ ନାହିଁ । ଯା ଫଳରେ ଛୋଟ ମୋଟ ଦୁର୍ଘଟଣା ସହିତ ଭାରିଯାନ ବେଳେ ବେଳେ ରାସ୍ତା ଉପରେ ଅଟକି ଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ।

ବାରମ୍ବାର ଦାବୀ ସତ୍ତ୍ୱେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରାଯାଉ ନଥିବାରୁ ଅତି ଶୀଘ୍ର ଷ୍ଟ୍ରିଟ ଲାଇଟ ଲାଗିବାର ବ୍ୟବସ୍ଥା କରିବାକୁ କାଉନ ସିଲର ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଏ ବାବଦରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଷ୍ଟ୍ରିଟ ଲାଇଟ ଲାଗିବାର ବହୁ ଆଗରୁ ସରକାର ଙ୍କୁ ପ୍ରୋପଜାଲ ଦିଆ ଯାଇଛି ବୋଲି କହିଥିଲେ । ଦାବିପତ୍ର ଦେବା ସମୟରେ କାଉନସିଲର ନୂତନ ବେହେରା, ଅବନୀ ପ୍ରଧାନ, ସତ୍ୟ ନାରାୟଣ ସାହୁ, ପ୍ରଦୀପ ସାହୁ, ଶୁଭେନ୍ଦୁ ଭୁକ୍ତା, ପପୁନ ବେହେରା, ବିକାଶ ବେହେରା, କାର୍ତ୍ତିକ ପଲିଆ, ଆଲୋକ ପଲିଆ, ନୟନ ବେହେରା, ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୫ ବର୍ଷ ହେବ ଚାଲିଛି ବ୍ରିଜ୍ କାମ, ନିମ୍ନମାନର ଅଭିଯୋଗ



ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ମଣ୍ଡ । ମ ଗ୍ରାମକୁ ସଂଯୋଗୀକରଣ କରିବା ପାଇଁ ରାଜ୍ୟ ସରକାର ପୂର୍ତ୍ତ ବିଭାଗ ପକ୍ଷରୁ ମଣ୍ଡାମ ନାଳ ନିକଟରେ ଏକ ବ୍ରିଜ ନିର୍ମାଣ କରା ଯାଉଛି । ଏହି ବ୍ରିଜ କାମ ୫ ବର୍ଷ ହେବ ଚଳୁଥିଲେ ମଧ କାମ ସରୁ ନଥିବା ଯୋଗୁଁ ଅଞ୍ଚଳବାସିଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି । ବିଶେଷ କରି ଏହି ବ୍ରିଜ କାମ ମନ୍ଥର ଗତିରେ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ବ୍ରିଜ ନିର୍ମାଣ ବିଳମ୍ବ ହେଉ ଥିବା ଅଭିଯୋଗ ହୋଇଛି । ଯାହା ଫଳରେ ବୁଧବାର ଦିନ ନାକିଚି ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳ ଙ୍କ ଠାରେ ଏକ ଅଭିଯୋଗପତ୍ର ମାଧମ ଅବଗତ କରାଇଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗପତ୍ର ରେ ଉଲେଖ କରିଛନ୍ତି ଯେ ମଣ୍ଡାମ ନାଳ ନିକଟରେ ଥିବା ଏକ ଛୋଟ ପୋଲରେ ସାମନ୍ୟ ବର୍ଷା ହେଲେ ୨ ଫୁଟର ପାଣି ଯାତାୟାତ କରୁଛି । ଯାହାକି ଲୋକେ ବର୍ଷା ଋତୁରେ ଯିବା ଆସିବା ପାଇଁ ବହୁ ହଇରାଣ ହେଉଛନ୍ତି । ଫଳରେ ରାଜ୍ୟ ସରକାର ୬ କୋଟି ଟଙ୍କା ବ୍ୟୟ ର ଉକ୍ତ ସ୍ଥାନରେ ଏକ ବଡ଼ ବ୍ରିଜନିର୍ମାଣ ପାଇଁ ଅର୍ଥ ମଂଜୁର କରିଥିଲେ ।

ଏହି ବ୍ରିଜ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ତା ୧୦/୧/୨୦୨୦ ମସିହା ରେ ଶିଳାନ୍ୟାସ କରା ଯାଇଥିଲା । ପରେ ସଂଗେ ସଂଗେ ବ୍ରିଜ କାମ ଆରମ୍ଭ ହୋଇ ଥିଲା । ହେଲେ ଏହି ବ୍ରିଜ କାମ ୫ ବର୍ଷ ହେବ ବିତି ଯାଇଥିଲେ ମଧ ବ୍ରିଜ କାମ ସମାପ୍ତ ହୋଇ ପାରୁ ନାହିଁ । ବିଶେଷ କରି କୋଟି କୋଟି ଟଙ୍କା ବ୍ୟୟ ର ନିର୍ମାଣ ହେଉଥିବା ବ୍ରିଜଟି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସହ ଠିକା ସଂସ୍ଥା ସଲାସୁତରା ଯୋଗୁଁ ଉକ୍ତ ବ୍ରିଜ ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି । ବିଶେଷ କରି ଏହି ବ୍ରିଜରେ ଆବଶ୍ୟକ ରଡ଼ ଲାଗି ନଥିବା ବେଳେ ଅତି କଦର୍ଯ୍ୟ କାମ ହୋଇଛି । ଦୀର୍ଘ ୫ ବର୍ଷ ହେବ କାମ ଚାଲୁଥିବା ବେଳେ କାମଟି ସମ୍ପୂର୍ଣ୍ଣ ହୋଇ ପାରି ନାହିଁ । ଏ ପରିକି ବ୍ରିଜର ଉଭୟ ପାର୍ଶ୍ ରେ ରାସ୍ତା ନିର୍ମାଣ ହେଉ ନାହିଁ । ଯାହାକି କାମ ସରି ପାରୁ ନଥିବା ବେଳେ ସରକାରୀ ପ୍ରକଳ୍ପ କାର୍ଯ୍ୟ ସଠିକ ଭାବରେ ହୋଇ ପାରୁ ନଥିବା ଅଞ୍ଚଳବାସି ଅଭିଯୋଗ କରିଛନ୍ତି ।

ଏହି ବ୍ରିଜ ଉପରେ ନିର୍ଭର କରୁଥିବା ମଣ୍ଡଝମ, କମରେଇ, କାକର ପାଣି ଗ୍ରାମବାସୀ ଯିବା ଆସିବା ପାଇଁ ନିର୍ଭର କରୁଥିବା ଏହି ବ୍ରିଜ ନିର୍ମାଣ ସରୁ ନଥିବା ଯୋଗୁଁ ଉକ୍ତ ଗ୍ରାମବାସୀ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତୁରନ୍ତ ଏହି ବ୍ରିଜ କାମ କୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଅଞ୍ଚଳ ବାସି ଦାବି କରିଛନ୍ତଝ ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ ହିମାଂଶୁ ମହାଲିକ କୁହନ୍ତି-ଡିଜାଇନ ଚେଞ୍ଜ ହୋଇଥିବା ଯୋଗୁଁ କାମ ବିଳମ୍ବ ହେଉଛି ବୋଲି କହିଥିଲେ ।

## ଘୋଡାବାନ୍ଧୁଣି ଜଙ୍ଗଲରୁ ଶତାଧିକ ଗଛ କାଟିଦେଲେ

ଠାକୁରଗଡ ,(ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜରେ ଏବେ ଜଙ୍ଗଲ ଗୁଡିକ ଅସୁରକ୍ଷିତ ହୋଇ ପଡିଛି । ବନ ବିଭାଗର ଅବହେଳା ଯୋଗୁଁ ଜଙ୍ଗଲ ରୁ ଅବାଧ ଗଛ କଟା ଯାଉଥିଲେ ମଧ ବନ ବିଭାଗ ର ନୀରବ କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ମଙ୍ଗଳବାର ଦିନ ଠାରୁ ସାନହୁଲା ପଞ୍ଚାୟତ ଘୋଡାବାନ୍ଧୁଣି ଗ୍ରାମ ଜଙ୍ଗଲରୁ ଶତାଧିକ ଗଛ କାଟି ଦିଆଯାଇଛି । ବନ ବିଭାଗର ନୀରବତା ଯୋଗୁଁ କିଛି କାଠ ବ୍ୟବସାୟୀ ଅବାଧ ଗଛ କାଟୁଥିବା ଅଭିଯୋଗ ହୋଇଛି । ଏ ନେଇ ସାନହୁଲା ଅଞ୍ଚଳବାସି ପକ୍ଷରୁ ବୁଧବାର ଦିନ ଆଠମଲ୍ଲିକ ଡିଏଫଓ ଙ୍କ ଠାରେ ଅଭିଯୋଗ ହୋଇଛି । ତାଙ୍କ ଅଭିଯୋଗପତ୍ର ରେ ଉଲେଖ କରିଛନ୍ତି ଯେ ଘୋଡାବାନ୍ଧୁଣି ଜଙ୍ଗଲରେ ସରକାର ଙ୍କ ପକ୍ଷରୁ ୧୯୯୭ ମସିହା ରେ ୬୭୮୯ ଟି ଶାଗୁଆନ, ଶିଶୁ, ଶାଳ ଭଳି ବୃକ୍ଷରୋପଣ କରାଯାଇଛି । ସେହି ଗଛଗୁଡିକ ଏବେ ବଡ ହୋଇ ଗଲାଣି । ଏହି ଗଛ ଗୁଡିକ ପାଇଁ ଜଙ୍ଗଲ ଘଞ୍ଚ ଜଙ୍ଗଲ ହୋଇ ଯାଇଥିବା ବେଳେ ଏହି ଜଙ୍ଗଲ ଉପରେ ଏବେ କାଠ ଚୋର ଙ୍କର ନଜର ପଡିଛି । ଗଛ ଗୁଡିକ କିଛି ଦିନ ହେବ ଏକ କଟର ମେସିନ ସାହାଯ୍ୟରେ କାଟି ସଫା କରି ଦିଆ ଯାଉଛି । ଧଣ୍ଡାତୋପା ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆ ଯାଇ ନଥିବା ବେଳେ କିଛି ବ୍ୟକ୍ତି ଓ କାଠ ଚୋର ମାନେ ଅବାଧ କାଟି ଚାଲିଛନ୍ତି । ୨ ଶହ ରୁ ଉର୍ଦ୍ଧ୍ୱ ଗଛ କାଟି ଦିଆ ଯାଇଥିଲେ ମଧ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ । ଜଙ୍ଗଲକୁ ବନ ବିଭାଗ ପକ୍ଷରୁ ରାତ୍ରୀ ପେଟ୍ରୋଲିଙ୍ଗ କରା ଯାଉ ନଥିବା ଯୋଗୁଁ ଅବାଧ ଗଛ କଟା ଯାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଏଥି ପ୍ରତି ଆଠମଲ୍ଲିକ ବନ ଖଣ୍ଡ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେଇ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କୁହନ୍ତି -ଘୋଡାବାନ୍ଧୁଣି ଜଙ୍ଗଲ କାଟିବା ପାଇଁ କାହାକୁ ଅନୁମତି ଦିଆ ଯାଇ ନାହିଁ ନ୍ତି । ଗଛ କଟା ସମ୍ପର୍କ ରେ ତଦନ୍ତ କରାଯିବ ।

# ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା ନେଇ ପ୍ରଶାସନକୁ ନିବେଦନ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ଡ଼ଆଁରା ଗ୍ରାମର ବିଦ୍ୟୁତ ଲତା ସାହୁଙ୍କ ସ୍ୱାମୀ ବସନ୍ତ ସାହୁ ଆଜକୁ ୩ବର୍ଷ ହେବ ପରଲୋକ ହୋଇଯିବା ପରେ ତାଙ୍କର ଗୋଟିଏ ପୁଅ ଓ ଝିଅକୁ ନେଇ ସେ ତାଳଚେର ବଲଣ୍ଡା ଜଗନ୍ନାଥ କ୍ୱାର୍ଟରରେ ରହୁଛନ୍ତି। ତାଙ୍କ ସ୍ୱାମୀ ଥିବା ବେଳେ ତାଙ୍କର କିଛି ସମ୍ପର୍କୀୟ ପ୍ରରୋଚନାରେ ତାଙ୍କ କ୍ୱାର୍ଟର ତଳେ ରହୁଥିବା ଜୈନିକ କର୍ମଚାରୀଙ୍କ ୩ପୁଅ ମଧ୍ୟରୁ ବଡ଼ପୁଅ ବାପୁନ ଦାସ ଓ ତପନ ଦାସ ସେମାନଙ୍କୁ ବିଭିନ୍ନ ସମୟରେ ଧମକ



ଚମକ ଦେଉଛନ୍ତି ବୋଲି ମହିଳା ଅଭିଯୋଗ କରିଛନ୍ତି। ତାଙ୍କ ସମ୍ପତି ଉପରେ ଲୋଭ ରଖି ଏପରି କାର୍ଯ୍ୟ କରୁଥିବା ସେ ଜାଣିବାକୁ ପାଇଛନ୍ତି ବୋଲି ବେସାହାରା ମହିଳା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ସେ ଏ ସମ୍ପର୍କରେ ବଲଣ୍ଡା ପାଣ୍ଡି, କୋଲିୟରୀ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉଭୟ ପକ୍ଷକୁ ନଡ଼ାକି କୌଣସି କଥା ନବୁଝି କୋର୍ଟକୁ କେସ୍ ପଠାଇ ଦେଇଥିଲେ । ଏହାପରେ ମଧ ସେମାନେ ଆମକୁ ଭିନ୍ନ ଭିନ୍ନ ସମୟରେ କ୍ୱାର୍ଟର ଭିତରକୁ ପଶି ଧମକଚମକ ଦେଉଥିବାରୁ ସେମାନେ ଭୟର ବାତାବରଣ ଭିତରେ ଚଳୁଛନ୍ତି ବୋଲି ମହିଳା ଏହା ପ୍ରକାଶ କରିଛନ୍ତି। ଯଦି ଆଗାମୀ ଦିନରେ କିଛି ଅସୁବିଧା ହୁଏ ତେବେ ପୋଲିସ୍ ପ୍ରଶାସନ ଦାୟୀ ରହିବ ବୋଲି ମହିଳା ଏହା ପ୍ରକାଶ କରିବା ସହ ସ୍ଥାନୀୟ ପ୍ରସାଶନ ସେମାନଙ୍କୁ ସୁରକ୍ଷା ଦେବାନେଇ ଗଣମାଧମ ସମ୍ମୁଖରେ ଏହା ପ୍ରକାଶ କରିଛନ୍ତି। ତେବେ ଏସମ୍ପର୍କରେ ସ୍ଥାନୀୟ ପୋଲିସ୍ ଓ ଅଭିଯୁକ୍ତଙ୍କୁ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନଥିଲା।

## ଗୋଚର, ଅନାବାଦି ଜମି ଇଡ୍‌କୋକୁ ଦେବାକୁ ନୋଟିସ

## ଚିଲତଇଳା ଗ୍ରାମବାସୀଙ୍କ ବିରୋଧ, ଜିଲ୍ଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଚିଲତଇଳା ଗ୍ରାମ ନିକଟରେ ଥିବା ସରକାରୀ ଅନାବାଦୀ ଗୋଚର ଜମିକୁ ଇଡକୋକୁ ପ୍ରଦାନ ପାଇଁ ନୋଟିସ କରାଯାଇଥିବାବେଳେ ଏହାକୁ ଗ୍ରାମବାସୀମାନେ ବିରୋଧ କରିବା ସହିତ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦେଖି ଜମି ହସ୍ତାନ୍ତର ନକରିବାକୁ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଚିଲତଇଳା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମ ନିକଟରେଥିବା ୫ଟି ପ୍ଲଟରେ ଥିବା ୫୨ ଏକର ଜମିକୁ ଇଡକୋକୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ହସ୍ତାନ୍ତର କରିବାକୁ ଗତ ୯ ତାରିଖ ଦିନ ଗ୍ରାମରେ ତହସିଲଦାରଙ୍କ ତରଫରୁ ନୋଟିସ ଜାରିକରାଯାଇଥିଲା । ଏହା ଜଣାପଡିବା ପରେ ଗ୍ରାମବାସୀଙ୍କ ତରଫରୁ ଗ୍ରାମସଭା କରାଯାଇ ଜମିକୁ ହସ୍ତାନ୍ତର ନକରିବାକୁ ନିଷ୍ପତି କରାଯାଇଛି । ଏହି ପ୍ଲଟ ଗୁଡିକ ଦେଇ ଗ୍ରାମବାସୀମାନେ ଚଳାଚଳ କରିବା ସହିତ ଗୋଚର,ଅନାବଦୀ ଜମି ରହିଛି । ଏହି ଜମିରେ ସରକାରୀ ବିଦ୍ୟାଳୟ ଥିବା ବେଳେ ପୋଖରୀ,ଶନି ମନ୍ଦିର ସହିତ ଖେଳପଡିଆ ରହିଛି ।

ଗ୍ରାମବାସୀ ମାନେ ସମସ୍ତେ ଚାଷୀ ହୋଇଥିବା ବେଳେ ସେଠାରେ ଏକ ଆଶ୍ରମ ବିଦ୍ୟାଳୟରେ ପ୍ରାୟ ୫ଶହ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି । ଏଭଳି ପରି ଜମିକୁ ଇଡକୋକୁ ହସ୍ତାନ୍ତର ନକରିବାକୁ ଗ୍ରାମବାସୀମାନେ ଲିଖିତ ଭାବରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କ ସହିତ ବିଧାୟୀକାଙ୍କୁ ଜଣାଇଛନ୍ତି । ଏହାକୁ ନେଇ ଗ୍ରାମସଭାପତି ବସନ୍ତ ସାହୁ,ସମ୍ପାଦକ ବଳରାମ ସାହୁଙ୍କ ସହିତ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟିଥିବା ଜଣାପଡିଛି ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଆଠମଲ୍ଲିକ ,(ସବ୍ୟୁ) : ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳ ପଡିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି । ମେଳା ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ମତ୍ସ୍ୟ ପ୍ରାଣୀ ସମ୍ପଦ ଅଧିକାରୀ(ସିଡିଭିଓ)ଡ଼ଃ ସତ୍ୟ ନାରାୟଣ ସାହୁ, ସଂମ୍ମାନିତ ଅତିଥି ଭାବରେ ଏସ ଡ଼ି ଭି ଓ ଅମରେଶ ସ୍ୱାଇଁ,ସାଂସଦ ଙ୍କ ପ୍ରତିନିଧି ପ୍ରକାଶ ସାହୁ, ବିଧାୟକଙ୍କ ପ୍ରତିନିଧି ମହେଶ୍ୱର ଦେହୁରୀ, ବିଡ଼ିଓ ଟିଟସ ମହା ନନ୍ଦିଆ, ନିବହୀ ଅଧିକାରୀ ଚନ୍ଦ୍ର କାନ୍ତ ବେହେରା, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜୟଶ୍ରୀ ଛତ୍ରିଆ, ସହକାରୀ ଜିଲ୍ଲାପାଳ ପାର୍ଥ ସାରଥୀ ବିଶ୍ୱାଳ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ଓମଫେଡ ଅଧିକାରୀ ପ୍ରିୟ ବ୍ରତ ତରିଆ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଯୋଜନା ତଥା ଗୋପାଳନ, ଛେଳି ଚାଷ, ମାଛ ଚାଷ, କୁକୁଡ଼ା ଚାଷ କରି ଫାଇଦା ନେବାକୁ ଚାଷୀ ମାନଙ୍କୁ ଅନୁରୋଧ କରିଥିଲେ ।

ଏହି ଅବସରରେ ମହିଳା ଓ ପୁରୁଷ ସଫଳ ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା । ତତ ସହିତ ଲକ୍ଷ୍ମୀ ପ୍ରିୟା ସାହୁ କୁକୁଡ଼ା ଚାଷ କରି ବର୍ଷ କୁ ୨୫ ଲକ୍ଷ ଟଙ୍କା ଆୟ କରିବା ସହିତ ଅନେକ ପରିବାରଙ୍କୁ ରୋଜଗାର ଯୋଗେଇ ଦେଇଥିବାରୁ ବିଭାଗ ତରଫରୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ବ୍ଲକ ଭେଟେନାରୀ ଅଫିସର ସରିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅସ୍ମିତା ମୁର୍ମୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ ।

# ସମଲରେ ହେବ ଧାନମଣ୍ଡି

ଗୋଡ଼ିବନ୍ଧ, (ସବ୍ୟୁ): ବହୁ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି । ପୂର୍ବ ସରକାରରେ ଅନେକ ଥର ଚାଷୀଙ୍କ ଆନ୍ଦୋଳନ ସତ୍ତ୍ୱେ ଧାନ ବିକ୍ରୟ ପାଇଁ ଧାନ ମଣ୍ଡି ନିର୍ମାଣ ସ୍ୱପ୍ନ ହେଇ ରହିଯାଇଥିଲା । ଏହି ଅତ୍ୟାବଶ୍ୟକ ସେବା ପାଇଁ ହତାଶ ହେଇଥିବା ଚାଷୀମାନଙ୍କ ପାଇଁ ଏବେ ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକର ଅବିଭକ୍ତ ସମଲ ପଞ୍ଚାୟତରେ ଖୁବ୍ ଶୀଘ୍ର ଧାନମଣ୍ଡି ଆରମ୍ଭ ହେବ ବୋଲି ବିଧାୟକ ଅଶୋକ କୁମାର ମହାନ୍ତି ଏକ ସ୍ୱତନ୍ତ୍ର ଭାବେ ଆୟୋଜିତ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଆସନ୍ତା ଖରିଫ ଚାଷରେ ଆମଦାନୀ ଅପେକ୍ଷାରେ ଥିବା ଉତ୍ପାଦିତ ଧାନକୁ ବିକ୍ରିପାଇଁ ଆଉ ଚାଷୀମାନେ ହଇରାଣ ହେବାରୁ ବଞ୍ଚିତ ହେବେ, ନିକଟରେ ଏହାର ସ୍ଥାନ ନିରୂପଣ ଓ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଶାସନକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । କଟନି ଛଟନି ଓ ସ୍ୱଓ୍ଵାକ୍ସ ଦରରେ ଦଲାଲଙ୍କ ପ୍ରାଦୁର୍ଭାବରୁ ମୁକ୍ତି ମିଳିବ । ସିଧା ସଳଖ ଚାଷୀ ଉତ୍ପାଦିତ ସାମଗ୍ରୀକୁ ଧାନ ମଣ୍ଡିରେ ବିକ୍ରୟ କରିପାରିବେ ଓ ଇନ୍ ପୁଟ ସବସିଡି ଫାଇଦା ପାଇବେ ବୋଲି ବିଧାୟକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ଏ ଖବର ପ୍ରକାଶିତ ହେବାପରେ ଚାଷୀଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଛି ଓ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଗୋରୁ ଗାଈ ତାଳଚେରରେ କେତେ ସୁରକ୍ଷିତ

ତାଳଚେର, (ସବ୍ୟୁ) : ତାଳଚେର ସହରରେ କ୍ରମଶଃ ଗୋରୁଗାଈ ସଂଖ୍ୟା ଲୋପ ପାଇଆସୁଥିବା ବେଳେ ଆଉ ଯେଉଁ ପରିମାଣରେ ଗୋରୁଗାଈ ରହିଛନ୍ତି ସେମାନେ ଏବେ ଖାଇବାକୁ ନପାଇ ରାସ୍ତାବାଟ ଘାଟରେ ବୁଲି ପାର୍ଶ୍ୱରେ ପଡ଼ି ରହିଥିବା ଜରି, ଖଲି, ଚଉପତି ଇତ୍ୟାଦି ଖାଇ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହେଉଛି ।




ଦୋକାନୀମାନେ ସେମାନେଙ୍କ ଅବ୍ୟବ୍ୟବହୃତ ଜରି ଓ ଅନାବନା ଜିନିଷକୁ ବାହେରେ ଫପାଡ଼ି ଦେଉଥିବାରୁ ଗୋରୁଗାଈମାନେ ପେଟର ଜ୍ୱାଳା ସମ୍ଭାଳି ନପାରି ସେଗୁଡ଼ିକୁ ଖାଇ କେତେକ ଜୀବନ ହାରୁଥିବା ବେଳେ ଆଉ କେତେକ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି । ପୌରପରିଷଦ ପକ୍ଷରୁ ଦୋକାନି ଗୁଡିକୁ ପଲିଥିନ ନପକାଇବାକୁ ତାଗିଦ୍ କରୁଥିଲେ ମଧ ଅମାନିଆ ଦୋକାନୀ ଏଗୁଡ଼ିକୁ ରାସ୍ତା କଡ଼ରେ ପକାଇ ଦେଉଥିବାରୁ ଏହି ଅବସ୍ଥା ସୃଷ୍ଟି ହେଉଛି ବୋଲି କୁହାଯାଉଛି ।

ତେଣୁ ତୁରନ୍ତ ପୌରପରିଷଦ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏପରିକି ଆହୁରି ମଧ ଏହି ଗୋରୁ ଗାଈ ଗୁଡ଼ିକ ରାସ୍ତାରେ ଶୋଇ ରହୁଥିବାରୁ ଟ୍ରକ ଦୁର୍ଘଟଣାରେ ଏମାନେ ଶୀକାର ହେଉଥିବା ଦୁଃଖଦ ଘଟଣା ପିଛା ଛାଡୁନାହିଁ । ତେଣ ଏସବୁ ଅଘଟଣରୁ ଗୋରୁ ଗାଈଙ୍କୁ କିପରି ସୁରକ୍ଷା ଦିଆଯିବ ସେଥିନେଇ ପ୍ରଶାସନ, ଗୋ ମାତା ମାଲିକ ଓ ସମାଜସେବୀ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି ।

# ଆଜବେଷ୍ଟସ ସିମେଣ୍ଟ ଚାଦରକୁ ଏନ୍‌ଜିଟିର ସମର୍ଥନ : ଜନସ୍ୱାସ୍ଥ୍ୟ ବିପଦର ପ୍ରମାଣ ନାହିଁ

ଢେଙ୍କାନାଳ , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଉତ୍କଳ ଆଜବେଷ୍ଟସ ଦ୍ୱାରା ପ୍ରସ୍ତୁତ ଆଜବେଷ୍ଟସ୍-ସିମେଣ୍ଟ ଚାଦର ଛାତର ସୁରକ୍ଷାକୁ ଜାତୀୟ ସବୁଜ ନ୍ୟାୟାଧିକରଣ ଏନଜିଟି ସମର୍ଥନ କରିବା ସହିତ ଜନସ୍ୱାସ୍ଥ୍ୟ ବିପଦର କୌଣସି ପ୍ରମାଣ ନାହିଁ ବୋଲି ପ୍ରକାଶ କରିଛନ୍ତି। ଭାରତର ନିର୍ମାଣ ସାମଗ୍ରୀ କ୍ଷେତ୍ର ପାଇଁ ଏକ ପ୍ରମୁଖ ବିକାଶରେ, ଜାତୀୟ ସବୁଜ ନ୍ୟାୟାଧିକରଣ ଦାଖଲ ଏବଂ ବିଶେଷଜ୍ଞ କମିଟି ମତାମତ ଯାଞ୍ଚକରିବା ପରେ, ଏନଜିଟି ସ୍କୁଲ ଏବଂ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନରେ ଆଜବେଷ୍ଟସ୍-ସିମେଣ୍ଟଛାତ ଚାଦର ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବାକୁ ମନା କରିଦେଇଛି। ଏନଜିଟି କହିଛି ଯେ ମାନବ ସ୍ୱାସ୍ଥ୍ୟ ଉପରେ ଆଜବେଷ୍ଟସ୍-ସିମେଣ୍ଟ ସିଟ୍ ନିୟମିତ ବ୍ୟବହାରର କ୍ଷତିକାରକ ପ୍ରଭାବର କୌଣସି ନିର୍ଣ୍ଣାୟକ ବୈଜ୍ଞାନିକ ପ୍ରମାଣ ନାହିଁ।

ଡକ୍ଟର ରାଜା ସିଂହ ବନାମ ଭାରତ ସଂଘ ଏବଂ ଅନ୍ୟାନ୍ୟ ମାମଲାରେ ଏହି ନିଷ୍ପତ୍ତି ଦିଆଯାଇଥିଲା।ଯେଉଁଠାରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ ବହୁ-ଶାଖାଗତ ବିଶେଷଜ୍ଞ



କମିଟି ଏହି ମାମଲାକୁ ଯାଞ୍ଚ କରିଥିଲା। ବିଶେଷଜ୍ଞ କମିଟି କହିଛି ଯେ ଆଜବେଷ୍ଟସ୍ ତନ୍ତୁ ସିମେଣ୍ଟରେ ଦୃଢ଼ ଭାବରେ ସ୍ଥାପିତ ହୋଇଥାଏ, ଯାହା ସାମଗ୍ରୀକୁ ସ୍ଥିର, ସ୍ଥାୟୀ ଏବଂ ନିରାପଦ କରିଥାଏ । ସ୍କୁଲ ଭଳି ଅଣ-ଶିଳ୍ପ କ୍ଷେତ୍ରଗୁଡ଼ିକରେ ଆଜବେଷ୍ଟସ୍ ସିମେଣ୍ଟ ଚାଦର ବ୍ୟବହାର କରିବା ଦ୍ୱାରା ମାନବ ସ୍ୱାସ୍ଥ୍ୟ ଉପରେ ବିପଦ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ।

ନ୍ୟାୟାଧିକରଣ ଲକ୍ଷ୍ୟ କରିଥିଲେ ଯେ ସୁରକ୍ଷିତ ପରିଚାଳନା ଏବଂ ଏନଜିଟି ମାନଦଣ୍ଡ ପାଳନ ସର୍ବନିମ୍ନ ଏକ୍ସପୋଜର ଏବଂ ପରିବେଶ ସୁରକ୍ଷା ସୁନିଶ୍ଚିତ କରେ। ଜାତୀୟ ସବୁଜ ନ୍ୟାୟାଧିକରଣ ,ପରିବେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ସର୍ବୋତ୍ତମ ଆନ୍ତର୍ଜାତୀୟ ଅଭ୍ୟାସଗୁଡ଼ିକର ସମୀକ୍ଷା କରନ୍ତୁ ଏବଂ ୬ ମାସ ମଧରେ ଆଜବେଷ୍ଟସ୍ ଯୁକ୍ତ ଉତ୍ପାଦଗୁଡ଼ିକର ଉତ୍ପାଦନ, ସ୍ଥାପନ, ରକ୍ଷଣାବେକ୍ଷଣ, ଅପସାରଣ ଏବଂ ନିଷ୍କାସନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରନ୍ତୁ, ଯାହା ଦ୍ୱାରା ପରିବେଶ ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ସୁନିଶ୍ଚିତ ହୋଇପାରିବ।ଶିଳ୍ପ ଏହି ନିଷ୍ପତ୍ତିକୁ ସ୍ୱାଗତ କରେ ଶିଳ୍ପ ସଂସ୍ଥାଗୁଡ଼ିକ ଏନଜିଟିର ଏହି ରାୟକୁ ବିଜ୍ଞାନ-ଆଧାରିତ ନିୟନ୍ତ୍ରଣ, ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଏକ ଦୃଢ଼ ପ୍ରମାଣ ଭାବରେ ସ୍ୱାଗତ କରିଛନ୍ତି। ଏହା ସହିତ ଆହୁରି ମଧ କୁହାଯାଇଛି ଯେ 'ଆଜବେଷ୍ଟସ୍-ସିମେଣ୍ଟସିଟ୍ ନିରାପଦ, ସ୍ଥାୟୀ ଏବଂ ଭାରତର ସୁଲଭ ଗୃହ ଏବଂ ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ।ଶିଳ୍ପ ଉଚ୍ଚ ପରିବେଶଗତ ମାନଦଣ୍ଡ, ଶ୍ରମିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା, ଏବଂ ଆଜବେଷ୍ଟସ୍-ସିମେଣ୍ଟ ଉତ୍ପାଦଗୁଡ଼ିକର ନିରାପଦ ବ୍ୟବହାର, ପରିଚାଳନା ,ବିସ୍ଥାପନକୁ ପ୍ରୋତ୍ସାହିତ କରିବା ବିଷୟରେ ଜନସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ବୋଲି ଜଣାପଡିଛି।

# ସ୍ମାର୍ଟ ମିଟର ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାର ସ୍ମାର୍ଟ ମିଟର ଓ ଶୋଷଣକୁ ନେଇ ଜିଲ୍ଲାର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ତରଫରୁ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଢେଙ୍କାନାଳ ଜିଲ୍ଲା ପରୀକ୍ଷଣ କେନ୍ଦ୍ର ପାଲଟି ଥିବା ବେଳେ ଜିଲ୍ଲାବାସୀ ବିଭିନ୍ନ ସମୟରେ ଶୋଷଣ ଏବଂ ସମସ୍ୟାର ଶିକାର ହେଉଛନ୍ତି । ଟାଟା ପାୱାର କମ୍ପାନୀ ଅଭିନବ ଉପାୟରେ ଜିଲ୍ଲାବାସୀଙ୍କୁ ଶୋଷଣ କରିବା ସହିତ ସ୍ମାର୍ଟ ମିଟର ବସାଇ ବିଦ୍ୟୁତ ଉପଭୋକ୍ତାଙ୍କୁ ଧମକ ଚମକ ଦେବା ସହିତ ଜରିମନା କାଟିନେଉଛି ।ଫଳରେ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ପ୍ରଥମେ କମ୍ପାନୀ ବିଦ୍ୟୁତ ସରବରାହ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାକୁ ସ୍ମାର୍ଟକରିବା ପରେ ନିରବଛିନ୍ନ ବିଦ୍ୟୁତ ଯୋଗାଣ କରିବାକୁ ଦାବୀ କରାଯିବା ସହିତ ରାଜ୍ୟ ସାରା ସ୍ମାର୍ଟ ମିଟର ପ୍ରଚଳନ କରୁବୋଲି ଦାବୀ କରାଯାଇଛି ।

ଢେଙ୍କାନାଳ ଜିଲ୍ଲା ସ୍ମାର୍ଟ ସିଟିର ବହୁ ପଛରେ ଥିବା ବେଳେ ବର୍ତ୍ତମାନ କମ୍ପାନୀ ସ୍ମାର୍ଟମିଟର ଲଗାଇବାରୁ ବିରତ ରହିବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ଦାବୀ କରାଯାଇଛି । ଏହାକୁ ନେଇ ଏକ ଦାବୀପତ୍ର ପୂର୍ବତନମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ,ସମାଜସେବୀ ରାମଚନ୍ଦ୍ର ପାତ୍ର, ଆଇନଜିବୀ ସଞ୍ଜୟ କୁମାର ମିଶ୍ର,ବିକାଶ କୁମାର ସାହୁଙ୍କ ସହିତ ଅନ୍ୟମାନେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

## ହାଟଡିହିରେ ଅବକାରୀ ଚଢ଼ାଉ : ମଦ ଜବତ



କେନ୍ଦୁଝର,(ଜିପ୍ର/ସବ୍ୟୁ): କେନ୍ଦୁଝର ଅବକାରୀ ବିଭାଗ ମଙ୍ଗଳବାର ସନ୍ଧ୍ୟାରେ ହାଟଡିହି ବ୍ଲକ ଅନ୍ତର୍ଗତ ଢେଙ୍କା ଗ୍ରାମର ଏକ ଘରୁ ୧୩୭ ଲିଟର ବିଦେଶୀ ମଦ ଜବତ କରିଛି। ଢେଙ୍କା ଗ୍ରାମର ପ୍ରଭାକର ମହାନ୍ତି (୪୨)ଙ୍କ ଦ୍ୱାରା ବେଆଇନ ମଦ ବିକ୍ରୟ ସମ୍ପର୍କରେ ସୂଚନା ପାଇବା ପରେ ଚଢାଉ କରାଯାଇଥିଲା। ଚଢ଼ାଉ କରିବା ପାଇଁ ଯାଇଥିବା ଦଳ ବିଷୟରେ ସୂଚନା ପାଇଁ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ଜଣାପଡ଼ିଛି। ଅବକାରୀ ଉପ-ଅଧିକ୍ଷକ ଦିବ୍ୟ ରଞ୍ଜନ ଦୀପଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ଅଭିଯାନରେ ୯୪ ଲିଟର ବିଦେଶୀ ମଦ (ବିଭିନ୍ନ ବ୍ରାଣ୍ଡର) ଏବଂ ୪୩ ଲିଟର ବିୟର ଜବତ କରାଯାଇଥିଲା, ଯାହା ମୋଟ ୧୩୭ ଲିଟର ଥିଲା। ହାଟଡିହି ତହସିଲଦାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ 1 ଶିବବ୍ରତ ତ୍ରିପାଠୀଙ୍କ ଉପସ୍ଥିତିରେ, ସୋସୋ ପୋଲିସ ଷ୍ଟେସନର ଆଇଆଇସି ଶିବ ଶଙ୍କର ଆଲଦା ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଚଢାଉ କରାଯାଇଥିଲା।କେନ୍ଦୁଝର ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ ର ଅଂଶ ଭାବରେ ସବ-ଇନ୍ସପେକ୍ଟର ରୋହିତ ନାୟକ,ଗିରିଜା ନନ୍ଦନ ଜେନା, ସନ୍ତୋଷ ଦାସ ଏବଂ ତନୁ ପାତ୍ର ମଧ୍ୟ ଏନଫୋର୍ସମେଣ୍ଟ ଅପରେସନରେ ଅଂଶଗ୍ରହଣ କରିଥିଲେ।ଏନେଇ ଏକ ମାମଲା ପଞ୍ଜିକୃତ କରାଯାଇ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରିରହିଛି।

### ଦୁର୍ଗମ ବନାଞ୍ଚଳରେ ଖଣିଜ ପଦାର୍ଥ ଚୋରି

## ଲୁହାପଥର ବୋଝେଇ ୨ ହାଇୱା, ଜେସିବି ମେସିନ ଜବତ : ୪ ଗିରଫ



କେନ୍ଦୁଝର, (ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ପୋଲିସ ପିଢ଼ପୋଖରୀ ବନାଞ୍ଚଳରେ ଚଢାଉ କରି ଚୋରା ଲୁହାପଥର ବୋଝେଇ ଦୁଇଟି ହାଇୱା,ଗୋଟିଏ ଜେସିବି ମେସିନ ଓ ଗୋଟିଏ ବାଇକ ଜବତ ସହିତ ଚୋରା ଖଣିଜ ପଦାର୍ଥ ଚୋରା କାରବାରରେ ସଂଶ୍ଳିଷ୍ଟ ୪ ଜଣ ଖଣି ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଯୋଡା ହୁଡ଼ିସାହିର ପ୍ରିନ୍ସ ଜର୍ଜ,ଝାଡ଼ଖଣ୍ଡ ରାଜ୍ୟ ଦେଓଘରର ହାଡ଼ିସ ମିଆଁ,ବଡ଼ବିଲ ଆଜାଦ ବସ୍ତିର ମହମ୍ମଦ ମୋସିନ ଆଲମ ଓ ବଡ଼ବିଲ ଦାମୁ ହଟିଂର ୱାସିମ ଆକ୍ରମ । ପୋଲିସ ଜବତ କରିଥିବା ହାଇୱା ନଂ ଓଡି-୦୯ପି-୨୨୯୨,ଓଡ଼ି-୦୯ଭି-୩୪୦୬, ଜେସିବି ନଂ ଓଡି-୨୨ୟୁ-୮୪୪୭ ଓ ବାଇକ ନଂ ଓଆର୍-୦୯ ପି-୦୧୫୩କୁ ପୋଲିସ ଜବତ କରିଛି । ଜବତ ଟ୍ରକ ଦ୍ୱୟରେ ପ୍ରାୟ ୬୦ ମେଟ୍ରିକ ଟନ ଉନ୍ନତ ମାନର ଲମ୍ପସ ଲୁହାପଥର ବୋଝେଇ ହୋଇଥିଲା । ଏ ନେଇ ବାମେବାରୀ ଥାନାରେ କେସ ନଂ ୨୨୩/୨୦୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଯଶ କେତନ ଭୋଇ ସୂଚନା ଦେଇଛନ୍ତି । ପୋଲିସର ସୂଚନା ଅନୁଯାୟୀ,ରବିବାର ବିଳମ୍ବିତ ରାତିରେ କେନ୍ଦୁଝର - ସୁନ୍ଦରଗଡ ଜିଲ୍ଲା ସୀମାନ୍ତ ପିଢ଼ପୋଖରୀ ବନାଞ୍ଚଳରେ ଜେସିବି ମେସିନ ଯୋଗେ ଖୋଳି ଲୁହାପଥର ବୋଝେଇ କରୁଥିବା ଖବର ପାଇ ବାମେବାରୀ ଥାନା ଆଇଆଇସି ଯଶ କେତନ ଭୋଇ ସଦଳବଳେ ଚଢାଉ କରିଥିଲେ । ରାତ୍ରି ସମୟ ହୋଇଥିବାରୁ କିଛି ଖଣିଜ ଚୋର ଖସି ପଳାଇ ଯାଇଥିବା ବେଳେ ଦୁଇ ଜଣ ଡ୍ରାଇଭରଙ୍କୁ ପୋଲିସ କାବୁ କରି ନେଇଥିଲା ।ଏହି ଘଟଣା ତଦନ୍ତ କରି ଆଉ ଦୁଇ ଜଣ ଖଣି ଚୋରଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା । ଏହି ଚୋରା ଲୁହାପଥର କାରବାରରେ ବହୁ ଖଣିଜ ଚୋର ସଂପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ଏହାର ଚେର ଝାଡ଼ଖଣ୍ଡ ଓ ରାଉରକେଲା ଅଞ୍ଚଳକୁ ବ୍ୟାପିଥିବା ପୋଲିସ ଜାଣିବାକୁ ପାଇଛି । ତେବେ ପିଢ଼ପୋଖରି ପରି ସୀମାନ୍ତ ଘଞ୍ଚ ଜଙ୍ଗଲରେ ଖଣିଜ ଚୋର ମାନେ ଅନାୟାସରେ ମେସିନ ଲଗାଇ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ବେଳେ ବନ ବିଭାଗ ଓ ଖଣି ବିଭାଗ କିପରି ଏହା ଜାଣି ପାରୁନାହାଁନ୍ତି,ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣିଜର ମୂଲ୍ୟ ପ୍ରିମିୟମ ଦେଉଥିବା ଖଣି ଗୁଡିକରେ ଅହେତୁକ ବୃଦ୍ଧି ହେବା ଫଳରେ ବିଭିନ୍ନ ବନାଞ୍ଚଳ ଓ ପରିତ୍ୟକ୍ତ ଖଣିରେ ଆନ୍ତଃ ରାଜ୍ୟ ଖଣିଜ ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ପ୍ରାରମ୍ଭିକ ଅନୁସନ୍ଧାନ ପରେ ବାମେବାରୀ ଥାନା ଅଧିକାରୀ ଭୋଇ କହିଛନ୍ତି ଯେ,ଏହି ଚୋରା ଲୁହାପଥର ପଡୋଶୀ ରାଜ୍ୟକୁ ଚାଲାଣ ହେଉଥିଲା । ଖଣିଜ ଚୋରା କାରବାର ଉପରେ ରାଜ୍ୟ ସରକାର ଜିରୋ ଟୋଲେରେନ୍ସ ଅଙ୍କୁଶ ଲଗାଇ ଥିବା ବେଳେ ଏହାକୁ ପ୍ରତିହତ କରିବାରେ କେନ୍ଦୁଝର ପୋଲିସର ତତ୍ପରତା ବୃଦ୍ଧି ପାଇଛି । ତେଣେ ଖଣି ବିଭାଗର ଶିଥିଳତା ଅଞ୍ଚଳରେ ଖଣିଜ ଚୋରିକୁ ପ୍ରୋତ୍ସାହିତ କରୁଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରକ୍ତଦାନ ଶିବିର

ଭଦ୍ରକ,(ସବ୍ୟୁ) ଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଂଚୟ ପକ୍ଷ ପାଳନ ଅବସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଉଦଘାଟନ କରିଥିଲେ ଓ ସମସ୍ତଙ୍କୁ ସଂଚୟ ଓ ସାମାଜିକ ଦାୟିତ୍ୱ ବୋଧତା ସଂପର୍କରେ ଅବଗତ କରାଇବା ସହ ଅଧିକରୁ ଅଧିକ ରକ୍ତ ଦାନ କରିବା ପାଇଁ ଅନୁପ୍ରାଣିତ କରିଥିଲେ। ଏହି ସଭାରେ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ,ଡେପୁଟି କଲେକ୍ଟର,ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ଓ ଡାକ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ଡାକ ଅଭିକର୍ତ୍ତା,ଜିଲ୍ଲାପାଳଙ୍କ କାର୍ଯଯାଳୟ ଓ ଡାକ ବିଭାଗର କର୍ମକର୍ତ୍ତା ଯୋଗଦେଇ ଶିବିରଟିକୁ ସଫଳ କରିଥିଲେ। ମୋଟ ୨୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଚୂନଟି ହାଇସ୍କୁଲରେ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ

ଭଦ୍ରକ,(ସବ୍ୟୁ): ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଚୂନଟି ଚରମ୍ପା ପରିସରରେ ପ୍ରଧାନଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀକୁ ହରେକୃଷ୍ଣ ମହତାବ ସ୍ମାରିକ ପରିଷଦ ପାଳନ କରିଛି ।ଭଦ୍ରକର ସଭାପତି ଡ଼.ଭାଗବତ ତ୍ରିପାଠୀ,ଡ଼.ଶଶିକାନ୍ତ ପାଢ଼ୀ ଓ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର,ଚୂନଟି ହାଇସ୍କୁଲର ପ୍ରତିଷ୍ଠାତା ରତ୍ନାକର ସାମଲ ମହତାବଙ୍କ ଜନ୍ମ ଜୟନ୍ତୀର ସ୍ମୃତି ଚାରଣ କରି ଓଡିଶାର ନବ ନିର୍ମାତା ହରେକୃଷ୍ଣ ମହତାବଙ୍କର ବାଲ୍ୟ ବୟସରୁ ମୃତ୍ୟୁ ପର୍ଯ୍ୟନ୍ତ ଗୁଣାବଳୀମାନ ଅବତାରଣା କରି ବିଦ୍ୟାଳୟର ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାଇଲକ୍ଷ୍ମୀଦାସ,କାଦମ୍ବିନୀ ଯେନା,ଜୟନ୍ତୀ ମାଝୀ,ଶେଖ ମୋଇଉଦିନ,ବିନୀତ ମଲ୍ଲିକ ସାର ଗର୍ଭକ ବକ୍ତବ୍ୟ ମାନ ରଖିଥିଲେ। ତନୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବନରକ୍ଷୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବି

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ତଣ୍ଡ ବିଟ ରେ କାର୍ଯ୍ୟରତ ବନରକ୍ଷୀ ଦେବଯାନୀ ମହାନ୍ତଙ୍କୁ ଗତ୩୧ତାରିଖ ବାଲି ମାଫିଆମାନେ ଦୁର୍ବ୍ୟବହାର କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇ ଧକ୍କା ମାରି ଟ୍ରାକ୍ଟର ନେଇଯାଇଥିଲେ । ଟ୍ରାକ୍ଟର ନେଇଯିବା ଏବଂ ବାଲି ମାଫିଆ ଜଣଙ୍କ ଖୋଲାମ ଖୋଲା ବୁଲୁଥିବା ବେଳେ ତାକୁ ଗିରଫ ନକରି ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରି ବନ ବିଭାଗ ଓ ପୋଲିସ ପ୍ରଶାସନ ଘଟଣାକୁ ଚାପିଦେବା ପାଇଁ ବସିଛନ୍ତି ।ଏହି ଘଟଣାଟି ଏତେ ଦିନ ବିତିଯାଇଥିଲେ ମଧ୍ୟ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରୁ ନାହି ସାଧାରଣ ରେ ପ୍ରଶ୍ନବାଚି ସୃଷ୍ଟି ହେଉଛି। ଏନେଇ ସୋମବାର ଦିନ ଜିଲ୍ଲାପାଳ ଙ୍କ ଅଭିଯୋଗ ଜନଶୁଣାଣି ରେ ଓଡିଶା କୁଡୁମୀ ସେନାର କର୍ମକର୍ତ୍ତା ମାନେ ବନରକ୍ଷୀ ଦେବଜାନୀ ମହାନ୍ତ ଙ୍କ ସପକ୍ଷରେ ଆସି ମୁଖ୍ୟ ଅପରାଧୀ ସହ ଅନ୍ୟ ମାନଙ୍କ ଗିରଫ ନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି ।ହରିଚନ୍ଦନପୁର ବ୍ଲକ ସଭାପତି ପଦ୍ମଲୋଚନ ମହାନ୍ତ ଦେଖାକରି ଦାବି ପତ୍ର ଦେଇଛନ୍ତି। ଏହା ପରେ ଯଦି ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଓଡିଶା କୁଡୁମୀ ସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି ।

## ରାଜ୍ୟ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବାଲେଶ୍ୱର,(ସବ୍ୟୁ): -ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଏଥେଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତାର ଉଦ୍ଘାଟନ ଉତ୍ସବ ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଏହି ପ୍ରତିଯୋଗିତାରେ ଯୋଗ ଦେଉଛନ୍ତି। ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରତିଯୋଗିତା ଆରମ୍ଭ ହେବାର ଉଦ୍ଘୋଷଣା କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜିଲ୍ଲା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ସୁଜାତା ନାୟକ ଓ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା ଯୋଗ ଦେଇ ଖେଳାଳୀମାନଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କର ସଫଳତା କାମନା କରିଥିଲେ। । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କୁଳିଅଣା ,(ସବ୍ୟୁ): କୁଳିଅଣା ବ୍ଲକ ପ୍ରଣୀ ଚିକିତ୍ସାଳୟ ଓ ମତ୍ସ୍ୟ ବିଭାଗ ଯୁଗ୍ମ ଉଦ୍ୟମ ମଙ୍ଗଳବାର ଦିନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଆୟୋଜନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଙ୍ଗିରିପୋଷି ବିଧୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ, ମୁଖ୍ୟ ବକ୍ତା ଭାବେ ବାରିପଦା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୀପକ ରଞ୍ଜନ ପରିଡା , ସମ୍ମାନିଅ ଅତିଥି ଭାବେ କୁଳିଅଣା ପଞ୍ଚାୟତ ସମିତି ଉପାଧାକ୍ଷା ଅନିମା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି , ଆନନ୍ଦ ଚନ୍ଦ୍ର ଟୁଡୁ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ମୟୁରଭଞ୍ଜ ଡା ବିଶ୍ୱରଂଜନ ପ୍ରଧାନ , କୁଳିଅଣା ଗୋଷ୍ଠି ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁ , କୁଳିଅଣା ଗୋଷ୍ଠି କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଉପସ୍ଥିତ ଅତିଥିମାନେ ମତ୍ସ୍ୟ ପ୍ରାଣୀ ସମ୍ପଦ ଓ କୃଷି ସମ୍ପଦ ଯୋଜନାରେ ଚାଷୀମାନେ କିପରି ଉପକୃତ ହୋଇ ପାରିବେ ସେ ବିଷୟରେ ବିସ୍ତୃତ ଭାବରେ ଦିଗଦର୍ଶନ ପ୍ରଦାନ କରିବା ସହ ଉନ୍ନତ ପ୍ରଣାଳୀରେ କିପରି ଚାଷୀ ଅଧିକ ଲାଭ ପାଇ ପାରିବେ ସେ ବିଷୟ ରେ ଆଲୋକ ପାତ କରିଥିଲେ । ଅତିରିକ୍ତ ଏସ. ପି ଦୀପକ କୁମାର. ଗୋଛାୟତ କୁଳିଅଣା ଥାନା ଆଇ. ଆଇ. ସି ପ୍ରଦୀପ ମହାପାତ୍ର ସାଇବଇ କ୍ରାଇମ ଉପରେ ବିଭିନ୍ନ ଉଦାହରଣ ଦେଇ ଜଣ ସାଧାରଣ କିପରି ବିଭିନ୍ନ ଠୋକାମି ରେ ପଡୁଛନ୍ତି ସେ. ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବାସହିତ ବାଙ୍ଗରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ ସାଇବର ଠକାମୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଜ୍ଞାନ ମୋହନ. ପୋଥାଳ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରି ଥିଲେ । ଶେଷରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ. ଡା. ଉତ୍ତମ କୁମାରବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମୃତକାଳ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ

ବାଲେଶ୍ୱର,(ସବ୍ୟୁ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅନୁକୂଳ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରେ ଦୁଇଦିନବ୍ୟାପୀ ସାଂସ୍କୃତିକ ସମାରୋହ ଉଦଘାଟିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ କଲିକତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭହୋଇଥିବା ଅମୃତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପନ୍ନ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି।ଏହି ଉତ୍ସବ ମାଧ୍ୟମରେ ବାଲେଶ୍ୱର ଜିଲ୍ଲା ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ । ଉଦଘାଟନୀ ସନ୍ଧ୍ୟାର ସମ୍ମାନସ୍ପଦ ଅତିଥି ପୌରପାଳିକା ଚେୟାରମ୍ୟାନ ଶ୍ରୀମତୀ ସବିତା ସାହୁ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଯୋଗ ଦେଇଏହାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ କଳାକାର ଗୋଷ୍ଠୀ ମୁଖ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଘାଟନୀ ସନ୍ଧ୍ୟାରେ ଗୁରୁ ସୁଇଟି ଜେନା ଏବଂ ଟ୍ରୁପ ପକ୍ଷରୁ ମାହାରୀ ନୃତ୍ୟ,ବନଧୂଳିର ଫୁଲ ଗ୍ରୁପ ପକ୍ଷରୁ ଆଦିବାସୀ ଭୂମିଜା ନୃତ୍ୟ ,ମା ସର୍ବ ମଙ୍ଗଳା ଘୋଡା ନାଚ ପରିଷଦ ପକ୍ଷରୁ ଘୋଡା ନାଚ ,ନୃତ୍ୟଶ୍ରୀ କଳା ନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଏବଂ ମାଆ ଭଗବତୀ କଳା ନିକେତନ ପକ୍ଷରୁ ଚଢ଼େଇଆ ନାଚ ଅନୁଷ୍ଠିତ ହୋଇଥିଲା ।

## ରାସ୍ତା କଡରେ ଆବର୍ଜନା ପକେଇବାରୁ ଫାଇନ ଦେଲେ କର୍ମଚାରୀ

ସୋର,(ସବ୍ୟୁ): ଗତ କିଛି ଦିନ ପୂର୍ବରୁ ପୌରପାଳିକା କର୍ମଚାରୀ ମାନେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଅଳିଆ ପକାଉଥିବାରୁ ଏହାର ପରିଚାଳକଙ୍କୁ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଫଳରେ ଚାରିଦିନ ହେବ ସେଠାରେ କୌଣସି ଅଳିଆ ଆବର୍ଜନା ପଡୁନଥିଲା । ବୁଧବାର ମଧ୍ୟାହ୍ନରେ ଏକ ମାଲ ବୋହୀ ଅଟୋ ଉକ୍ତ ସ୍ଥାନରେ କଦଳୀ ପତ୍ର ସମେତ ଅନ୍ୟ ଆବର୍ଜନା ପକାଉଥିବା ବେଳେ ଖବର ପାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଗାଡିକୁ ଅଟକ ରଖିବା ସହିତ ୧ ହାଜର ଟଙ୍କା ଜରିମାନା ଆଦାୟ କରିଥିଲେ। ପରେ ପରବର୍ତ୍ତୀ ସମୟରେ ଏପରି କାର୍ଯ୍ୟ ନକରିବାକୁ ଲିଖିତ ଦେବା ପରେ ତାଙ୍କୁ ଛଡ଼ାଯାଇଥିଲା।

## ମୋବାଇଲ ସଜାଡ଼ିବା ନେଇ ଆତ୍ମହତ୍ୟା

ଢେଙ୍କିକୋଟ, (ସବ୍ୟୁ): କେନ୍ଦୁଝରଜିଲ୍ଲା ଝୁମ୍ପୁରା ବ୍ଲକ ବାରିଆ ଥାନା ଅନ୍ତର୍ଗତ ବାରିଆ ମାର୍କେଟ ଠାରୁ ଅନତି ଦୂରରେ ରହୁଥିବା ଫକୀର ମହାନ୍ତ ଙ୍କ ପରିବାରରେ ଖେଳିଯାଇଛି ଶୋକର ଛାୟା । ତାଙ୍କ ପୁଅ ଶୈଳେନ୍ଦ୍ର ମହାନ୍ତ ( ୧୭) ଘର ପଛପାଖରେ ଦ୍ୱିପହରରେ ଆମ୍ବ ଗଛରେ ଗାମୁଛାରେ ଝୁଲି ଆତ୍ମହତ୍ୟା କରିଛି । ତେବେ ସିଲିପୁଞ୍ଜି ଠାରେ ଥିବା ଚନ୍ଦ୍ରଶେଖରପୁରରେ ଆଇଟିଆଇ କରୁଥିଲେ । ମୋବାଇଲ ଖରାପ ହେବାରୁ ଘରକୁ ଆସି ମୋବାଇଲ ସଜାଡ଼ିବାକୁ ପଇସା ମାଗିଥିଲା। ହେଲେ ଘରେ ଟଙ୍କା ନ ଦେବାରୁ ସେ ରାଗରେ ଆତ୍ମହତ୍ୟା କରିଛି । ଖବରପାଇ ଏଏସଆଇ ସୁରଥ ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ କରାଇଛନ୍ତି ।

## ବାଘ ଆତଙ୍କ : ମାରି ଖାଇଲେ ଛେଳି

ଠାକୁରମୁଣ୍ଡା ,(ସବ୍ୟୁ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ବାଘକୁ ନେଇ ଆତଙ୍କ ଖେଳିଯାଇଛି । ଗତ ୨ ମାସ ହେଲା ମହାବଳ ବାଘର ପାଦ ଚିହ୍ନରୁ ଉପସ୍ଥିତି ଜଣାପଡୁଥିଲେ ମଧ୍ୟ ବାଘ କେହି ଦେଖିନାହାନ୍ତି କିମ୍ବା କ୍ଷୟ କ୍ଷତିର ସୂଚନା ନାହିଁ ।ଏବେ କିନ୍ତୁ କଲରାପତରିଆ ବାଘ ଓ ହେଟା ବାଘ ଗୃହପାଳିତ ପଶୁଙ୍କୁ ଆକ୍ରମଣ କରିବାର ସୂଚନା ମିଳୁଛି । କେନ୍ଦୁଜିଆଣୀ ଫରେଷ୍ଟର ନଳିନୀକାନ୍ତ ମହାନ୍ତଙ୍କ ସୂଚନା ମୁତାବକ ସାଲେଇବେଡା ସଂରକ୍ଷିତ ଜଙ୍ଗଲ ନିକଟରେ ୧୧ ତାରିଖରେ ଜନା ତିୟୁଙ୍କ ଗୋଟିଏ ଛେଳିକୁ ହେଟା ବାଘ ଆକ୍ରମଣ କରି ଧରିଥିବା ବେଳେ ପାଟିତୁଣ୍ଡ କରିବାରୁ ଛାଡି ଚାଲିଯାଇଥିଲା। ସେହିପରି କିରକିଚିପାଳ ଗ୍ରାମର ତାରାମଣି ବଡ଼ନାୟକ ଓ ପିନି ଦାସଙ୍କ ୬ ଟି ଛେଳି କଲରାପତରିଆ ବାଘ ଖାଇଥିବା ନେଇ ଅଭିଯୋଗ ଆସିଛି । ଛେଳିଗୁଡିକ ଏସ ଏଲ ୧୫ ଅଞ୍ଚଳରେ ଚରୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ । ଖୋଜା ଖୋଜି କରିବା ପରେ ୩ ଟି ଛେଳିର ଦେହାଶେଷ ମିଳିଥିଲା ମାତ୍ର ଅନ୍ୟ ୩ ଟିର ପତ୍ତା ମିଳିନଥିଲା । ସେହି ସ୍ଥାନରେ ।ଘ ପାଦ ଚିହ୍ନ ଥିବାରୁ ଏହା ସ୍ପଷ୍ଟ ହୋଇଛି ।

## ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ୧୩ ବର୍ଷିଆ ନାବାଳିକା ଉଦ୍ଧାର

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଅଞ୍ଚଳରୁ ନିଖୋଜ ଜନୈକା ୧୩ବର୍ଷିଆ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯିବାର ମସୁଧା କରୁଥିବା ବେଳେ ବାଲେଶର ରେଳଷ୍ଟେସନରୁ ମଙ୍ଗଳବାର ସନ୍ଧ୍ୟାରେ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଜିମା ଦେଇଛି ଜିଆରପି ପୁଲିସ। ସୂଚନା ମୁତାବକ ବେତନଟୀ ଡାକ୍ତରଖାନା ପଛପଟେ ବସବାସ କରୁଥିବା କାହ୍ନୁରୁ ସିଂ ସୋମବାର ସକାଳେ ହଠାତ ରହସ୍ୟଜନକ ଭାବେ କାହ୍ନୁରୁ ସିଂଙ୍କ ୧୩ବର୍ଷିଆ ନାବାଳିକା ଜଣକ ଘରୁ ନିଖୋଜ ହୋଇଯାଇଥିବା ବେଳେ ଘରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ ନାବାଳିକା ଝିଅର କୌଣସି ସନ୍ଧାନ ନମିଳିବାରୁ ଘରଲୋକେ ବ୍ୟସ୍ତବିବ୍ରତ ହୋଇପଡିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ରେଳଷ୍ଟେସନ ପରିସରସ୍ଥ ଜିଆରପି ଥାନା ପୁଲିସ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାରକରି ପଚରା ଉଚରା ଆରମ୍ଭ କରିଥିଲା । ଜିଆରପି ପୁଲିସ ଅଧିକ ପଚରା ଉଚରା କରିବାପରେ ନାବାଳିକା ଜଣକ ନିଜଘର ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମରେ ବୋଲି କହିବା ସହିତ ବାପା କାହ୍ନୁରୁ ସିଂ ଡାକ୍ତରଖାନାଛକରେ ଥିବା ସିମେଣ୍ଟ ଗୋଦାମରେ କାମ କରନ୍ତି ବୋଲି କହିଥିଲେ । ଏହାପରେ ଜିଆରପି ପି ପୁଲିସ ପକ୍ଷରୁ ସିମେଣ୍ଟ ଗୋଦାମ ମାଲିକ ତଥା ବିଶିଷ୍ଟ ଶିକ୍ଷାବିତ ଶଶଧର ପଣ୍ଡାଙ୍କୁ ଯୋଗାଯୋଗ ପରେ କାହ୍ନୁରୁ ସିଂ ନିଜର ନିଖୋଜ ଝିଅ ବାବଦରେ ଖବର ପାଇଥିଲେ । ଏହାପରେ କାହ୍ନୁରୁ ନିଜର ସ୍ତ୍ରୀ ସହିତ ବାଲେଶର ଯାଇ ଜିଆରପି ଥାନାରୁ ନିଜର ନାବାଳିକା ଝିଅକୁ ସୁରକ୍ଷିତ ଭାବରେ ଉଦ୍ଧାରକରି ନିଜ ହେପାଜତରେ ନେଇ ଘରକୁ ଫେରିଛନ୍ତି । ତେବେ କୌଣସି ମାନବ ତସ୍କରୀ ରାକେଟ ଦ୍ୱାରା କାହ୍ନୁରୁ ସିଂଙ୍କ ନାବାଳିକା ଝିଅକୁ ଟ୍ରେନଯୋଗେ ବାଲେଶର ଷ୍ଟେସନରୁ ବାହାର ରାଜ୍ୟକୁ ଚାଲାଣ କରିବାରେ ଯୋଜନା କରୁଥିବା ବେଳେ ଜିଆରପି ପୁଲିସ ପକ୍ଷରୁ ସମୟୋଚିର ପଦକ୍ଷେପ ସ୍ୱରୂପ ନାବାଳିକାଙ୍କୁ ଉଦ୍ଧାର କରାଯାଇପାରିଛି। ତେବେ ଭୟଭୀତ ନାବାଳିକା ଜଣକ କିଭଳି ନିଜ ଘର ବେତନଟୀରୁ ବାଲେଶର ରେଳଷ୍ଟେସନ ପହଞ୍ଚିଲା ସେନେଇ କିଛି ସ୍ପଷ୍ଟ ଭାବରେ ସୂଚନା ଦେଇପାରୁନାହିଁ ।

## ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନ

ଦୋବଲ,(ସବ୍ୟୁ):ପଶ୍ଚିମବଙ୍ଗରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଗଠିତ ପୁରାତନ ଅନୁଷ୍ଠାନ ନୀଳଚକ୍ର ପଶ୍ଚିମବଙ୍ଗର ପୂର୍ବତନ ସାଂଗଠନିକ ସମ୍ପାଦକ ସୁରେଶ ଚନ୍ଦ୍ର ପାତ୍ରଙ୍କୁ କଲିକତା ଠାରେ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ଅନୁଷ୍ଠିତ ୫୩ତମ ବୋଇତ ବନ୍ଦାଣ ଉତ୍ସବ ଓ ସାଧାରଣ ସଭା ସମାରୋହ ୨୦୨୫ପାଳନ ଅବସରରେ ଶ୍ରୀପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ଡାହି ଗ୍ରାମର ବାସିନ୍ଦା ଶ୍ରୀପାତ୍ର ପୂର୍ବରୁ କଲିକତାରେ ପ୍ରକାଶିତ ଐତିହ୍ୟବାହି ସମ୍ବାଦପତ୍ର ଯୁଗାନ୍ତର/ ଅମୃତବଜାର ପତ୍ରିକାରେ ସେ ପ୍ରସାର ବିଭାଗରେ କାର୍ଯ୍ୟରତ ଥିବାବେଳେ ସେଠାରେ ଓଡ଼ିଶାର କଳା,ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରୁଥିଲେ। ପରବର୍ତ୍ତୀସମୟରେ କଲିକତାର ଏହି ପୁରାତନ ସାମାଜିକ ଅନୁଷ୍ଠାନ ନୀଳଚକ୍ର ପଶ୍ଚିମବଙ୍ଗର ସାଂଗଠନିକ ସମ୍ପାଦକ ଦାୟିତ୍ୱ ଦିଆଯାଇଥିଲା। ଏବେ ସେ ଗ୍ରାମରେ ରହି ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ରହି ସମାଜ ସେବାରେ କାର୍ଯ୍ୟ କରୁଛନ୍ତି।

## ସମାଜସେବୀ ବୁଦ୍ଧିରାମ ଜେନାଙ୍କ ପରଲୋକ

ବନ୍ତ,(ସବ୍ୟୁ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ନିଳୋକ ଗ୍ରାମର ସମାଜସେବୀ ତଥା ପରୋପକାରୀ ବ୍ୟକ୍ତି ବୁଦ୍ଧିରାମ ଜେନା(୫୨)ଙ୍କର ସୋମବାର ସକାଳେ ହୃଦ୍ଘାତରେ ପରଲୋକ ଘଟିଛି । ସକାଳ ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର କରାଯାଇଥିଲା । ସେ ଜଣେ ଶାନ୍ତ, ସରଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ନାଆମୀ କଲେଜ -ନିଳୋକ ରାସ୍ତାରେ ଭାରିଯାନ ଚଳାଚଳ ନିଷେଧ


ଭଣ୍ଡାରିପୋଖରୀ,(ସବ୍ୟୁ):ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ନାଆମୀ କଲେଜ ଛକ ରାସ୍ତା ଠାରୁ ଛତାବର-ନିଳୋକ ପୂର୍ତ୍ତରାସ୍ତାର ନିଳୋକ ଛକ ପର୍ଯ୍ୟନ୍ତ ଭାରିଯାନ ଚଳାଚଳକୁ ଜିଲ୍ଲାପାଳ ନିଷେଧ କରିଛନ୍ତି। ଗତ ୭ ତାରିଖରେ ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୨୬୦୩ ଅନୁଯାୟୀ ଗତ ବୁଧବାର ୫ ତାରିଖ ଠାରୁ ଏହି ନିଷେଧାଦେଶ ଲାଗୁ ହୋଇଛି। ଆଗାମୀ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ୩୦ ଦିନ ପାଇଁ ଏହି ଆଦେଶ କାର୍ଯ୍ୟକାରୀ ହେବ ବୋଲି ଜିଲ୍ଲାପାଳ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଭଳି ନିଷେଧର କାରଣ ଆଦେଶରେ ଉଲ୍ଲେଖ କରାଯାଇ ନାହିଁ। ମାତ୍ର କେଉଁଝର ଜିଲ୍ଲା ନନ୍ଦିପଦା ଥାନା ଆଇତିପୁର ପଞ୍ଚାୟତ ଅମୃତପୁର, ହାବଳେଶ୍ୱର ଆଦି ବୈତରଣୀ ନଦୀ ଶଯ୍ୟାରୁ ଉତ୍ତୋଳତ ବାଲି ଭାରିଯାନରେ ଏହି ରାସ୍ତାରେ ମୁଖ୍ୟତଃ ପରିବହନ ହେଉଛି। ଏହାକୁ ପ୍ରତିହତ କରିବା ପାଇଁ ଏହି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇ ଥାଇ ପାରେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅନୁମାନ କରୁଛନ୍ତି।

## ବିଦ୍ୟାଳୟରେ ଯୋଗ ଶିକ୍ଷକ ନିଯୁକ୍ତି ଦାବି

ବନ୍ତ,(ସବ୍ୟୁ):ସାରା ଦେଶରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପରେ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ଏପରିପେକ୍ଷୀରେ ଯୋଗକୁ ସବୁ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଆୟୁର୍ବେଦିକ ମେଡିକାଲ ଗୁଡିକରେ ଯୋଗ ଶିକ୍ଷକ ନିଯୁକ୍ତି ଦେବାର ପ୍ରାଧାନ୍ୟ ଥିଲେ ମଧ୍ୟ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଯୋଗ ଶିକ୍ଷକ ନିଯୁକ୍ତି ଦିଆଯାଇପାରୁନାହିଁ । ଯାହା ଫଳରେ ଯୋଗର ପ୍ରଚାର ପ୍ରସାର ହୋଇପାରୁନାହିଁ । ଏବେ ମଣିଷଙ୍କୁ ବିଭିନ୍ନ ପ୍ରକାର ରୋଗ ମାଡି ଆସୁଥିବା ବେଳେ ସେଥିରୁ ବର୍ତ୍ତିବା ପାଇଁ ଯୋଗର ଆବଶ୍ୟକତା ରହିଛି । ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯୋଗ ଶିକ୍ଷକ ନିଯୁକ୍ତି ଉପରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହୋଇଛି ।

### ନାରୀ ଶକ୍ତିର ସହଯୋଗ ବିନା ରାଷ୍ଟ୍ରର ସ୍ଥିତି ଅସମ୍ଭବ


## ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଦ୍ୱିତୀୟ ସନ୍ଧ୍ୟା




ଭଦ୍ରକ,(ସବ୍ୟୁ): ନାରୀ ହିଁ ଗର୍ଭଧାରଣୀ,ସନ୍ତାନ ସନ୍ତତି ସୃଷ୍ଟିକାରିଣୀ,ଶକ୍ତିମୟୀ ତଥା ପାଳନକର୍ତ୍ତୀ। ସମଗ୍ର ମାନବ ସମାଜର ଅର୍ଦ୍ଧେକ ଅଂଶ ନାରୀ। ନାରୀ ଶକ୍ତି ବିନା ରାଷ୍ଟ୍ରର ବିକାଶ ଦୂରର କଥା ରାଷ୍ଟ୍ରର ସ୍ଥିତି ଅସମ୍ଭବବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ଭୂମିର ବିଶିଷ୍ଟ କବୀ ବିଦ୍ୟୁତ ପ୍ରଭା ସ୍ମୃତିରେ ଉତ୍ସର୍ଗୀତ ଏହି ସନ୍ଧ୍ୟାରେ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଓ ସାଂସ୍କୃତିକ ସନ୍ଧ୍ୟାରେ ଓଡିଶା ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭାନା ମହାନ୍ତି ମୁଖ୍ୟ ଅତିଥି , ଅଧିବକ୍ତା ତଥା ସେବା ନିବୃତ ପ୍ରାଧାପିକା ଡ.ରାଧାରାଣୀ ମହାପାତ୍ର ମୁଖ୍ୟବକ୍ତା, ଡା.ସତ୍ୟଭାମା ବେହେରା, ଅଧିବକ୍ତା ଅଞ୍ଜୁବାଳା ରାଉତ ବରେଣ୍ୟ ଅତିଥି, ଭୂମିକନ୍ୟା ମହିଳା ସଂଗଠନ ସଭାନେତ୍ରୀ ସଂଯୁକ୍ତା ବଳ,ନନ୍ଦିନୀ ମହିଳା ସଂଗଠନ ସଭାନେତ୍ରୀ ସରୋଜିନୀ ନାୟକ ବରେଣ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ରାଷ୍ଟ୍ରର ବିକାଶରେ ନାରୀ ଶକ୍ତି' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ ସ୍ୱାଗତ ଭାଷଣ,କବୟିତ୍ରୀ ତଥା ସମାଜସେବିକା ଚୈତାଳୀ ଖିଲାର ଅତିଥି ପରିଚୟ ଦେଇଥିବା ବେଳେ ତେଜସ୍ୱିନୀ ମହିଳା ସଂଗଠନ ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସହସମ୍ପାଦିକା ଶିକ୍ଷୟିତ୍ରୀ ତଥା କବୟିତ୍ରୀ ମନୋରମା ରାୟ ଅତିଥି ମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଟ୍ରଷ୍ଟର ସଭାପତି ଇଂ.ଅଭୟ ସୂତାର, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର, ସମ୍ପାଦକ ରବିନାରାୟଣ ଖିଲାର, ମିଡ଼ିଆ ସେଲ୍‌ର ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ,ଉପସଭାପତି ଡା.ଅନିଲ କୁମାର ଦାଶ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଜଗନ୍ନାଥ ସାଂସ୍କୃତିକ କଳାକାର ସଂଘ, ଭଦ୍ରକ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟ, ଅର୍ଣ୍ଣପାଳ ଓ ପଦ୍ମାଳୟା ଏକାଡେମୀ, ଭଦ୍ରକ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରଣାଳୟ, ନାସକମ

## ଓଡ଼ିଶା କମ୍ପ୍ୟୁଟର ଆସୋସିଏଟ ସହଭାଗିତା କର୍ମଶାଳା




ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସ୍ଥିତ ବିସିସିଆଇ (ବାଲେଶ୍ୱର ଚାମ୍ବର ଅଫ୍ କମର୍ସ ) ଭବନରେ ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରଣାଳୟ ତଥା ନାସକମ ଏବଂ ବାଲେଶ୍ୱର ସ୍ଥିତ ଓଡିଶା କମ୍ପୁଟର ଆସୋସିଏଟ ସହଭାଗିତା ରେ ବର୍ତ୍ତମାନ ସମୟରେ ନିଯୁକ୍ତି କ୍ଷେତ୍ର ରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ର ରେ କମ୍ପୁଟର ଶିକ୍ଷାର ଏବଂ ସରକାରୀ ପ୍ରମାଣପତ୍ରର ଗୁରୁତ ବିଷୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥରେ ନାସକମ ନୂଆ ଦିଲ୍ଲୀ ତରଫରୁ ଏହାର ସିନିଅର ଆସୋସିଏଟ ବିଶାଳ ଛତ୍ରିଆ ଏହି କର୍ମଶାଳାରେ ଉପସ୍ଥିତ ରହି ବର୍ତ୍ତମାନ ଭାରତ ସରକାରଙ୍କ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ନିମନ୍ତେ ଭାରତ ସରକାରଙ୍କ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପ୍ରଦତ୍ତ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଓଡିଶା କମ୍ପ୍ୟୁଟର ଆସୋସିଏଟ କିପରି ଚାକିରୀ ଆଶାୟୀଙ୍କୁ ସରକାରୀ ପାଠ୍ୟକ୍ରମ ଓ ପ୍ରମାଣପତ୍ର ଉପଲବ୍ଧ କରାଇ ପାରିଛି ସେ ବିଷୟ ରେ ଆଲୋଚନା କରିଥିଲେ । ଓସିଏ ତରଫ ରୁ ଏହାର ପରିଚାଳନା ଅଧ୍ୟକ୍ଷ ସୁବ୍ରତ କୁମାର ପତ୍ରୀ ଏସଏସସି ନାସକମ ଏବଂ ଭାରତ ସରକାରଙ୍କ ବିଭିନ୍ନ ପାଠ୍ୟକ୍ରମ ଓ ଉଦ୍ୟମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ନିଯୁକ୍ତି କ୍ଷେତ୍ରରେ କିପରି ସରକାର ସ୍ୱୀକୃତି ପ୍ରାପ୍ତ ସାର୍ଟିଫିକେଟର ଆବଶ୍ୟକତ ଓ ନୂଆ ଶିକ୍ଷାନୀତି -୨୦୨୦ ସମ୍ପର୍କ ରେ ଆଲୋଚନା କରିଥିଲେ । ଏଥିରେ ବହୁ ମାତ୍ରାରେ କମ୍ପ୍ୟୁଟର ସେଣ୍ଟର ଅଧିକାରୀ ଓ ଶିକ୍ଷାବିତ ଅଂଶ ଗ୍ରହଣ କରିଥିଲେ । ନିଜ ନିଜ ଅଂଚଳରେ କିପରି ନୂଆ ସରକାରୀ ଅନୁମୋଦିତ କମ୍ପ୍ୟୁଟର ସେଣ୍ଟର ପ୍ରତିଷ୍ଠା କରି ଛାତ୍ର ଛାତ୍ରୀଙ୍କୁ ସଠିକ ପ୍ରମାଣପତ୍ର ଦେବା ସହିତ ସମାଜକୁ ଏକ ସଠିକ ମାର୍ଗ ଦେଖାଇ ପାରିବେ ତାହା ଆଲୋଚିତ ହୋଇଥିଲା । ଏଥିରେ ଓସିଏର ସମସ୍ତ କର୍ମଚାରୀ ଓ ଅଧିକାରୀ ଅଂଶ କରି ଏହି କର୍ମଶାଳାକୁ ସଫଳ କରାଇଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧/୯)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।**
**ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ॥ ୯ ॥**

ମଦର୍ଥେ (ମତ୍ପ୍ରୟୋଜନାର୍ଥଂ) ତ୍ୟକ୍ତଜୀବିତାଃ (ଜୀବନତ୍ୟାଗେ କୃତସଂକଳ୍ପାଃ)
ନାନାଶସ୍ତ୍ରପ୍ରହରଣାଃ (ବହୁବିଧଶସ୍ତ୍ରଶାଳିନଃ) ଅନ୍ୟେ ଚ ବହବଃ ଶୂରାଃ (ବୀରାଃ)
(ସନ୍ତି) (ତେ) ସର୍ବେ ଯୁଦ୍ଧବିଶାରଦାଃ (ଯୁଦ୍ଧନିପୁଣାଃ) ॥ ୯ ॥

# ଓଡ଼ିଶା ଫେରିବାକୁ ଯୁବତୀର ଆକୁଳ ନିବେଦନ

ସୁଦୂର ଆମେରିକାରୁ ଓଡ଼ିଶା ଫେରି ଆସିବାକୁ ଜଣେ ପୋଷ୍ୟପୁତ୍ରୀ ଯେପରି ବିକଳ ହୋଇ ନିବେଦନ କରିଛି, ତାହା ଏକ ଇଂରାଜୀ ଦୈନିକ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଛି । ସେହି ସମ୍ବାଦପତ୍ରଟି ହେଲା 'ଟାଇମସ୍ ଅଫ୍ ଇଣ୍ଡିଆ' । ଯୁବତୀ ଜଣକର ବୟସ ଏବେ ୨୧ ବର୍ଷ । ସେ ଚାଞ୍ଚଲ୍ୟକର ଏକ ଭିଡିଓ ବାର୍ତ୍ତା ଜାରି କରି ଆମେରିକାରୁ ଓଡ଼ିଶା ଫେରି ଆସିବାକୁ ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିକଳ ହୋଇ ନିବେଦନ କରିଛି । କାରଣ ଆମେରିକାରେ ଥିବା ତା'ର ଧର୍ମ ବାପା ଓ ମା' ତା' ଉପରେ ଅକଥନୀୟ ଅତ୍ୟାଚାର ଚଳାଇଛନ୍ତି ବୋଲି ସେ ଏହି ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛି । କେବଳ ସେତିକି ନୁହେଁ, ସେମାନେ ତାକୁ ମଧ୍ୟ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରୁଛନ୍ତି । ଏହି ଘଟଣାରେ ଓଡ଼ିଶା ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ରର ଏଜେନ୍ସି ସହିତ କଥାବାର୍ତ୍ତା ଆରମ୍ଭ କରିଛନ୍ତି । ଭାରତ ଓ ଆମେରିକା ଦୁଇଟିଯାକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବିଶ୍ୱରେ ପରିଚିତ । ଉଭୟ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ସୁସମ୍ପର୍କ ମଧ୍ୟ ରହିଛି । ତେଣୁ ଏପରି ଘଟଣା ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ଭବ ହେଉଛି କିପରି ? ଓଡ଼ିଶାରେ ଅନେକ ଭଲ ଶିଶୁ ସଂଗଠନ ରହିଛି, ଯେଉଁମାନେ କି ଭଲ କାମ କରୁଛନ୍ତି । ଶିଶୁ ଓ ବାଳିକାମାନଙ୍କୁ ଯତ୍ନରେ ପାଳି ପୋଷି ସେମାନେ ମଣିଷ କରି ପାରୁଛନ୍ତି । ଅବଶ୍ୟ କୌଣସି କୌଣସି ଅନୁଷ୍ଠାନ ରହିଛି, ଯେଉଁମାନେ ପୋଷ୍ୟ ସନ୍ତାନ ନୀତିରେ ଓଡ଼ିଶାର ପିଲାମାନଙ୍କୁ ବାହାରକୁ ପଠାଇ ଦେଉଛନ୍ତି । ମାତା ପିତା ନଥିବା କିମ୍ବା ପରିତ୍ୟକ୍ତ ପିଲାମାନଙ୍କର ଭବିଷ୍ୟତ କ'ଣ ହେବ ସେ ବିଷୟରେ କେହି କେବେ ଗଭୀର ଭାବେ ଚିନ୍ତା କରନ୍ତି ନାହିଁ । ଆହୁରି ଅନେକ ଧନୀ ବ୍ୟକ୍ତି ଶିଶୁ ବା ବାଳିକା ଅନୁଷ୍ଠାନମାନଙ୍କୁ ଅର୍ଥ ଦାନ କରିଦେଇ ସେମାନଙ୍କ କାମ ସରିଗଲା ବୋଲି ଭାବନ୍ତି । ରାଜ୍ୟ ସରକାର ଅବଶ୍ୟ ଆର୍ଥିକ ଅନୁଦାନ ଦେଇ ବିଭିନ୍ନ ସମୟରେ ଏହି ସବୁ ଅନୁଷ୍ଠାନମାନଙ୍କୁ ପରିଦର୍ଶନ କରିଥାନ୍ତି । ମାତ୍ର ରାଜ୍ୟ ଶିଶୁ ଓ ମହିଳା ବିଭାଗର ଆନ୍ତରିକ ଦୃଷ୍ଟି ସେସବୁ ଅନୁଷ୍ଠାନଗୁଡ଼ିକ ଉପରେ ରହିବା ଉଚିତ ।

କିଛି ବର୍ଷ ତଳେ ଓଡ଼ିଶାର 'ବିସ୍ମୟ ବାଳକ' ବା 'କୁନି ଧାବକ' ନାମରେ ପରିଚିତ ଥିବା ବୁଦ୍ଧିଆକୁ ରାଜ୍ୟ କ୍ରୀଡା ବିଭାଗ ତରଫରୁ ପାଠ ପଢ଼ାଇ, ତାକୁ ଦୌଡ଼ିବା ପାଇଁ ତାଲିମ ଦେଇ ରାଜ୍ୟ ସରକାର ଭଲ କାମ କରିଥିଲେ । ମାତ୍ର ଏବେ ବସ୍ତି ଅଞ୍ଚଳରେ ସେହି 'ବିସ୍ମୟ ବାଳକ' ବୁଦ୍ଧିଆ କ'ଣ କରୁଛି ବା କ'ଣ ପଢୁଛି, ସେ ବିଷୟରେ କିଛି ଜଣା ପଡୁନାହିଁ । ଗଣମାଧ୍ୟମ ମଧ୍ୟ ତା' ସମ୍ପର୍କରେ ସଦ୍ୟ ସମାଚାର ପ୍ରକାଶ କରୁଥିବା ପରି ମନେ ହେଉନାହିଁ । ଏବେ ହୁଏତ ସେ ବୁଦ୍ଧିଆ ଶିଶୁ ବାଳକରୁ ଯୁବକରେ ରୂପାନ୍ତରିତ ହୋଇ ପଢ଼ାପଢ଼ି ସହିତ ଖେଳକୁଦରେ ମାତିଥିବ ।

ସେ ଯାହା ହେଉ, ଉପରୋକ୍ତ ୨୧ ବର୍ଷ ବୟସର ଯୁବତୀ ଜଣକ ତା' ଭିଡିଓ ବାର୍ତ୍ତାରେ ଜଣାଇଛି ଯେ ୨୦୧୮ ମସିହାରେ, ତାକୁ ଯେତେବେଳେ ୧୪ ବର୍ଷ ହୋଇଥିଲା, ସେତେବେଳେ ତାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଥିଲା । ଯେଉଁ ଆମେରିକୀୟ ଦମ୍ପତି ତାକୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ, ସେମାନେ ଏବେ ତାକୁ ନିତିଦିନିଆ ଘରକାମ ସବୁ କରାଉଛନ୍ତି । ସେମାନେ ବିଭିନ୍ନ ଭାବରେ ଅତ୍ୟାଚାର କରି ତାକୁ ଖଟାଉଛନ୍ତି । ଭଲ କରି ଗଣ୍ଡେ ଖାଇବାକୁ ବି ଦେଉ ନାହାନ୍ତି । ତେବେ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀମାନେ ରାଜ୍ୟ ପୋଷ୍ୟ ସନ୍ତାନ ଏଜେନ୍ସି (SARA) ଓ ରାଜ୍ୟ ଶିଶୁ ସୁରକ୍ଷା ୟୁନିଟ ସମେତ କେନ୍ଦ୍ର ସରକାରଙ୍କ 'କାରା' (CARA) ସଂସ୍ଥା ସହ ପରାମର୍ଶ କରି ଏ ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା କରାଯାଉଛି ।

ଯେଉଁମାନେ ପୋଷ୍ୟ ସନ୍ତାନ ଗ୍ରହଣ କରିବେ, ସେ ପିଲାମାନଙ୍କ ବୟସ ୮ରୁ ୧୮ ବର୍ଷ ହୋଇଥିବା ଦରକାର । ପୁଣି ଯେଉଁ ପିତାମାତା ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବେ, ସେମାନଙ୍କ ବୟସ ୯୦ ବର୍ଷରୁ କମ୍ ଥିବା ଆବଶ୍ୟକ ଏବଂ ଉଭୟ ଶିଶୁ ଓ ପିତାମାତାଙ୍କ ବୟସ ମଧ୍ୟରେ ଅନ୍ତତଃ ୨୫ ବର୍ଷର ବ୍ୟବଧାନ ରହିଥିବା ଆବଶ୍ୟକ । ଅବଶ୍ୟ ସମ୍ପର୍କୀୟ ଓ ଅନ୍ୟ କେତେକ କ୍ଷେତ୍ରରେ ଏପରି ନିୟମକାନୁନର ବ୍ୟତିକ୍ରମ ରହିଛି । କିନ୍ତୁ ରାଜ୍ୟ ସରକାର ଓ ଜନସାଧାରଣ ଏହି ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ଯଥେଷ୍ଟ ସାବଧାନତା ଅବଲମ୍ବନ ନ କଲେ, ଭବିଷ୍ୟତରେ ତାହା ଅସୁବିଧା ସୃଷ୍ଟି କରପାରେ ବୋଲି ମନେ ହେଉଛି ।

## ଭାବ ବନ୍ଧନ

**ଭଗବାନ ସବୁ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ, କିନ୍ତୁ ସେ ଭକ୍ତର ଭାବ ବନ୍ଧନରେ ସଦା ଯୁକ୍ତ**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କବି ଡକ୍ଟର ମାୟାଧର ମାନସିଂହ



ଡଃ ମନୋରମା ବିଶ୍ୱାଳ ମହାପାତ୍ର

ପ୍ରତ୍ୟେକ ଶିଳ୍ପୀ ନିଜର ବିଶ୍ୱାସ, ସ୍ୱପ୍ନ ଏବଂ ଯନ୍ତ୍ରଣା ସହିତ ବଞ୍ଚିବାକୁ ଭଲ ପାଏ । ବଞ୍ଚିବା ଭିତରେ ସେ ସତ୍ୟକୁ ଖୋଜିଥାଏ । ଜୀବନର ପ୍ରତିଟି ମୁହୂର୍ତ୍ତକୁ ନିଜସ୍ୱ ଢଙ୍ଗରେ ଧରିରଖେ କବି । କବିତା ବ୍ୟକ୍ତିଗତ ଅନୁଭୂତିକୁ ସାର୍ବଜନୀନ କରିଥାଏ । କାଳ ତାକୁ ସ୍ପର୍ଶ କରିପାରେ ନାହିଁ । କାଳ ଗର୍ଭରୁ ଜଣେ ଜଣେ ସାରଳା ଦାସ, କାଳିଦାସ, ରବୀନ୍ଦ୍ରନାଥ ଏବଂ କବି ଡଃ ମାୟାଧର ମାନସିଂହ ଜନ୍ମନେଇ କାଳଜୟୀ ହୋଇଯାଆନ୍ତି ।

କବି ମାନସିଂହ ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ସ୍ମରଣୀୟ ପ୍ରତିଭା । ସେ ଏକାଧାରରେ ଜଣେ ସଫଳ କବି, ପ୍ରାବନ୍ଧିକ ଓ ଗଦ୍ୟଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ପୁରୀ ଜିଲ୍ଲାର ପାରିକୁଦ ଅନ୍ତର୍ଗତ ନନ୍ଦଳା ଗ୍ରାମରେ ୧୯୦୫ ମସିହା ନଭେମ୍ବର ୧୩ ତାରିଖରେ ଜନ୍ମଲାଭ କରିଥିଲେ । କବିଙ୍କର ଗାଁ ଏପଟେ ଚିଲିକା ଏବଂ ସେ ପାଖରେ ସମୁଦ୍ର । ଅପୂର୍ବ ସମାବେଶ । କବି ମାନସିଂହ ଆଜନ୍ମ କବି । ଜୀବନ ଓ ଜନ୍ମମାଟିର କବି । ଯେଉଁମାନେ ତାଙ୍କୁ ଦେଖିଛନ୍ତି ତାଙ୍କ ବ୍ୟକ୍ତିତ୍ୱ କେବେ ହେଲେ ଭୁଲିପାରିବେ ନାହିଁ । ତାଙ୍କ ଲେଖା ପରି ତାଙ୍କ କଥା ଭାଷା ବ୍ୟବହାର ସବୁବେଳେ ମାର୍ଜିତ । ଅତ୍ୟନ୍ତ ସଂସ୍କୃତିବନ୍ତ ।

ଛାତ୍ରବସ୍ଥାରୁ ତାଙ୍କର ପ୍ରତିଭାର ସୁସ୍ପଷ୍ଟ ପରିଚୟ ମିଳିଥିଲା । ତାଙ୍କର ପ୍ରଥମ ପ୍ରକାଶିତ କବିତା 'ବାରମାସି' ଉତ୍କଳ ସାହିତ୍ୟ ପତ୍ରିକାରେ ୧୯୨୬ ମସିହାରେ ପ୍ରକାଶିତ ହୋଇଥିଲା। କବି ମାନସିଂହ ୧୯୩୦ରେ ଅନର୍ସରେ ରେଭେନ୍‌ସା କଲେଜରୁ ସ୍ନାତକ ଏବଂ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ ପରେ ସ୍କୁଲ ଶିକ୍ଷକ ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ । ସେ ତାଙ୍କ ଆତ୍ମଜୀବନୀ 'ଶିକ୍ଷାବିତ୍‌ର ଗାଥା'ରେ କହିଛନ୍ତି - ଛାତ୍ରମାନଙ୍କ ଆଖିରେ ଶିକ୍ଷକ ହିଁ ଦେଖାଯିବା ଉଚିତ ସବୁ ପ୍ରକାରରେ ବୀର ପୁରୁଷ ଓ ଉତ୍ତମ ପୁରୁଷ । ଏହା ହିଁ ଥିଲା ମାନସିଂହଙ୍କ ଜୀବନାଦର୍ଶ । ପରବର୍ତ୍ତୀ ସମୟରେ ଏହି ଆଦର୍ଶକୁ ସେ ମେହେର କଲେଜ ପ୍ରିନ୍‌ସିପାଲ୍ ଥିବା ସମୟରେ ପ୍ରମାଣିତ କରିଥିଲେ ।

କବି ମାନସିଂହ ବାଣପୁର ହାଇସ୍କୁଲରେ ଶିକ୍ଷକତା କରୁଥିବାବେଳେ ଗୋଦାବରୀଶ ମିଶ୍ରଙ୍କ ସହିତ ତାଙ୍କର ମତପାର୍ଥକ୍ୟ ଘଟିଥିଲା । ଫଳରେ ସେ ସେଠାରୁ ଇସ୍ତଫା ଦେଇ ନିମାପଡ଼ା ସ୍କୁଲରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ । 'ଶିକ୍ଷାବିତ୍‌ର ଗାଥା'ରେ ସେ ଲେଖିଛନ୍ତି -ଜୀବନରେ ସ୍ୱଷ୍ଟ ମତ ଦେଇ, ଅକୁତୋଭୟ ଭାବରେ ସତକଥା କହିବାକୁ ଯାଇ କର୍ତ୍ତୃପକ୍ଷଙ୍କ ହାତରୁ ମୁଁ ଯେ ମୋର ନାର୍ଯ୍ୟ ପ୍ରାପ୍ୟରୁ ବିଚ୍ୟୁତ ହୋଇ ବାରମ୍ବାର ଲାଞ୍ଛନା ଭୋଗ କରିଛି ତା' ପଛରେ ମୋ ପ୍ରେରଣାର ଉତ୍ସ ସେଇ ଅତୀତ ଗର୍ଭଲୀନ ନିମାପଡ଼ା ଜୀବନରେ ଆତ୍ମପରୀକ୍ଷାଜନିତ ପ୍ରତିଜ୍ଞା। ଭବାନୀପାଟଣାରେ ଶିକ୍ଷକତା କଲାବେଳେ ସେ ବିଲାତଯାତ୍ରାର ଯୋଜନା କରିଥିଲେ । ଜାହାଜ ଟିକଟ କେତେ ଦାମ୍ ମାତ୍ର ୨୫୦ ଟଙ୍କା ହାତରେ ଧରି ସେ ବିଲାତ ଯିବାର ଦୁଃସାହସ କରିଥିଲେ । ବିଲାତରେ ଅତିକଷ୍ଟ ସାଧ ଜୀବନ ଅତିବାହିତ କରି କାଳିଦାସ ଏବଂ ସେକସ୍‌ପିଅର, ଏହି ଉଭୟ ନାଟ୍ୟକାରଙ୍କ ମଧ୍ୟରେ ଏକ ତୁଳନାତ୍ମକ ଅଧ୍ୟୟନ କରି ଡରହାମ୍ ବିଶ୍ୱ ବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଥିଲେ । ଜୀବନର ବହୁ ଉତ୍‌ଥାନ୍ ପତନ ଭିତରେ ଜଣେ ଶିକ୍ଷକର ସ୍ୱାଭିମାନ ଥିଲା ତାଙ୍କର ଆଦର୍ଶ । ବିଲାତରୁ ଉଚ୍ଚ ଡିଗ୍ରୀ ପାଇ ଫେରିଲେ ମଧ୍ୟ ମାନସିଂହଙ୍କୁ କୌଣସି କଲେଜରେ ଅଧ୍ୟାପକ ଚାକିରିଟିଏ ମଧ୍ୟ ମିଳି ନଥିଲା । ସେତେବେଳେ ପିଏଚ୍‌ଡ଼ି କରିଥିବା ବ୍ୟକ୍ତିଙ୍କୁ ଛଅଟି ଇନକ୍ରିମେଣ୍ଟ ଦିଆ ହେଉଥିଲା । ମାତ୍ର ମାନସିଂହଙ୍କ ପ୍ରତି ଭିନ୍ନ ବିବେଚନା କରାଗଲା ।

**ମାନସିଂହଙ୍କ କର୍ମ ଓ ବ୍ୟକ୍ତିତ୍ୱର ମୂଲ୍ୟ ଓଡ଼ିଶାର ଲୋକମାନେ ହୃଦୟଙ୍ଗମ କରିଛନ୍ତି ବୋଲି କୁହାଯାଇ ପାରିବ ନାହିଁ । ବୋଧହୁଏ ଏପରି ଏକ ଅବଶୋଷ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଥିଲା ।**

ଜୀବନର ନାନା ଉତ୍‌ଥାନ ପତନ ଦେଇ ମାନସିଂହଙ୍କ ଜୀବନ ଗତି କରି ଶେଷରେ ମେହେର କଲେଜରେ ଅଧ୍ୟକ୍ଷ ଭାବରେ ସାତବର୍ଷ ଅବସ୍ଥାନ କରିବା, ତାଙ୍କ ଜୀବନର ସୁବର୍ଣ୍ଣ ଯୁଗ । ସେ ସଂପର୍କରେ ମାନସିଂହ ଶିକ୍ଷାବିତ୍‌ର ଗାଥାରେ ଲେଖିଛନ୍ତି -'ମେହେର୍ କଲେଜକୁ ଗୋଟିଏ ସ୍ୱୟଂସଂପୂର୍ଣ୍ଣ ସୁନ୍ଦର ସମ୍ମାନିତ ବିଦ୍ୟାନୁଷ୍ଠାନ କରି ଗଢ଼ିବା ମୋର ଲକ୍ଷ୍ୟ ଥିଲା ।'

ସେ ଓଡ଼ିଆ କାବ୍ୟ ଜଗତକୁ ଆସିଥିଲେ ଗୋଟିଏ ନୂଆ ସ୍ୱର ନେଇ। ସେ ସ୍ୱର ଥିଲା ଅତି ବ୍ୟକ୍ତିଗତ ଅନୁଭବର, ସ୍ନେହ ଓ ପ୍ରେମର, ସୁନ୍ଦରର ଓ ଉପାସନାର । ସବୁଜ ସମସାମୟିକ ଏକକ କବି ଭାବରେ ମାନସିଂହ ଥିଲେ ସଂପୂର୍ଣ୍ଣ ବ୍ୟକ୍ତିକ୍ରମ । ତାଙ୍କ କାବ୍ୟ ଚେତନାରେ ସ୍ୱଦେଶାନୁରକ୍ତି ପଲ୍ଲୀ ଜୀବନର ଅସଂଖ୍ୟ ଭାବାନୁଭୂତି ଏବଂ ଆଧିଭୌତିକ ଉଦ୍ଧରଣ ଅତ୍ୟନ୍ତ ମାର୍ମିକ । ତାଙ୍କ କବିତା ମଧ୍ୟରେ ଧୂପ, ହେମପୁଷ୍ପ, ହେମଶସ୍ୟ, ମାଟିବାଣୀ, କୋଣାର୍କ, କମଳାୟନ, ପୂଜାରିଣୀ, ପୁଷ୍ପିତା ଏବଂ ସାଧବଝିଅ ଆଦି ଅନ୍ୟତମ । 'ଧୂପ' କବିତା ଗ୍ରନ୍ଥରେ -

'ଶୁଣିବ ଯେବେ ପ୍ରିୟଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ ।'



କିମ୍ବା 'କୋଣାର୍କ' ଠାରୁ 'ସାଧବଝିଅ' ପର୍ଯ୍ୟନ୍ତ ତାଙ୍କ କବିତାରେ ଜାତୀୟତାବାଦୀ ଭାବନା ସ୍ପଷ୍ଟ ।

'ହେ କୋଣାର୍କ ବିଗତ ଯୌବନା, ମୌନ ଦୁଖେ ସୈକତ ଶୟନା' କିମ୍ବା

'ବିଜନ ବେଳା
ବିଜନ ବେଳା,
କହୁନାହିଁ କାହିଁ
ବୋଇତ ଗଲା।'
(ସାଧବଝିଅ)

କବି ମାନସିଂହ ନିଜ ଗାଁ ପ୍ରତି କେତେ ବେଶୀ ଶ୍ରଦ୍ଧାଶୀଳ ଥିଲେ, ତାହା ତାଙ୍କର 'ରେଙ୍ଗୁନ୍ ଚିଠି, ପଲ୍ଲୀ ସଂଧ୍ୟା, ନଷ୍ଟପଲ୍ଲୀ, ମାଟିବାଣୀ'ରେ ପ୍ରକାଶିତ କବିତାରୁ ସ୍ପଷ୍ଟ ହୋଇଥାଏ । ଜନ୍ମଭୂମି ପ୍ରତି କବିଙ୍କର ଅନ୍ତରଙ୍ଗ ଅନୁଭବ ତାଙ୍କୁ ପଲ୍ଲୀ ଜୀବନ ପ୍ରତି ଶ୍ରଦ୍ଧାଶୀଳ କରାଇଛି। କବି ମାନସିଂହଙ୍କର ପରିଣତ କାବ୍ୟସ୍ୱରରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ କାବ୍ୟସ୍ୱର ସହିତ ସାମଞ୍ଜସ୍ୟ ଥିବା ଲକ୍ଷ୍ୟ କରାଯାଏ । ରବୀନ୍ଦ୍ରନାଥଙ୍କ ମର୍ତ୍ତ୍ୟ ପ୍ରତି-ଆବେଦନ ଯେପରି

'ମରି ତ ଚାଇନା ଆମି ସୁନ୍ଦର ଭୁବନେ, ମାନବେର୍ ମାଝେ ଆମି ବାଞ୍ଚିବାରେ ଚାଇଁ' । ଠିକ୍ ସେହିପରି । ମାନସିଂହଙ୍କ ମର୍ତ୍ତ୍ୟପ୍ରୀତି 'ଜୀବନ ଚିତା କୁଶ' କବିତାରେ ଫୁଟି ଉଠିଛି।

ଓଡ଼ିଆ ସାହିତ୍ୟର ଇତିହାସ, Ripples of Mahanadi, The Saga of the Land of Jagannath , କାଳିଦାସ ଏବଂ ସେକ୍ସପିଅର ପ୍ରଭୃତି ତାଙ୍କର ଅନବଦ୍ୟ ସୃଷ୍ଟି। ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଜ୍ଞାନକୋଷ ସଙ୍କଳନ ତାଙ୍କର ଶେଷ କାମ ଥିଲା । ଡଃ ମାନସିଂହଙ୍କ ସଂପର୍କରେ କବି ସଚ୍ଚି ରାଉତରାୟ କହନ୍ତି, 'ପଦ୍ମ ଚରଣଙ୍କ ପରି ସେ ଅତୀତକୁ ବାହୁନି କାନ୍ଦି ନାହାନ୍ତି, ସତ କିନ୍ତୁ ଏ ଦେଶର ମହାନ ଐତିହ୍ୟକୁ ସେ ଯେପରି ଭାବମୂର୍ତ୍ତି ମଧ୍ୟରେ ଫୁଟାଇ ପାରିଛନ୍ତି, ସେପରି ଅନ୍ୟ କେହି କରିପାରି ନାହାନ୍ତି । ଆମ ସମସ୍ତଙ୍କ ଅପେକ୍ଷା ମାନସିଂହ ଥିଲେ ଅତି ଅଧିକ ମାତ୍ରାରେ ଓଡ଼ିଶାର ସ୍ଥାୟୀ ବାସିନ୍ଦା । ତାଙ୍କୁ ମନେହୁଏ ସେ ଯେପରି ଏଠାରେ ପ୍ରାଚୀନତମ ଅଧିବାସୀ ଆଉ ଆମେ ସମସ୍ତେ କେଉଁ ପରବର୍ତ୍ତୀ ପର୍ଯ୍ୟାୟର ଲୋକ ଏଠାକୁ ଆସି ଆସ୍ଥାନ ଜମାଇଛୁଁ । ପୈତୃକ ଭିଟାମାଟିକୁ ଶେଷ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରି ପଡ଼ି ରହିଥିବାର ଧୈର୍ଯ୍ୟ ଓ ପ୍ରବୃତ୍ତିରେ ସେ ଥିଲେ ସତରେ ଅଟଳ ଓ ଅପରିବର୍ତ୍ତନୀୟ ।'

ମାନସିଂହ ଉତ୍କଳୀୟ ଚେତନାରେ ସୀମାବଦ୍ଧ ନଥିଲେ । ତାଙ୍କ ସାହିତ୍ୟରେ ମହାଭାରତୀୟ ଚେତନା ସହିତ ଉତ୍କଳୀୟ ଚେତନାର ଅପୂର୍ବ ସମନ୍ୱୟ ଘଟିଥିଲା । 'Kalidas and Shakespeare - Saga of the land of Jagannath' ଏବଂ 'History of Oriya Literature'ରୁ ତାଙ୍କ ଜାତୀୟତାବୋଧ ସ୍ପଷ୍ଟ ବୁଝି ହୁଏ।

ମାନସିଂହଙ୍କ କର୍ମ ଓ ବ୍ୟକ୍ତିତ୍ୱର ମୂଲ୍ୟ ଓଡ଼ିଶାର ଲୋକମାନେ ହୃଦୟଙ୍ଗମ କରିଛନ୍ତି ବୋଲି କୁହାଯାଇ ପାରିବ ନାହିଁ । ବୋଧହୁଏ ଏପରି ଏକ ଅବଶୋଷ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଥିଲା । ତତ୍‌କାଳୀନ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଡଃ ବଳଭଦ୍ର ପ୍ରସାଦ ତାଙ୍କ ସଂପର୍କରେ କହିଛନ୍ତି, ଡଃ ମାନସିଂହ, ତୁମେ ଯଦି ତମ କଲମ ଓ ବଚନକୁ ରୋକିବା ଜାଣି ଥାଆନ୍ତ ତେବେ ଏଥିରେ ସନ୍ଦେହ ନାହିଁ ଯେ, ଏ ଷ୍ଟେଟ୍‌ରେ ତମେ ଟପ୍‌ରେ ବସି ଥାଆନ୍ତ ।

ସବୁ ସତ୍ତ୍ୱେ କବି ମାନସିଂହ ଆଜି ନିଜସ୍ୱ କୀର୍ତ୍ତିରେ ଭାସ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ ।

**(ମାନସିଂଙ୍କ ଜୟନ୍ତୀ ଉପଲକ୍ଷେ)**

**ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟ ବିହାର**
**ଭୁବନେଶ୍ୱର, ମୋ-୯୪୩୭୦୧୧୦୦୩**
Email : manobm48@yahoo.co.in

# ସଫଳତାର ପଥେ ପଥେ

ବୈଷ୍ଣବ ମେହେର

ସଫଳତା ସମସ୍ତଙ୍କୁ ଦରକାର । କିନ୍ତୁ ସଫଳତାର ରାସ୍ତାରେ ଆଗେଇବା ବେଳେ ବାଟରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ସେସବୁକୁ ଏଡ଼ାଇ ଯିବାର କଳା ଖୁବ୍ କମ ଲୋକଙ୍କୁ ଜଣା । ଦୈନନ୍ଦିନ ଜୀବନରେ ଏମିତି ଅନେକ ଛୋଟବଡ଼ ଘଟଣା ବା ଅଘଟଣ ଘଟେ ସେସବୁ ମଧ୍ୟରୁ କେଉଁଥିରେ ପ୍ରତିକ୍ରିୟାଶୀଳ ହେବା ଓ କେଉଁ ସବୁକୁ ଏଡ଼ାଇ ଯିବା ଆବଶ୍ୟକ, ତାର ଠିକ ନିର୍ଣ୍ଣୟ କରିବା ହିଁ ନିଜ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଏକଥା ମନେ ରଖିବାକୁ ହେବ ଯେ, ସାମନାରେ ଘଟୁଥିବା ପ୍ରତି ଘଟଣାରେ ମୁଣ୍ଡ ପୁରେଇବା ବ୍ୟକ୍ତିତ୍ୱ ବିକାଶରେ ବଡ଼ ଅନ୍ତରାୟ ହୋଇଥାଏ । ଆମ ଭିତରେ ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ସାମାନ୍ୟ କଥାରେ ମୁଣ୍ଡ ଖେଳାଇ ନିଜକୁ ଚାପଗ୍ରସ୍ତ କରିଥାନ୍ତି । ଛୋଟଛୋଟ କଥାରେ ଯୁକ୍ତିତର୍କ କରି ଜିତିବା ହାରିବାକୁ ନିଜ ଆତ୍ମସମ୍ମାନ ମନେ କରୁଥିବା ଲୋକର ଶକ୍ତି, ସାମର୍ଥ୍ୟ ଓ ସମୟର ଅପଚୟ ଘଟେ, ଯାହାଦ୍ୱାରା ଅନେକାଂଶରେ ସେଭଳି ବ୍ୟକ୍ତିମାନେ ଜୀବନର ପ୍ରକୃତ ସଫଳତା ଠାରୁ ଦୂରେଇ ଯାନ୍ତି । କହିବା ବାହୁଲ୍ୟ ଯେ, ଅନାବଶ୍ୟକ ଲଢ଼େଇ ଓ ଯୁକ୍ତିତର୍କକୁ ସତର୍କତାର ସହ ଏଡ଼ାଇ ଯିବା ହିଁ ବୁଦ୍ଧିମାନର ପରିଚୟ ଦିଏ । ଯାହା ବ୍ୟକ୍ତିକୁ ଉଭୟ ମାନସିକ ଓ ଶାରୀରିକ ଦୃଷ୍ଟିରୁ ସୁସ୍ଥ ମଧ୍ୟ ରଖେ । ପୁନଶ୍ଚ ଆମେ ଚାହୁଁ ନଥିବା ଅନେକ ଘଟଣା ଆମ ପାଖରେ ଘଟେ କିମ୍ବା ଆମ ଅନିଚ୍ଛା ସତ୍ତ୍ୱେ ଆମକୁ ଘରେ ହେଉ କି ବାହାରେ ହେଉ ଅନେକ ଲୋକଙ୍କ ସହ କାମ କରିବାକୁ ପଡ଼େ । ସେସବୁ ଘଟଣା ବା ବ୍ୟକ୍ତିଙ୍କୁ ନେଇ ଯଦି ଆମେ ନିରାଶ କିମ୍ବା ଅନାଗ୍ରହ ରହିବା ତେବେ ଆଗକୁ ବଢିବା ସମ୍ଭବ ହେବ ନାହିଁ । ଚାରିପଟେ ଆମର ଯିଏ ଥାଆନ୍ତୁନା କାହିଁକି ଆମକୁ ଆମ କାର୍ଯ୍ୟ ହାସଲ ନିମନ୍ତେ ଧ୍ୟାନ ଦେବା ଜରୁରୀ ।

**ଗୋଲାପ ଫୁଲର ଚାରିପଟେ ଯେତେ ବି ତୀକ୍ଷଣ କଣ୍ଟା ଥାଉ ସେସବୁ କଣ୍ଟା ସହ ଲଢେଇ ନକରି ବରଂ କଣ୍ଟାର ଆଘାତରୁ ନିଜକୁ ବଞ୍ଚାଇ ଗୋଲାପ ଫୁଲ ନିକଟକୁ ସୁରକ୍ଷିତ ପହଞ୍ଚିବା ଆମର ଧ୍ୟେୟ ହେଉ ।**

ଗୋଲାପ ଫୁଲର ଚାରିପଟେ ଯେତେ ବି ତୀକ୍ଷଣ କଣ୍ଟା ଥାଉ ସେସବୁ କଣ୍ଟା ସହ ଲଢେଇ ନକରି ବରଂ କଣ୍ଟାର ଆଘାତରୁ ନିଜକୁ ବଞ୍ଚାଇ ଗୋଲାପ ଫୁଲ ନିକଟକୁ ସୁରକ୍ଷିତ ପହଞ୍ଚିବା ଆମର ଧ୍ୟେୟ ହେଉ । ଜୀବନରେ ଏମିତି ଅନେକ ବ୍ୟକ୍ତି ଆସିବେ ଯେଉଁମାନଙ୍କ ଅସହିଷ୍ଣୁତା, ସ୍ୱାର୍ଥପରତା, ସଂକୀର୍ଣ୍ଣତା ଆମ ଗତିପଥକୁ ରୋକିବାର ପ୍ରୟାସ କରିପାରେ । କିନ୍ତୁ ଆବର୍ଜନା କୁଣ୍ଡକୁ ଧ୍ୟାନ ନଦେଇ ଆବର୍ଜନା ଠାରୁ ନିଜକୁ ଦୂରେଇ ରଖିବାର ସୁଯୋଗ ତିଆରି କରିବାର ଦାୟିତ୍ୱ ଆମ ନିଜର ହେବା ଦରକାର । ଆଉ ଯଦି ସେମାନଙ୍କୁ ଉଚିତ ଜବାବ ଦେବା ନାଁରେ ସେମାନଙ୍କ ସହ ଲଢ଼େଇରେ ଅବତୀର୍ଣ୍ଣ ହେବା ତେବେ ଆମର ବି କ୍ଷତି ହେବା ସ୍ୱାଭାବିକ କଥା । ତେଣୁ ନିଜ ଧ୍ୟାନକୁ ଲକ୍ଷଚ୍ୟୁତ ହେବାକୁ ନଦେଇ ସକରାତ୍ମକ ବିଚାର ନେଇ ଲକ୍ଷ୍ୟସ୍ଥଳରେ ଲୟ ରଖିଲେ ଅଚିରେ ସଫଳତା ହାସଲ କରାଯାଇ ପାରିବ ।

ସେଦିନ ଗୁରୁ ଦ୍ରୋଣ ନିଜ ଶିଷ୍ୟମାନଙ୍କୁ ପରୀକ୍ଷା କରିବାକୁ ଯାଇ ପକ୍ଷୀର ପିତୁଳାଟିଏ ଗଛର ଡାଳରେ ରଖି ଅନତି ଦୂରରୁ ସେହି ପିତୁଳାର ଆଖିକୁ ଶରବିଦ୍ଧ କରିବାକୁ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ କଲେ । ଜଣ ଜଣ ହୋଇ ଯୁଧିଷ୍ଠିର, ଦୁର୍ଯ୍ୟୋଧନ, ଭୀମ, ଦୁଃଶାସନ, ନକୁଳ, ସହଦେବ ପ୍ରମୁଖ ଶିଷ୍ୟଗଣ ଶରସନ୍ଧାନ କରିବା ପୂର୍ବରୁ ଗୁରୁ ସମସ୍ତଙ୍କୁ ତୁମେ ତୁମ ଆଗରେ କ'ଣ ଦେଖୁଛ ବୋଲି ପ୍ରଶ୍ନ କରିଥିଲେ ! କିଏ ଗଛ, ପକ୍ଷୀ ତ କେହି ଗଛର ଡାଳ, ପତ୍ର, ପକ୍ଷୀର ମୁଣ୍ଡ ଆଦି ଦେଖାଯାଉଥିବା ବର୍ଣ୍ଣନା କଲେ । ସବାଶେଷରେ ଗୁରୁ ଦ୍ରୋଣ, ତାଙ୍କ ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ ଡାକି ସେହି ସମାନ ପ୍ରଶ୍ନ ପଚାରିବାରୁ ଅର୍ଜୁନଙ୍କ ଠାରୁ ଭିନ୍ନ ଉତ୍ତର କେବଳ ପକ୍ଷୀର ଆଖି ଛଡ଼ା ଅନ୍ୟ କିଛି ଦେଖାଯାଉନଥିବା ଶୁଣିବାକୁ ପାଇଥିଲେ । ଏହା ଶୁଣି ଗୁରୁ ଶର ଚଳାଇବାର ନିର୍ଦ୍ଦେଶ ଦିଅନ୍ତେ ଅର୍ଜୁନଙ୍କ ଶରମୁନରେ ପକ୍ଷୀର ଆଖି ଓଲଟି ପଡ଼ିଥିଲା । କହିବାର ଅର୍ଥ, ଯେକୌଣସି ସଫଳତା ପାଇବାକୁ ହେଲେ ଚର୍ତୁଃପାର୍ଶ୍ୱର ସମସ୍ତ ବାଧାବିଘ୍ନକୁ ଅଣଦେଖା କରି ଏକାଗ୍ର ଚିତ୍ତରେ ଆମକୁ ଆମର ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ହିଁ ଧ୍ୟାନ କେନ୍ଦ୍ରିତ କରିବାକୁ ହୁଏ । ହଁ ଏକଥା ସ୍ୱୀକାର୍ଯ୍ୟ ଯେ, ମଣିଷର ସାଧନା ଓ ଦକ୍ଷତାର ପରିପ୍ରକାଶ ପାଇଁ ସବୁ ବେଳେ ଉତ୍ତମ ପରିବେଶର ଆବଶ୍ୟକତା ନଥାଏ । ସଫଳତା ପାଇଁ ଆମ ଭିତରେ ଉଦ୍‌ବେଳନ ରହିବା ଆବଶ୍ୟକ । ଏତେ ବର୍ଷ ଧରି କୋଟି କୋଟି ପ୍ରାଣରେ ଦେଶପ୍ରୀତିର ଆବେଗ ସଂଚରିତ କରି ଚାଲିଥିବା 'ଏ ମେରେ ୱତନ କେ ଲୋଗୋ' ଗୀତକୁ ଗୀତିକାର ପ୍ରଦୀପ୍ତ ଏକଦା ରାସ୍ତାରେ ପଡ଼ିଥିବା ସିଗାରେଟ ଖୋଳରେ ଲେଖିଥିବା ଜାଣି ବିସ୍ମିତ ହେବାକୁ ପଡ଼େ । ସମସ୍ତ ନକରାତ୍ମକ ଶକ୍ତିକୁ ଅଣଦେଖା କରି ନିଜ ଭିତରେ ଆତ୍ମବିଶ୍ୱାସ, ଆତ୍ମଉତ୍ସାହ ଜାଗ୍ରତ ପୂର୍ବକ ନିଷ୍ଠାର ସହ କାର୍ଯ୍ୟ କରିଗଲେ ସଫଳତା ପାଇବା ଅତୀବ ସରଳ ଓ ସହଜ ହୁଏ ।

**ସିନାପାଲି, ନୂଆପଡ଼ା**
**ମୋ-୯୭୭୭୭୫୩୯୩୫**

# ଅନ୍ତିମ ଯାତ୍ରା

ମନୋଜ କୁମାର ବେହେରା

ଶରୀରରେ ସମାହିତ ଉର୍ଜା ପୁଞ୍ଜକୁ ଆତ୍ମା କୁହାଯାଇଛି । ଏହି ଆତ୍ମା ଅନନ୍ତ ଉର୍ଜା ଅର୍ଥାତ୍ ପରମାତ୍ମାଙ୍କ ଗୋଟିଏ ଅତିସୂକ୍ଷ୍ମ ଅଂଶମାତ୍ର ଅଟେ । ଭୌତିକ ଜଗତରେ ରହିକରି ଏହି ଭୌତିକ ଶରୀର ଗୋଟିଏ ଯାତ୍ରୀର ସଦୃଶ ହୋଇଥାଏ । ଶରୀରର ଜନ୍ମ ସହିତ ହିଁ ଯାତ୍ରା ପ୍ରାରମ୍ଭ ହୋଇଥାଏ ଏବଂ ମୃତ୍ୟୁର ଉପରାନ୍ତ ସମାପ୍ତ ହୋଇଯାଏ । ଅର୍ଥାତ୍ ଭୌତିକ ଶରୀର ପାଇଁ ଜୀବନ ଗୋଟିଏ ଯାତ୍ରାର ସମତୁଲ ଅଟେ । ଜନ୍ମର ସହିତ ହିଁ ଉର୍ଜାପୁଞ୍ଜ ଅର୍ଥାତ୍ ଆତ୍ମା ଭୌତିକ ଶରୀରରୁ ସଂଯୁକ୍ତ ହୋଇକରି ଏହାର ଯାତ୍ରାରେ ସହଯାତ୍ରୀର ଭୂମିକା ନିର୍ବାହନ କରିବାକୁ ଲାଗିଥାଏ ଏବଂ ମରଣୋପରାନ୍ତ ସ୍ୱୟଂକୁ ଯାତ୍ରାରୁ ଅଲଗା କରି ନେଇଥାଏ । ଏହା କୁହାଯାଇ ପାରିବ କି ଭୌତିକ ଶରୀରର ଯାତ୍ରାର ଆଦି ଏବଂ ଅନ୍ତ ସ୍ୱଷ୍ଟତଃ ଜ୍ଞାନ ହୋଇଥାଏ । ବିଶେଷ କଥା ଏହାକି ଭୌତିକ ଶରୀର ମଧ୍ୟ ଯାତ୍ରା ସହିତ ଆରମ୍ଭ ହୋଇକରି ଯାତ୍ରାର ସମାପ୍ତି ପରେ ସ୍ୱୟଂ ସମାପ୍ତ ହୋଇଯାଏ । କିନ୍ତୁ ଉର୍ଜାପୁଞ୍ଜ ଭଳି ଆତ୍ମା କହିକରି ସମ୍ବୋଧନ କରାଯାଏ । ନିଜର ଯାତ୍ରାର ଆଦି ଆଉ ଅନ୍ତରୁ ସର୍ବଦା ଅପରିଚିତ ହୋଇଥାଏ । ଆତ୍ମାର ଯାତ୍ରା କେବେ ଏବଂ କାହିଁକି ପ୍ରାରମ୍ଭ ହେଲା ତଥା କେବେ ପୂର୍ଣ୍ଣ ହେବ? ଏହି ପ୍ରଶ୍ନର ସମାଧାନ ଆଦି ଆଜି ମଧ୍ୟ ଗୋଟିଏ ଆହ୍ୱାନ ରୂପରେ ଛିଡା ହୋଇଛି । ଉର୍ଜାପୁଞ୍ଜ ଅଗଣିତ ଭୌତିକ ଶରୀରର ଭୌତିକ ଯାତ୍ରାରେ ସହଯୋଗୀର ଭୂମିକାକୁ ନିଭେଇ ନିଜର ଅନନ୍ତ ଦିବ୍ୟ ଯାତ୍ରାକୁ ଜାରି ରଖିଥାଏ । ଅର୍ଥାତ୍ ଆତ୍ମାର ଏହି ଅଲୌକିକ ଯାତ୍ରାରେ ଅନନ୍ତ ଲୌକିକ ଯାତ୍ରା ସାମିଲ ହୋଇଥାଏ । ଏହି ଅଲୌକିକ ଯାତ୍ରାର ସମ୍ବନ୍ଧରେ କେବଳ ଏତିକି ହିଁ କୁହାଯାଇ ପାରିବ କି ଏହି ଯାତ୍ରା ଅନନ୍ତରୁ ପ୍ରାରମ୍ଭ ହୋଇକରି ଅନନ୍ତର ପରିଭାଷିତ କରିବା ମଧ୍ୟ ଅସମ୍ଭବ ଅଟେ । ଅନନ୍ତର ଅଜ୍ଞାନର ପର୍ଯ୍ୟାୟ କୁହାଯାଇ ପାରିବ । ପ୍ରଶ୍ନ ଏହା ଉଠିଥାଏ କି ଏହି ଅନନ୍ତ ଗତିର ଅନବରତ ଜାରିରଖିବା ପାଇଁ ଆବଶ୍ୟକ ବଳ କେଉଁ ସ୍ରୋତରୁ ପ୍ରାପ୍ତ ହୋଇଥାଏ ? ସମ୍ଭବତଃ ଏହା ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ରହସ୍ୟ ଅଟେ । ବସ୍ତୁତଃ ଏହି ବଳ ଉର୍ଜାର ଅନନ୍ତ ସ୍ରୋତ ଅଟେ । ଅର୍ଥାତ୍ ଅନନ୍ତ ଉର୍ଜା ଯେମିତି ପରମାତ୍ମାଙ୍କୁ କହିକରି ସମ୍ବୋଧିତ କରାଯାଉଛି । ପରମାତ୍ମାଙ୍କ ସହ ଅତ୍ମାର ଅତୁଟ ସମ୍ବନ୍ଧ ଥାଏ । ଆତ୍ମାର ଅନନ୍ତ ଯାତ୍ରା ପରମାତ୍ମାରୂପୀ ବଳ ଦ୍ୱାରାହିଁ ନିୟନ୍ତ୍ରିତ ହୋଇଥାଏ । କିନ୍ତୁ ଏହି ଅନନ୍ତର ଉର୍ଜାପୁର ଉତ୍ପତ୍ତିର ରହସ୍ୟ ସର୍ବଥା ଅଜ୍ଞାତ ଅଟେ ।

**ଏହା କୁହାଯାଇ ପାରିବ କି ଭୌତିକ ଶରୀରର ଯାତ୍ରାର ଆଦି ଏବଂ ଅନ୍ତ ସ୍ପଷ୍ଟତଃ ଜ୍ଞାନ ହୋଇଥାଏ । ବିଶେଷ କଥା ଏହାକି ଭୌତିକ ଶରୀର ମଧ୍ୟ ଯାତ୍ରା ସହିତ ଆରମ୍ଭ ହୋଇକରି ଯାତ୍ରାର ସମାପ୍ତି ପରେ ସ୍ୱୟଂ ସମାପ୍ତ ହୋଇଯାଏ ।**

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବା ମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଠୋର...

ହୋଇଥିବା ଦୁଇଦିନ ତଳେ ବିସ୍ଫୋରଣରେ ୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ଏନେଇ ଦେଶବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା । ଭୁଟାନ ଗସ୍ତକୁ କାଣ୍ଟଛାଣ୍ଟ କରି ପ୍ରଧାନମନ୍ତ୍ରୀ ଭାରତ ଆସିବା ପରେ ସୁରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ବୈଠକ ଡାକି ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି । ଏଲ୍ଏନ୍‌ଜେପି ହସ୍ପିଟାଲ ଯାଇ ଆହତଙ୍କୁ ଭେଟିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଆହତମାନଙ୍କର ଆଶୁ ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି । ଯେଉଁମାନେ ଏହି ଷଡ଼ଯନ୍ତ୍ର ପଛରେ ଅଛନ୍ତି ସେମାନଙ୍କୁ ଛଡାଯିବନାହିଁ ଓ ମୃତାହତଙ୍କୁ ନ୍ୟାୟ ପ୍ରଦାନ କରାଯିବ । ଡାକ୍ତରମାନଙ୍କ ସହ ଆହତମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିବା ସହ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥା ଅନୁଧାନ କରିଥିଲେ । ୧୦ ତାରିଖରେ ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟରେ ଏକ ହୁଣ୍ଡାଇ ଆଇ-୨୦ କାରରୁ ବିସ୍ଫୋରଣ ହୋଇଥିଲା । ଗାଡ଼ିଟି ଟ୍ରାଫିକ୍ ପୋଷ୍ଟରେ ଧୀରେ ଧୀରେ ଯାଉଥିଲା । ଏହାର ତଦନ୍ତ ଭାର ଏନ୍‌ଆଇଏକୁ ଦିଆଯାଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆତଙ୍କୀ ସଂଗଠନ ଜୈସ୍-ଇ-ମହମ୍ମଦ ଦିଲ୍ଲୀ, ଗୁରୁଗାଓଁ ଓ ପରିଦାବାଦରେ ସିରିଜ୍ ବିସ୍ଫୋରଣ କରିବା ପାଇଁ ଯୋଜନା କରିଥିଲା । ୨୦୦୮ ରେ ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାରୁ ସେମାନେ ପ୍ରୋତ୍ସାହିତ ହୋଇଥିଲେ । ସନ୍ଦିଗ୍ଧମାନେ ପ୍ରାୟ ୨୦୦ ଆଇଇଡି ପ୍ରସ୍ତୁତ କରୁଥିଲେ । ସେମାନେ ବିଶେଷକରି ପ୍ରମୁଖସ୍ଥଳ ଯଥା ରେଡ୍‌ଫର୍ଟ୍, ଇଣ୍ଡିଆଗେଟ୍, ଦ କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍, ଗୌରିଶଙ୍କର ମନ୍ଦିର, ପ୍ରମୁଖ ରେଳ ଷ୍ଟେସନ ଓ ବିଭିନ୍ନ ସ୍ଥାନରେ ଥିବା ସପିଂ ମଲ୍‌କୁ ଟାର୍ଗେଟ କରିଥିଲେ ବୋଲି ଜଣାପଡିଛି ।

## ପ୍ରତିଭା...

ମାଧ୍ୟମରେ ପ୍ରଥମ ରୁ ତୃତୀୟ ଶ୍ରେଣୀର ପିଲାମାନଙ୍କୁ ବିଦ୍ୟାଳୟ ଓ କ୍ଲଷ୍ଟର ସ୍ତରରେ ଭାଗନେବାର ସୁଯୋଗ ଦିଆଯାଇଛି ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ ବୁଲି ଦେଖିଥିଲେ । ଏଥି ସହିତ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ (୯ ପୃଷ୍ଠାରେ)

ପ୍ରତିଭା...

ସୁଶିଲ କୁମାର ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣ ରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଶୁମାନେ ଆମର ଭବିଷ୍ୟତ, ଆମର ଆଶା । ଶିଶୁ ମାନଙ୍କ ସ୍ୱପ୍ନକୁ ସାକାର କରିବା, ସେମାନଙ୍କ ମାର୍ଗଦର୍ଶନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା । ବିଗତ ମାସେ ହେଲା ଜିଲ୍ଲା ଓ ବ୍ଲକ୍ ସ୍ତରରେ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରର ପ୍ରତିଯୋଗିତାରୁ ବିଜୟୀ ହୋଇ ଆଜି ଆପଣମାନେ ଏହି ସ୍ଥାନରେ ପହଞ୍ଚିପାରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ଉନ୍ମେଷ କରାଇବାରେ 'ସୁରଭି'ର ଯୋଗଦାନ ଅତ୍ୟନ୍ତ ଉଲ୍ଲେଖନୀୟ ।

ଆମ ସରକାର ପ୍ରାକ୍ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଆମେ ପ୍ରୟାସ ଜାରି ରଖିଛନ୍ତି । ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ପିଏମ-ଶ୍ରୀ ଯୋଜନା ପର୍ଯ୍ୟନ୍ତ ଆମେ କାର୍ଯ୍ୟକାରୀ କରିଛୁ । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ କୁ ବିଦ୍ୟାଳୟସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତର ଯାଏଁ ସଫଳତାର ସହ କାର୍ଯ୍ୟକାରୀ କରିଛୁ । ଆମ ସରକାର ରାଜ୍ୟର ୪୫ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି । ଛୋଟ ପିଲାମାନଙ୍କର ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା ପାଇଁ ଶିଶୁ ସେବିକାଙ୍କୁ ନିଯୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତର ସହିତ ନେଇଛନ୍ତି । ଚଳିତ ବଜେଟରେ ଆମ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । ଆପଣ ଜାଣି ଖୁସି ହେବେ ଯେ ଚଳିତ ବଜେଟର ୧୪.୨ ପ୍ରତିଶତ ଅର୍ଥାତ୍ ରାଜ୍ୟ ଜିଡ଼ିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି, ଯାହାକି ଦେଶରେ ଅଳ୍ପ କିଛି ରାଜ୍ୟ କରିବାରେ ସମର୍ଥ ହୋଇଛନ୍ତି । ଓଡିଶାରେ ମଧ୍ୟ ସବୁ ବିଭାଗରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ, ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି ସିଂହଭାଗ । ଆପଣମାନେ ଜାଣିପାରୁଥିବେ ଶିକ୍ଷାପ୍ରତି ସରକାରଙ୍କ ଆନ୍ତରିକତା ।

'ସୁରଭି' କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିବର୍ଷ ବିଦ୍ୟାର୍ଥୀମାନଙ୍କ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛି । ବିଦ୍ୟାର୍ଥୀମାନଙ୍କ ଭିତରେ ଅସଂଖ୍ୟ ସମ୍ଭାବନା ଏବଂ ଗୁଣାବଳୀ ଲୁଚି ରହିଛି । ସେମାନେ ନିଜ ଭିତର ଲୁକ୍କାୟିତ ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ । ବଡ଼ ସ୍ୱପ୍ନ ଦେଖିବା ପାଇଁ କେବେ ବି ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ । କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ସେମାନେ ପ୍ରତ୍ୟେକ ଲକ୍ଷ୍ୟକୁ ହାସଲ କରିପାରିବେ । ଦେଶ ନିର୍ମାଣରେ ବିଦ୍ୟାର୍ଥୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ସୁରଭି ଏକ ସୁନ୍ଦର ଏବଂ ନିଆରା ମଞ୍ଚ, ଯାହା ମାଧ୍ୟମରେ ସେମାନଙ୍କୁ କଳା, ପ୍ରତିଭା ଏବଂ ସୃଜନଶୀଳତା ଉପସ୍ଥାପନ କରିବାର ସୁଯୋଗ ମିଳୁଛି । ଏହି ମହୋତ୍ସବ ମାଧ୍ୟମରେ ଆମେ ମଧ୍ୟ ସେମାନଙ୍କ ଲୁକ୍କାୟିତ ପ୍ରତିଭା ଦେଖିବାର ସୁଯୋଗ ପାଇଛୁ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଛି ଏବଂ ଏହି ସମସ୍ତେ ପରସ୍ପରର ପରିପୂରକ । ତେଣୁ ସବୁ ସ୍ତରର ବିକାଶ ହୋଇପାରିଲେ ହିଁ ଆମ ରାଜ୍ୟର ଶିକ୍ଷା କ୍ଷେତ୍ରର ବିକାଶ ସମ୍ଭବ ହୋଇପାରିବ । ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ସେସବୁ ସାମ୍ନାକୁ ଆସିବା ଉଚିତ । ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ । ସୃଜନଶୀଳତା ଓ ବୌଦ୍ଧିକ ଗୁଣର ପରିପ୍ରକାଶ କ୍ଷେତ୍ରରେ ସୁରଭି ଭଳି ଶିଶୁ ମହୋତ୍ସବ ଭଳି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସହାୟକ ହୋଇପାରିଛି ।

ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନୀୟ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତକାର, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ମଡ଼େଲ ୟୁନାଇଟେଡ୍ ନେସନ୍ ପାଭିଲିୟନ, କର୍ମଶାଳା ଓ ବିଭିନ୍ନ ପ୍ରଦର୍ଶନୀ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ଼ ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଯେ, ନଭେମ୍ବର ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ବ୍ଲକ ଓ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରାୟ ୨୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ । ସ୍କୁଲ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧିର ପାଇଁ ରାଜ୍ୟ ସରକାର ଶିଶୁ ମହୋତ୍ସବ 'ସୁରଭି'ର ଆୟୋଜନ କରୁଛନ୍ତି । ଏହା ସ୍କୁଲ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଆୟୋଜନ ହେଉଛି । ବ୍ଲକସ୍ତରରୁ ପର୍ଯ୍ୟାୟକ୍ରମେ କୃତୀ ପ୍ରତିଭାବାନ୍ ଛାତ୍ରଛାତ୍ରୀ ରାଜ୍ୟସ୍ତରରେ ପହଞ୍ଚୁଛନ୍ତି ।

## ଆଉ...

କମ ରହିଛି । ସେହିପରି ଅନୁଗୁଳରେ ୬°, ଭୁବନେଶ୍ୱରରେ ୫.୯° ଏବଂ ଉପକୂଳର ବହୁ ସ୍ଥାନରେ ସ୍ୱାଭାବିକ ଠାରୁ କମ ତାପାମାତ୍ରା ରେକର୍ଡ଼ ହୋଇଛି ।

ରାଉରକେଲାରେ ଗତ ୬ ଦିନ ମଧ୍ୟରେ ୫.୭° ତଳକୁ ପାରଦ ଖସିବା ସହ ଆଜି ସର୍ବନିମ୍ନ ତାପମାତ୍ରା ୧୦.୫° ରେକର୍ଡ଼ କରାଯାଇଛି । ସେହିପରି ଦାରିଙ୍ଗବାଡ଼ିରେ ପାହାଡ଼ିଆ ଅଞ୍ଚଳରେ ରାତ୍ରିର ତାପମାତ୍ରା ୮.୫° ଏବଂ ଜି.ଉଦୟ ଗିରିରେ ୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି । ସମତଳ ଅଞ୍ଚଳ ଫୁଲବାଣୀରେ ୧୦° ତାପମାତ୍ରା ରେକର୍ଡ଼ ହୋଇଥିଲାବେଳେ କଟକରେ ୧୫.୨° ଓ ଭୁବନେଶ୍ୱରରେ ୧୫.୫ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି ।

ମଙ୍ଗଳବାର ରାତିର ତାପମାତ୍ରା ୨ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ଝାରସୁଗୁଡ଼ାରେ ୧୦.୬° ତାପମାତ୍ରା ରେକର୍ଡ଼ ହୋଇଥିଲାବେଳେ ଚିପିଲିମାରେ ୧୦.୯°, କିରେଇରେ ୧୧.୩°, ସୁନ୍ଦରଗଡ଼ରେ ୧୨.୬°, କେନ୍ଦୁଝରରେ ୧୨.୪°, ଅନୁଗୁଳରେ ୧୨.୬°, କୋରାପୁଟରେ ୧୩.୨°, ସେମିଳିଗୁଡ଼ାରେ ୧୩.୨°, ବଲାଙ୍ଗୀରରେ ୧୩.୩°, ଭବାନୀପାଟଣାରେ ୧୩.୫°, ଢେଙ୍କାନାଳରେ ୧୩.୫°, ସୋନପୁରରେ ୧୪.୯°, ହୀରାକୁଦରେ ୧୪.୮°, ସମ୍ବଲପୁରରେ ୧୪.୨°, ଯାଜପୁରରେ ୧୪.୬° ଓ ମହିଷାପାଟରେ ୧୪.୬° ରେକର୍ଡ଼ କରାଯାଇଛି ।

ଆସନ୍ତା ୬ ଦିନ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ନାହିଁ । ୩ରୁ ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ । ଆଭ୍ୟନ୍ତରୀଣ ସମେତ ଉପକୂଳରେ ମଧ୍ୟ ତଳମୁହାଁ ରହିବ । ତେବେ ୪ ଦିନ ପରେ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ହେଲେ ଶୀତର ପ୍ରକୋପ କମିବନି ବୋଲି ଶ୍ରୀ ଦାଶ କହିଛନ୍ତି ।

## ତହସିଲଦାରଙ୍କୁ...

ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ, ଏହି ଅପିଲ ଗୁଡିକ ବର୍ଷ ବର୍ଷ ଧରି ଫଇସଲା ନହୋଇ ପଡି ରହିଥାଏ । କିନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି (୯ ପୃଷ୍ଠାରେ)

ତହସିଲଦାରଙ୍କୁ...

ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାର ମାନେ କ୍ଷମତାପ୍ରାପ୍ତ ହେବେ ।

ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ । ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ ।

## ସିବିଆଇ...

ରାମ୍‌ଜୀପଡାରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ବିଳାସପୂର୍ଣ୍ଣ ଘର ନିର୍ମାଣ କରିଛି । ସେହି ଘରୁ ୩କୋଟି ୭୦ଲକ୍ଷ ଟଙ୍କା, ୪ ଦାମୀ କାର୍, ଦେଢକେଜିର ସୁନା ଅଳଙ୍କାର, ୨୬ପ୍ଲଟ୍ କାଗଜପତ୍ର ସମେତ ଅନ୍ୟାନ୍ୟ କେତେକ କାଗଜପତ୍ର ଜବତ ହୋଇଛି । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ମନ୍ତ୍ରୀ, ନେତା, ଅଫିସରଙ୍କ ପାଖଲୋକ କହି ସେ ଲୋକଙ୍କୁ ବିଭିନ୍ନ କାମ କରାଇଦେବା ପ୍ରତିଶ୍ରୁତି ଦେଇ ଠକେଇ କରିଥାଏ । ଖଣି ଠାରୁ ଆରମ୍ଭ କରି ସରକାରୀସ୍ତରର ଯେତେ ପ୍ରକାର କାର୍ଯ୍ୟ ଅଛି ସେ କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥାଏ । ଆଇଏଏସ୍, ଆଇପିଏସ୍ ଓ ବହୁ ମନ୍ତ୍ରୀଙ୍କ ସହ ଫଟୋ ଉଠାଇଥାଏ । ସେହି ଫଟୋକୁ ଲୋକମାନଙ୍କ ବିଶ୍ୱାସଭାଜନ ହୋଇଥାଏ । ଭୁବନେଶ୍ୱରର ଜଣେ ମଲ୍ ମାଲିକ ତାକୁ ଗୋଟିଏ ଘର ଦେଇଥିବା ସିବିଆଇ ଜାଣିବାକୁ ପାଇଛି । ରାଜସ୍ଥାନରୁ ଏହି ଦୁଇ ଓଡ଼ିଆ ଠକଙ୍କୁ ଦିଲ୍ଲୀ ସିବିଆଇ ଗିରଫ କରିଥିବା ସୂଚନା ମିଳିଛି ।

ଅଜିତ ରଥଯାତ୍ରାକୁ ଗଲେ ତାକୁ ଭିଆଇପି ସୁରକ୍ଷା ମିଳିଥାଏ । ଏପରିକି ପୋଲିସ ତା'ଗାଡିକୁ ଏସକର୍ଟ କରି ନେଇଥାଏ । ଚଳିତବର୍ଷ ରଥଯାତ୍ରା ଗହଳିରେ ଯେଉଁ ବିଳାସପୂର୍ଣ୍ଣ ଗାଡି ଯାଇ ଅଟକି ଥିଲା ତାହା ଅଜିତର ବୋଲି କୁହାଯାଉଛି । ସେ ଦିଲ୍ଲୀରେ ରହି ଓଡ଼ିଶା ସମେତ ସାରା ଦେଶରେ ଠକେଇ ସାମ୍ରାଜ୍ୟ ବିଛାଇ ଥିଲା । ଏପରିକି ବିଭିନ୍ନ ରାଜ୍ୟରେ ଏଜେଣ୍ଟମାନଙ୍କୁ ନିଯୁକ୍ତ କରି ଠକେଇ କରିଥାଏ । ମନ୍ତ୍ରୀମାନଙ୍କ ସହ ତା'ର ଫଟୋ ଦେଖିବା ପରେ ଲୋକେ ଅଧିକ ବିଶ୍ୱାସକୁ ନିଅନ୍ତି । ଯାହା ଫଳରେ ସେ ଠକେଇ କରିବାରେ ସଫଳ ହୋଇଥାଏ । ଏହା ପୂର୍ବରୁ ଦିଲ୍ଲୀ ସିବିଆଇ ଦ୍ୱାରା ସେ ଗିରଫ ହୋଇଥିଲା । ରିମାଣ୍ଡରେ ଆଣି ଅଧିକ ଜେରା କରାଗଲେ ତାହା ସହ କେଉଁ ବ୍ୟୁରୋକାଟ୍‌ମାନଙ୍କ ସମ୍ପର୍କ ତାହା ଜଣାପଡ଼ିବ । ଅଜିତ ଓ ମିକୁଲାଲ ପରେ କାହା ପାଳି ପଡ଼ିବ ସେଥିନେଇ ବ୍ୟୁରୋକାଟ୍‌ମାନେ ହଡବଡେଇଲେଣି । କେଉଁ ବ୍ୟୁରୋକାଟ୍‌ଙ୍କ ସହ ଅଜିତର ଘନିଷ୍ଠ ସମ୍ପର୍କ ଥିଲା ତଦନ୍ତ ଆଗକୁ ବଢିଲେ ଜଣାପଡିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନେତା ଓ ଅଫିସରଙ୍କ ସହ ଫଟୋକୁ ସେ ଆୟୁଧ କରି ସାରା ଦେଶରେ ଠକେଇ କରିଥାଏ । ଭୁବନେଶ୍ୱର ଆସିଲେ ବିଭିନ୍ନ ଭିଆଇପି ସ୍ଥାନରେ ଖଟିକରେ । ତା'ପାଖକୁ ମଧ୍ୟ ବହୁ ଭିଆଇପି ଯାଉଥିବା ସିବିଆଇକୁ ତଥ୍ୟ ମିଳିଛି ।

# ଅନିମେଷ-କୁଆଁ ଗ୍ୟାଙ୍ଗଷ୍ଟରର ଦୁଇ ସହଯୋଗୀ ଗିରଫ

ବାଲେଶ୍ୱର, (ସବ୍ୟୁ) : ପୂର୍ବାଞ୍ଚଳରେଞ୍ଜ ଡିଆଇଜି ଓ ବାଲେଶ୍ୱର ଏସପିଙ୍କ କଡା ତାଗିଦ ପରେ ଜିଲ୍ଲାର ସବୁ ଥାନା ଅଧିକାରୀମାନେ ଏବେ କୁଖ୍ୟାତ ଅପରାଧୀମାନଙ୍କୁ ଧରି ଜେଲରେ ଠୁଙ୍କିବା ପାଇଁ ଏକ ପ୍ରକାର ତତ୍ପର ହୋଇପଡିଛନ୍ତି । ମଙ୍ଗଳବାର ଦିନି ଅନିମେଷ ଓ କୁଆଁକୁ କୋର୍ଟ ଚାଲାଣ କରିବାପରେ ବାଲେଶ୍ୱର ସହର ଓ ଅଖପାଖ ଅଞ୍ଚଳରେ ପୋଲିସ ପେଟ୍ରୋଲିଂ କୁ ଅଧିକ ତରାନ୍ୱିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ଭୋର ୩ଟାରେ ପୋଲିସ ପେଟ୍ରୋଲିଂ ଟିମ ମେଘଡମ୍ବରୁ ଅଞ୍ଚଳରେ ରାତ୍ର କାଳୀନ ପେଟ୍ରୋଲିଂ କରୁଥିବା ବେଳେ ବାଲେଶ୍ୱରର ଦୁଇ ଦୁର୍ଦାନ୍ତ ଅପରାଧୀ କୁଆଁ ଓରଫ କୈଳାସ ଦାସ ଓ ଅନିମେଶ ଘୋଷ ଗୋଷ୍ଠୀର ଦୁଇ ସଦସ୍ୟଙ୍କୁ ବାଲେଶ୍ୱର ସଦର ଥାନା ପୋଲିସ ଗିରଫ କରିଛି ।

# ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ଆର୍ଥିକ ସାକ୍ଷରତା ଶିବିର

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଂଚୟ ପକ୍ଷ ପାଳନ ଅବସରରେ ବୃକ୍ଷ୍ୟ ରୋପଣ କାଯ୍ୟକ୍ରମ ଭଦ୍ରକ ଜିଲ୍ଲା ଚିକତ୍ସାଳୟ ଓ ଗାନ୍ଧୀ ଓଡ଼ିଶା ବଳଶ୍ରମ୍,ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୃକ୍ଷରୋପଣ କାଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ସଂଚୟ କାର୍ଯଯାଳୟ ଅଧିକାରୀ,ବରିଷ୍ଠ ନାଗରିକ ତଥା ସ୍ୱଳ୍ପ ସଂଚୟ ଅଭିକର୍ତାମାନେ ଯୋଗଦେଇଥିଲେ । ବୃକ୍ଷ ରୋପଣ ପରେ ଗାନ୍ଧୀ ଓଡ଼ିଶା ବଲାଶ୍ରମ୍‌ର ଅନ୍ତେବାସୀମାନଙ୍କୁ ନେଇ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ଶିବିର ଆୟୋଜିତ ହୋଇଥିଲା । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପିଲାମାନଙ୍କୁ ସଂଚୟର ମହ%ୱ ବୁଝାଇ ଥିଲେ ଓ ପିଲାମାନଙ୍କୁ ସଂଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ । ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲାମାନଙ୍କୁ ସଂଚୟ କରିବା ପ୍ରେରଣା ଦେଇଥିଲେ । ସଭା ଶେଷରେ ପିଲାମାନଙ୍କୁ କୁମ୍ପି ବା କଏନ ବକ୍ସ ପ୍ରଦାନ କରାଯାଇଥିଲା । ଏହି ସଭାରେ ପ୍ରାୟ ୮୦ଜଣ ପିଲା, ଅଭିଭାବକ, ଡାକ ଅଭିକର୍ତ୍ତା ଯୋଗ ଦେଇଥିଲେ । ରାଜଯ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଭଦ୍ରକ ପଂଚାୟତ ସମିତି ପୌର ପରିଷଦ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନ କ୍ଷମ ସାମର୍ଥଯ ଶିବିର ଜିଲ୍ଲାର ଇଛାପୁର ଅନ୍ତର୍ଗତ ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ଭଦ୍ରକର ୬ଟି ପଂଚାୟତ ସମେତ ପୌରାଂଚଳ ସଦର ମହକୁମାର ପ୍ରାୟ ୪ଶହ ଭିନ୍ନକ୍ଷମ ବଯକ୍ତିମାନେ ପଞ୍ଜୀକରଣ କରି ମସ୍ତିଷ୍କ ପକ୍ଷାଘାତ ଶ୍ରବଣ ବାଧୂତ ମୁକ ବଧୂର ଚକ୍ଷୁ ଅସ୍ଥି ସଳଯ ଆଦି ରୋଗର ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟ କର୍ମଚାରୀମାନେ ପରୀକ୍ଷା କରି ରୋଗ ନିରୂପଣ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ବିଡ଼ିଓ ରଶ୍ମିରଞ୍ଜନ ମଲ୍ଲିକ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ,ସରପଂଚ ନରହରି ସାହୁ,ପଂଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ,ବିଭାଗୀୟ ଅଧିକାରୀ ସ୍ମିତା ମାଝି ପ୍ରମୁଖ ଯୋଗଦେଇ ଶିବିର ଅନୁଧ୍ୟାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କହିଥିଲେ ରାଜଯ ସରକାର ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିବଯାଙ୍ଗଙ୍କ ପାଇଁ ସାହାଯଯ ସହଯୋଗ ସହ ବିଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରାଯାଉଛି । ଦିବଯାଙ୍ଗ କହିଛନ୍ତି ଭିନ୍ନକ୍ଷମ ଶିବିରରେ ଆସି ରୋଗ ଦେଖାଇବା ସହ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ଥିବାରୁ ଧନ୍ୟବାଦ ଜଣାଇଛନ୍ତି ।


**AFFIDAVIT**

By virtue of an affidavit sworn before the Executive Magistrate, Tangi, District- Khurda, on dated 24-06-2025. I Sambrit Ranjan Sahoo, S/o-Ranjan Sahoo, Village Chandpur, Po-Ranpur, Dist-Nayagarh, Pin-752024 declare that I have changed my name from Sumrit Ranjan Sahoo to SAMBRIT RANJAN SAHOO. Henceforth I shall be known as SAMBRIT RANJAN SAHOO for all purposes.

Sambrit Runjan Sahoo

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

CAD-2247

ପତ୍ର ସଂଖ୍ୟା ୧୮୧ **ବିଜ୍ଞାପନ** ତା : ୧୩.୧୦.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପୃକ୍ତ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ କେ. ପୁରୁଷୋତ୍ତମନ୍, ପିତା- ସ୍ୱର୍ଗତ କେ. କେଶବନ, ସା-ଚିତ୍ତୁରିଲକମ୍, ପୋ- ମଲନାଡ଼, ଥାନା- ପରଲୁର, ଜିଲ୍ଲା- କୁଲଲମ, କେରଳ | ଏମ୍ଆଇଜି-୧-୭୫ (MIG-1-75) ଇଣ୍ଟେଗ୍ରେଟେଡ ହାଉସିଂ ସ୍କିମ୍ ଛେଣ୍ଡ ୨ୟ ପର୍ଯ୍ୟାୟ ରାଉରକେଲା | ୧. ଚନ୍ଦ୍ରିକା ଦେବୀ (ସ୍ତ୍ରୀ) ୨. ପି. ସଜିଲ କୁମାର (ପୁତ୍ର) ୩. ଅନିଷା ପୁରୁଷୋତ୍ତମନ୍ (କନ୍ୟା) ୪. ଅନିଶା ପି. (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ : https:/oshb.org

CAD-2262

ପତ୍ର ସଂଖ୍ୟା ୨୩୫ **ବିଜ୍ଞାପନ** ତା : ୧୦.୧୦.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପୃକ୍ତ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ- ସ୍ୱର୍ଗତ ଜବ କିଶୋର ମହାଲିକ, ପି- ସ୍ୱର୍ଗତ ବୈରାଗି ମହାଲିକ, ସା-କୁଣ୍ଡେଇ ଖୋଲ, ପୋ- କୁଆଲୋ, ଥାନା- ପରଜଙ୍ଗ, ଜିଲ୍ଲା-ଢେଙ୍କାନାଳ | ଗୃହ ନଂ-ଏଚ.ଆଇଜି(ଡି)ସି-୭୩ (HIG-D-C-73) ଚନ୍ଦ୍ରଶେଖରପୁର ସେଲ୍ଫ ଫାଇନାନ୍ସିଂ ହାଉସିଂ ସ୍କିମ୍ ଭୁବନେଶ୍ୱର ଜିଲ୍ଲା- ଖୋର୍ଦ୍ଧା | ୧. ବାସନ୍ତୀ ମହାଲିକ (ସ୍ତ୍ରୀ) ୨. ଶୌମ୍ୟ ମହାଲିକ (ପୁତ୍ର) ୩. ଗୌରବ ମହାଲିକ (ପୁତ୍ର) ୪. ଉପାସନା ଶୌମ୍ୟ ମହାଲିକ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ଇ-ଟେଣ୍ଡର/୨୦୨୫/୩୮, ତାରିଖ ୧୧.୧୧.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଦ.ପୂ. ରେଳପଥ, ଖଡଗପୁର- ୭୨୧୩୦୧ ପ୍ରତିଟି ଆଇଟମର ସୂଚିତ ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟିକାରେ ଖୋଲାଯିବ । କ୍ର.ନଂ. ଓ ଟେଣ୍ଡର ନଂ, କାର୍ଯ୍ୟର ବିବରଣୀ, ଟେଣ୍ଡର ମୂଲ୍ୟ, ଅଗ୍ରୀମ ଜମା ଅର୍ଥ : (୧) ଇ-କେଜିପି-ୱେଷ୍ଟ-୫୧-୨୦୨୫, ଖଡଗପୁର-ମେଦିନୀପୁର-କଲେଇକୁଣ୍ଡା : ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର/ୱେଷ୍ଟ/ ଖଡଗପୁରଙ୍କ କ୍ଷମତା ଅଧୀନରେ ଥିବା ଏଲସି ଗେଟ୍ (ସରଫେସ୍, ଫେନସିଂ, ହାଇଟ ଗଜ୍, ଟଏଲେଟ୍ ଏବଂ ୧୦ଟି ଟ୍ୟୁବୱେଲ୍ ବ୍ୟବସ୍ଥା) ଠାରେ ଉନ୍ନତିକରଣ/ ଭିତ୍ତିଭୂମିର ସଂପ୍ରସାରଣ : ଟ. ୨,୨୨,୮୩,୬୭୩.୬୮, ଟ. ୨,୬୧,୪୦୦/- । (୨) ଇ-କେଜିପି-ଇଷ୍ଟ-୬୭-୨୦୨୫ : ସିନିୟର ଡିଭିଜନାଲ ଇଞ୍ଜିନିୟର/ଇଷ୍ଟ/ଖଡଗପୁରଙ୍କ ଅଧୀନରେ ଥିବା ବିଭିନ୍ନ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ଆଦିର ବ୍ୟବସ୍ଥା କରିବାକୁ କୌଣସି ଏକ ପୌରପାଳ କିମ୍ବା ତତ୍ କ୍ଷମତା ସମ୍ପନ୍ନ ସ୍ୱାୟତ୍ତ ସଂସ୍ଥାରେ ପ୍ଲାଟଫର୍ମ ଏବଂ ଷ୍ଟେସନ ବିଲ୍ଡିଂ ଏରିଆ ଓ ଏହାର ଡିସ୍‌ପୋଜାଲ ବାହାର ରେଳବାଇ ଜମି ବ୍ୟତୀତ ଅଳିଆ ଆବର୍ଜନା ଉଠାଇବା, ଏହାକୁ ନଷ୍ଟ କରିବା ଷ୍ଟେସନ ୟାର୍ଡ ଟ୍ରାକ୍‌ଗୁଡ଼ିକରୁ ବିଦେଶ ସାମଗ୍ରୀ ଉଠାଇବା, ମିଡ୍ ସେକ୍ସନ ଟ୍ରାକ୍, ବ୍ରିଜ, ଲେଭେଲ କ୍ରସିଂ ଅଞ୍ଚଳରୁ ମଧ୍ୟ ଅଳିଆ ଆବର୍ଜନା ଉଠାଇବା, ଟ. ୩୩,୬୦,୩୨୫.୪୦, ଟ. ୬୭,୨୦୦/- । ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଉଭୟ ପାଇଁ ୦.୦୦ । ଖୋଲା ତାରିଖ : କ୍ର.ନଂ ୧ ପାଇଁ ୦୧.୧୨.୨୦୨୫ ଓ କ୍ର.ନଂ. ୨ ପାଇଁ ୦୨.୧୨.୨୦୨୫ । କାର୍ଯ୍ୟ ସମାପ୍ତି ସମୟ : କ୍ର.ନଂ ୧ ପାଇଁ ୧୫ ମାସ ଓ କ୍ର.ନଂ ୨ ପାଇଁ ୨୪ ମାସ । ବିଡିଂ ଆରମ୍ଭ ତାରିଖ : କ୍ର.ନଂ. ୧ ପାଇଁ ୧୨.୧୧.୨୦୨୫ ରୁ ୦୧.୧୨.୨୦୨୫ ତିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ ଏବଂ କ୍ର.ନଂ ୨ ପାଇଁ ୧୮.୧୧.୨୦୨୫ ରୁ ୦୨.୧୨.୨୦୨୫ ତିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ସଂପୂର୍ଣ୍ଣ ତଥ୍ୟ / ସ୍ପେସିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ www.ireps.gov.in ଦେଖି ପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ କରିବେ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର. : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-830)

**OFFICE OF THE NOTIFIED AREA COUNCIL,BOUDHGARH**
e-mail: boudhgarhnac@yahoo.co.in, Ph. No-06841-222024

No: 3700 Date : 6.11.2025

**QUOTATION CALL NOTICE**

C-1421 : Sealed quotation in prescribe format are invited from the intending reputed Agencies/ firm having a experience in similar nature of works with valid GST Registration Certificate, PAN Card , Registration Certificate etc. to "Conduct Drone survey supported with DGPS along with Bathymetric Survey. DGPS (Differential Global Positioning System) / Geo-Investigation survey / water testing results in fast, accurate and compatible with software such as AutoCAD, with capability of easy conversion to drawing of water bodies of NAC Boudhgarh for the year 2024-25" as per the specification which will be received through Tender Box/ Speed Post/ Courier Post to the Executive Officer, NAC Boudhgarh on or before 20.11.25 up to 3.00 P.M. and will be opened on same day at 3.30 P.M. in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of NAC Boudhgarh during working hour from **Dt. 10.11.25 to Dtd. 20.10.25 up to 12.30 P.M.** on payment of non-refundable cash of Rs.2000.00 (Rupees two thousand) only in shape of D.D/ Banker's Cheque/ Bank draft or Cash. The intending bidder are to submit copies of valid Registration certificate from competent authorities of the State Govt. / Central Govt. and PAN Card along with Experience Certificate in similar nature of works and EMD of Rs.20,000.00 (Rupees Twenty thousand) only in shape of Bank Draft/ Bankers Cheque in favour of Executive Officer, NAC Boudhgarh with their bid, failing which their bid shall not be taken in to consideration.

The authority reserves the right to reject any or all the quotations without assigning any reason thereof.

Sd/- Executive Officer,
NAC Boudhgarh

O-3171 e-mail : rwd gajapati@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender-07/GJP/2025-26**

| | | |
|---|---|---|
| 1. | Name of the work | : Road Works |
| 2. | Total No. Work | : 06 (Six) No. of Road Works |
| 3. | Estimated Cost | : Rs. 9.97 lakhs to 24.92 lakhs |
| 4. | Class of Contractor | : 'D'&'C Class Contractor 'C'& 'B' class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 13.11.2025 at 10.00 AM to 20.11.2025 upto 5.00 PM. |
| 7. | Date and Time of Opening of Tender | : 21.11.2025 at 11.00 AM |
| 8. | Place of Opening | : As per Annexure |

Further details can be seen from the Website **www.tenderorissa.gov.in**

Sd/- Executive Engineer
R.W. Division, Gajapati

**OFFICE OF THE EXECUTIVE ENGINEER (AGRIL.), PURI DIVISION, PURI**
e-mail-ccag-puri@gov.in
Letter No. 2287 Date 06.11.2025

L-109

**INVITATIONS FOR BIDS**
**e-Procurement notice**
**Bid Identification number/Tender call notice no.-**
**E.E. (Agril.), Puri Division-01/2025-26**

The Executive Engineer (Agril.), Puri Division, Puri who has been authorized as the procuring officer for the projects of Puri Division, Puri is directed to invite percentage rate bid on behalf of the Governor of Odisha for the Civil Construction works in Puri District under Puri Division. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from 11.11.2025 at 11.00 AM to 21.11.2025 up to 5.00 PM. Offline submission of bid documents in the O/o Executive Engineer (Agril.), Puri Division, Puri will be from 11.11.2025 at 11.00 AM to 24.11.2025 upto 5.00 PM (expect official holidays).The bid will be opened on 25.11.2025 at 11.00AM in the O/o Executive Engineer (Agril.), Puri Division, Puri. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Yours faithfully
Sd/- Executive Engineer (Agril.)
Puri Division, Puri

Email Id : eeag-puri@od.gov.in

**GOVT. OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail : eerw_anandapur@yahoo.co.in

O-1402

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online-11/RW/AND/2025-26**
**Maintenance of Buildings under Administrative Expenditure**
**No. 6950 // Date : 07.11.2025**

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades / class registered with central Govt. / MES/Railways for execution of only Civil works. The bidders should have necessary Portal Enrolment (with his own Digital Signature Certificate). The registered bidders of outside Odisha can also perticipate in this process after necessary Portal Enrolment but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender O/o the S.E.,R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer R.W. Division Anandapur | NCB-On line 11/ EE/RW/AND/ 2025-26 | 13.11.2025 at 10.00 A.M. | 20.11.2025 up to 5.00 P.M. | 19.11.2025 up to 5.00 P.M. | 21.11.2025 at 11.30 A.M. |

Sd/- Executive Engineer
R.W. Division, Anandapur

A-882

ଜଳ ସମ୍ପଦ ବିଭାଗ
ଉପ-ନିର୍ଦ୍ଦେଶକ ଭୂତତ୍ତ୍ୱଙ୍କ କାର୍ଯ୍ୟାଳୟ
ଭୂତଳ ଜଳ ଉନ୍ନୟନ ଖଣ୍ଡ, ବାରିପଦା
ଗ୍ରାମ/ପୋ- ତକତପୁର, ବାରିପଦା, ମୟୂରଭଞ୍ଜ, ଓଡ଼ିଶା-୭୫୭୦୦୩

DEPARTMENT OF WATER RESOURCES
OFFICE OF THE DEPUTY DIRECTOR, GEOLOGY
GWD DIVISION BARIPADA
AT/PO-TAKATPUR, BARIPADA, MAYURBHANJ-757003

[Email-srgeologistbaripada@gmail.com]

**INVITATION OF BID**
**E-Procurement Notice NO. 1252/GWD Dated : 10.11.2025**
**Bid Identification No. 16/GWDBPD/CHHATA/2025-26 and 10/GWDBPD/ARUA/2025-26**
**(Single-Envelope Bidding Process)**

Deputy Director, Geology, GWD Division, Baripada, At/Po-Takatpur, Baripada, Dist.- Mayurbhanj-757003 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before 24/11/2025 at 17.00 Hrs. IST (system server time] Proposals will be opened online on 25/11/2025; at 11:00 Hrs. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in"

| Sl.No. | Description | Details | |
|---|---|---|---|
| | | BIN | Name of the works |
| 1 | Name of Work | 16/GWDBPD/CHHATA/2025-26 | Construction of 02 (Two) Nos. of RRHS in Baripada Urban of Mayurbhanj District Under CHHATA Scheme for the FY 2025-26 |
| | | 10/GWDBPD/ARUA/2025-26 | Construction of 06(Six) Nos. Recharge Shaft in Tank/Ponds of Remuna Block of Balasore District Under ARUA Scheme for the FY 2025-26 |
| 2 | Total Number of Packages | | 02 Nos. of Individual Packages. |
| 3 | Start date of Availability of Bid Document online (Bid Download) | | 12/11/2025 From 11:00 Hrs. |
| 4 | Last date of Availability of Bid Document online (Bid download) | | 24/11/2025-26 up to 17:00 Hrs. |
| 5 | Last date and time for receipt of Bid Document (Bid Submission End Date and Time) | | 24/11/2025 up to 17:00 Hrs. |
| 6 | Date and Time of Opening of Bid Document (Bid Opening Date) | | 25/11/2025 at 11:00 Hrs. |

Sd/- Deputy Director Geology
GWD Division, Baripada


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ନୂଆପଡା ଉପ ନିର୍ବାଚନରେ ୮୩.୪୫% ମତଦାନ

# ବର୍ଦ୍ଧିତ ଭୋଟ୍ ହାର କାହା ସପକ୍ଷରେ !

ନୂଆପଡ଼ା, ୧୨।୧୧ (ସବ୍ୟୁ): ନୂଆପଡା ଉପନିର୍ବାଚନ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମେଳନୀ ପ୍ରକୋଷ୍ଠରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ ରେକର୍ଡ ସଂଖ୍ୟକ ଭୋଟର ମାନେ ନିଜ ମତ ସାବ୍ୟସ୍ତ କରିଥିଲେ । ନୂଆପଡ଼ା ଉପନିର୍ବାଚନରେ ୮୩.୪୫% ପ୍ରତିଶତ ମତଦାନ ହୋଇଛି ବୋଲି ସୂଚନା ଦେଇଥିଲେ । ଜିଲ୍ଲା ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୫୪ ହଜାର ୪୯୭ ରହିଥିବା ବେଳେ ସେ ମଧ୍ୟ ରୁ ନିର୍ବାଚନରେ ୨ ଲକ୍ଷ ୧୨ ହଜାର ୪୮୫ ଜଣ ଭୋଟର ମତ ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରୁ ଜିଲ୍ଲା ରେ ପୁରୁଷ ଭୋଟର ୧ଲକ୍ଷ ୩ହଜାର ୮୧୭ ଭୋଟ ଦେଇଥିବା ବେଳେ ୧ ଲକ୍ଷ ୮ ହଜାର ୫୬୧୩ ଜଣ ମହିଳା ମାନେ ଭୋଟ ଦେଇଛନ୍ତି । ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ୩୫୮ ଗୋଟି ବୁଥ ରେ ମତଦାନ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି । ନୂଆପଡ଼ା ଜିଲ୍ଲା ଏସପିଙ୍କ ଦ୍ୱାରା ନୂଆପଡ଼ା ବିଧାନସଭା କ୍ଷେତ୍ର ରେ ପୋଲିସ୍ ବାହିନୀ ସମସ୍ତ ବୁଥ ଓ ସମ୍ବେଦନଶୀଳ ବୁଥ ରେ ନିୟୋଜିତ କରି ବ୍ୟାପକ ରୂପେ ମୁତୟନ କରି ଥିବା ଯୋଗୁଁ ଶାନ୍ତି ଶୃଙ୍ଖଳା ସହ ମତଦାନ ସମ୍ପନ୍ନ ହୋଇଥିବା କହିଥିଲେ । ରେକର୍ଡ଼ ପରିମାଣରେ ଭୋଟିଂ ହୋଇଥିବା ଏହି ବର୍ଦ୍ଧି ପ୍ରତିଶତ କାହା ସପକ୍ଷରେ ଯାଇଛି ତାକୁ ନେଇ ଆକାଳନ ଜୋରସୋରରେ ଚାଲିଛି । ରାଜନୈତିକ ସମୀକ୍ଷକଙ୍କ ଠାରୁ ଆରମ୍ଭ କରି ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେପି ଓ ବିଜେଡ଼ି ର ବରିଠେ କର୍ମକର୍ତ୍ତା ମାନେ କାଗଜ କଲମ ଧରି ହିସାବ ଚଳାିଛନ୍ତି । କେଉଁ ବୁଥରୁ କେତେ ଭୋଟି ଆସିବ , କେଉଁ ବୁଥରେ କେଉଁ ଦଳ କେତେ ଭୋଟରେ ଆଗୁଆ ରହିବ ତାକୁ ନେଇ ଚାଲିଛି ହିସାବ କିତାବ । ତିନି ପ୍ରମୁଖ ଦଳ ନିଜ ଦଳ ଜିତିବାର ବାହେସ୍ଵାଟ ମାରୁଥିବା ବେଳେ ବାସ୍ତବତା କାଉ କିଛି ଘଣ୍ଟା ପରେ ଜଣାପଡ଼ିବ ।

୨୦୨୪ ସାଧାରଣ ନିର୍ବାଚନ ତୁଳନାରେ ଭୋଟ୍ ହାର ଯଥେଷ୍ଟ ବଢ଼ିଛି ବଢ଼ିଛି । ମଙ୍ଗଳବାର ମତଦାନ ଆରମ୍ଭ ପୂର୍ବରୁ ସକାଳ ୭ ଟ । ରୁ

### ଜିତିବାକୁ ଆଶାବାଦୀ ୩ ପ୍ରମୁଖ ଦଳ

କରାଯାଇଥିବା ମକ୍ ପୋଲ୍ ସମୟରେ ଯାନ୍ତ୍ରିକ ତ୍ରୁଟି ଜଣାପଡ଼ିଥିଲା । ଫଳରେ ତିନିଟି ବାଲଟ୍ୟୁନିଟ୍, ତିନିଟି କଣ୍ଟ୍ରୋଲୟୁନିଟରୁ ତୁରନ୍ତ ବଦଳା ଯାଇଥିଲା । ସେହିପରି ଖରିଆର ରୋଡ୍ ଏନ୍ଏସି ମଙ୍ଗରାପାଲି ବୁଥ୍ ନମ୍ବର ୭୬ରେ ରିପୋର୍ଟ ହୋଇଥିବା ଇଭିଏମ୍ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା । ନୂଆପଡ଼ା ଓ କୋମନା ବ୍ଲକର କିଛି ମତଦାନ କେନ୍ଦ୍ରରେ ରାତି ୭ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା । ସେହିପରି ସୁନାବେଡ଼ା ଅଭୟାରଣ୍ୟ ସଂଲଗ୍ନ ମାଓପ୍ରବଣ ୮ଟି ବୁଥରେ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା । ପୋଲିଂ ଅଧିକାରୀମାନେ ଇଭିଏମ୍ ଧରି ସୁରକ୍ଷିତ ଭାବେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଫେରିଥିଲେ ।

ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ପୋଲିଂ ଦଳମାନେ ଇଭିଏମ ଗୁଡ଼ିକୁ ନୂଆପଡ଼ା ନ୍ୟାସନାଲ୍ କଲେଜରେ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ଦାଖଲ କରିଥିଲେ । ଉପନିର୍ବାଚନବେଳେ କୌଣସି ସ୍ଥାନରେ ହିଂସା ବା ଗଣ୍ଡଗୋଳ ହୋଇନଥିବା ଜଣାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ କହିଥିଲେ, ନୂଆପଡ଼ା ଉପନିର୍ବାଚନ ପାଇଁ ମୋଟ ୩୫୮ଟି ମତଦାନ କେନ୍ଦ୍ର କରାଯାଇଥିଲା । ସେଥିମଧ୍ୟରୁ ୪୭ଟି ବୁଥ୍ ସମ୍ବେଦନଶୀଳ ଓ ୮ ଟି ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଥିଲା । ନୂଆପଡ଼ାବାସୀ ନିଜ ନେତା ବାଛିବା ପାଇଁ ମତଦାନ କରି ସାରିଛନ୍ତି । ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହ ୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍ରେ ବନ୍ଦ ରହିଛି । ୧୪ ତାରିଖରେ ନୂଆପଡ଼ା ନ୍ୟାସନାଲ୍ କଲେଜରେ ଭୋଟ ଗଣତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

ନୂଆପଡ଼ା, ନୂଆପଡ଼ା ଏନଏସି, ଖରିଆରରୋଡ୍ ଏବଂ କୋମନା ବ୍ଲକକୁ ନେଇ ଗଠିତ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟା ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା । ସମୟ ସରିଗଲା ପରେ ବୁଥ ପରିସର ଭିତରେ ଥିବା ମତଦାତାମାନେ ଭୋଟ୍ ଦେଇଥିଲେ । ମତଦାନ ଅବଧି ଶେଷ ହେବା ପୂର୍ବରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ୬୫.୨୦ ପ୍ରତିଶତ ମତଦାତା ସେମାନଙ୍କର ଭୋଟ୍ ଦେଇଥିଲେ । ସମୟ ଯେତିକି ସରିସରି ଯାଉଥିଲା, ମତଦାନ ପ୍ରତିଶତ ବଢ଼ି ବଢ଼ି ଚାଲିଥିଲା ।

# ବଡ଼ବିଲ୍‌ରେ ଏଏମ୍ /ଏନ୍ଏସ୍ ଇଣ୍ଡିଆ ଦ୍ୱାରା ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍ ) ପ୍ରକଳ୍ପ 'ପଢ଼େଗା ଭାରତ'ର ଏକ ଅଂଶ ଭାବରେ ସ୍ଥାନୀୟ ପ୍ରଶାସନ ସହଯୋଗରେ ବଡ଼ବିଲର ଡାଲକି ମୁଣ୍ଡା ସାହିରେ ଏକ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଉଦଘାଟନ କରିଛି । ଏହି ନବୀକୃତ କେନ୍ଦ୍ରଟି ପିଲାମାନଙ୍କର ଶାରୀରିକ, ଭାବପ୍ରବଣ ଏବଂ ଜ୍ଞାନାତ୍ମକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସୁରକ୍ଷିତ, ଜୀବନ୍ତ ଏବଂ ଶିଶୁ ଅନୁକୂଳ ପରିବେଶ ପ୍ରଦାନ କରୁଛି। ଏହି ନବୀକରଣରେ ସୁରକ୍ଷା ବୃଦ୍ଧି ପାଇଁ ପାଚେରି ନିର୍ମାଣ ଓ ସ୍ୱଚ୍ଛତା ମାନରେ ଉନ୍ନତି ଆଣିବା ପାଇଁ ରୋଷେଇ ଘର ଏବଂ ଶୌଚାଳୟ ସୁବିଧାର ନବୀକରଣ ଅନ୍ତର୍ଭୁକ୍ତ। ଉନ୍ନତ ପରିଚାଳନା ଏବଂ ସଂଗଠନ ପାଇଁ ନୂତନ ଷ୍ଟୋରରୁମ୍ ନିର୍ମାଣ କରାଯାଇଥିବାବେଳେ ଆଭ୍ୟନ୍ତରୀଣ ସ୍ଥାନଗୁଡିକରେ ସୃଜନଶୀଳ କଳାକୃତି ଏହାକୁ ଅଧିକ ଆକର୍ଷଣୀୟ ଏବଂ ଶିକ୍ଷା ହାସଲ ପାଇଁ ଅନୁକୂଳ କରିଛି । ନିର୍ଭରଯୋଗ୍ୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୧୦୦୦ ଲିଟର କ୍ଷମତା ବିଶିଷ୍ଟ ପାଣି




ଟାଙ୍କି ସ୍ଥାପନ କରାଯାଇଛି । ଏହି କେନ୍ଦ୍ରରେ ଟେବୁଲ ଏବଂ ଚେୟାର ଭଳି ଆରାମଦାୟକ ଆସବାବପତ୍ର ଓ ପିଲାମାନଙ୍କ ମଧ୍ୟରେ ଖେଳ ଏବଂ ମନୋରଞ୍ଜନକୁ ପ୍ରୋତ୍ସାହିତ କରିବା ପାଇଁ ଦୋଳି ଉପଲବ୍ଧ ଅଛି। ବଡ଼ବିଲ ପୌରପାଳିକାର ଅଧ୍ୟକ୍ଷ ଲକ୍ଷ୍ମଣ ମହନ୍ତ ଏହି ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରର ଉଦଘାଟନ କରିଥିଲେ। ଏହି ଅବସରରେ ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଯୋଡା ସିଡିପିଓ ସୁକାନ୍ତି ପାତ୍ର, ୱାର୍ଡ-୨ କାଉନସିଲର ବବି ରାଣୀ ମହନ୍ତ, ଏଏମ/ଏନଏସ ଇଣ୍ଡିଆର ବରିଷ୍ଠ ନେତୃତ୍ୱ, ମାଇନିଂ ଅପେରସନ୍ସର ବରିଷ୍ଠ ମହାପ୍ରବନ୍ଧକ ଅମିତ ଦୁବେ, ଖଣି ସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା, ଠାକୁରାଣୀ ଖଣି ପରିଚାଳକ ଇନ୍ଦ୍ରକାନ୍ତ ସାହା, କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ସ୍ଥାନୀୟ ଗୋଷ୍ଠୀ ସଦସ୍ୟ ଏବଂ ଆଶା କର୍ମୀ ଉପସ୍ଥିତି ଥିଲେ। ବଡ଼ବିଲ ପୌରପାଳିକା ଅଧ୍ୟକ୍ଷ ଲକ୍ଷ୍ମଣ ମହନ୍ତ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ଯୋଜନା ସହିତ ସମନ୍ୱୟ ରକ୍ଷା କରି ମୌଳିକ ଶିକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କମ୍ପାନୀର ପ୍ରୟାସକୁ ପ୍ରଶଂସା କରିଛନ୍ତି । ଏହିପରି ପଦକ୍ଷେପ ମାଧ୍ୟମରେ, ଏଏମ୍ / ଏନଏସ୍ ଇଣ୍ଡିଆ ମଜବୁତ, ସୁସ୍ଥ ଏବଂ ଅଧିକ ଅନ୍ତର୍ଭୂକ୍ତକାରୀ ଗୋଷ୍ଠୀ ଗଠନ କରିବାର ଦୃଷ୍ଟିକୋଣକୁ ପୁନଃସ୍ଥାପନ କରିଛି, ଯାହା ପ୍ରତ୍ୟେକ ଶିଶୁ ଜୀବନରେ ଏକ ପୋଷଣପୂର୍ଣ୍ଣ ପ୍ରାରମ୍ଭକୁ ସୁନିଶ୍ଚିତ କରୁଛି ।

## ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ବେତନଟୀ,(ସବ୍ୟୁ): ସାମାନ୍ୟ ପାଠପଢାକୁ କେନ୍ଦ୍ରକରି ମା' ଗାଳିଦେବାରୁ ଜଣେ ଯୁକ୍ତ୩ ଶେଷବର୍ଷର ଛାତ୍ରୀ ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ଉଦ୍ଧାରକରି ଘରଲୋକେ ଡାକ୍ତରଖାନାରେ ଭର୍ତ୍ତି କଲେ ପରିବାର ଲୋକେ । ସୂଚନା ମୁତାବକ ବେତନଟୀ ଥାନା ମୁକ୍ତାପୁର ପଞ୍ଚାୟତ ଅଧୀନ ମଣତାପାଳ ଗ୍ରାମର ସନାତନ ମୁର୍ମୁଙ୍କ ଝିଅ ଲକ୍ଷ୍ମୀମଣି ମୁର୍ମୁ (୨୨) ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଡିଗ୍ରୀକଲେଜର ଯୁକ୍ତତିନି ଶେଷବର୍ଷର ଛାତ୍ରୀ ହୋଇଥିବା ବେଳେ ବୁଧବାର ଅପରାହ୍ନରେ ପାଠପଢାକୁ କେନ୍ଦ୍ରକରି ମା' ବାହି ମୁର୍ମୁ ଆକଟ କରିବା ସହିତ ଗାଳି କରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ଲକ୍ଷ୍ମୀମଣି ଘରଭିତରକୁ ଯାଇ ଓଢୋଣୀ ସାହାଯ୍ୟରେ ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଘରଲୋକେ ଲକ୍ଷ୍ମୀମଣିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସଙ୍ଗେସଙ୍ଗେ ଉଦ୍ଧାରକରି ବେତନଟୀ ଡାକ୍ତରଖାନା ଆଣିଥିଲେ । ଲକ୍ଷ୍ମୀମଣିଙ୍କ ଚେତା ନଥିବା ବେଳେ ଗୁରୁତର ଅବସ୍ଥାରେ ଘରଲୋକେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ଅବସ୍ଥା ଶଙ୍କଟାପନ୍ନ ଥିବାରୁ ପ୍ରାଥମିକଚିକିତ୍ସାପରେ କାର୍ଯ୍ୟରତ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ନାବାଳିକା ଉଦ୍ଧାର, ଦଲାଲ ଅଟକ

ଭୁବନେଶ୍ୱର, (ସବ୍ୟୁ) : ୪ ନଂ ଅଞ୍ଚଳର ଏକ ହୋଟେଲରେ କମିଶନର ପୋଲିସ ଚଢାଉ କରି ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦଲାଲକୁ ଅଟକ ରଖିଛି । ଢେଙ୍କାନାଳ ଅଞ୍ଚଳର ଜଣେ ନାବାଳିକାକୁ ଦଲାଲ୍ ଗାଡି ସୋରୁମ୍‌ରେ ରିସେପସନିଷ୍ଟ ଭାବେ କାମ କରିବାକୁ କହି ୪ ନଂ ହୋଟେଲରେ ରଖିଥିଲା । ସେ ଅନ୍ୟଜଣେ ଦଲାଲ୍ କିମ୍ବା ଗ୍ରାହକ ସହ ଫୋନରେ ନାବାଳିକାକୁ ଯୌନ କାରବାର ପାଇଁ ଚାଲାଣ କରିବାକୁ କଥା ହେଉଥିବା ବେଳେ ପୀଡିତା ନାବାଳିକା ଜାଣିପାରିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଖାରବେଳନଗର ଥାନାକୁ ଫୋନ କରି ଜଣାଇବା ପରେ ପୋଲସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦଲାଲକୁ ଅଟକ ରଖିବା ପରେ ତା ସୂଚନା ଆଧାରରେ ସହରର କେତକ ସ୍ଥାନରେ ଚଢାଉ କରାଯାଉଛି ।ବରମୁଣ୍ଡାରେ ନାବାଳିକା କାମ କରୁଥିବା ବେଳେ ଦଲାଲ ସହ ପରିଚିତ ହୋଇଥିଲା ।

# ଦୁର୍ଘଟଣାରେ ଦୁଇ ଜଣ ଆହତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କଟକ-ଚାନ୍ଦବାଲି ରାସ୍ତାର ସୁକରପଡା କଳାପୋଲ ନିକଟରେ ନିଶ୍ଚିନ୍ତକୋଇଲି ଗ୍ରାମର ଦୁଇଜଣ ବ୍ୟକ୍ତି ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି ।ଆହତ ଦ୍ୱୟଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ନିଶ୍ଚିନ୍ତକୋଇଲି ଗ୍ରାମର ପ୍ରସନ୍ନ କୁମାର ପରିଡା ଓ ରାମଚନ୍ଦ୍ର ବାରିକ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଏକ ବାଇକ୍ ଯୋଗେ ପାରାଦ୍ୱୀପରୁ ନିଜ ଘରକୁ ଫେରୁଥିଲା ବେଳେ ଭାରସାମ୍ୟ ହରାଇ ବାଇକଟି କଳାପୋଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଖବର ପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଂଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ୧୦୮ ଯୋଗେ ନିଶ୍ଚନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଅବସ୍ଥା ଉଦବେଗଜନକ ହେବାରୁ ଆହତ ଦ୍ୱୟଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

# କ୍ୟାପିଟାଲ କୋ-ଅପରେଟିଭ ହାଉସିଂ ଲିଃର ସାଧାରଣ ପରିଷଦ ସଭା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ସର୍ବପ୍ରଥମ ଗୃହ ନିର୍ମାଣ ସମବାୟ ସମିତି ସ୍ଥାନୀୟ କ୍ୟାପିଟାଲ କୋ-ଅପରେଟିଭ୍ ହାଉସିଂ ଲିଃ ବା ରାଜଧାନୀ ଗୃହନିର୍ମାଣ ସମବାୟ ସମିତି ଲିଃର ୨୦୨୫-୨୬ ସାଧାରଣ ପରିଷଦ ବୈଠକ ବାପୁଜୀନଗରସ୍ଥିତ ଭେନସ୍-ଇନ୍ କନ୍‌ଭେନସନ ହଲରେ ଶତାଧିକ ସଭ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ସମିତିର ଉପସଭାପତି ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ୨୦୧୭ ମସିହାରେ ଶେଷଥର ଅନୁଷ୍ଠିତ ସାଧାରଣ ସଭାର ବିବରଣୀ ପାଠ କରାଯାଇ କିଛି ଅଂଶ ଅନୁମୋଦିତ ହୋଇଥିବା ସ୍ଥଳେ ବାକି ଅଂଶ ଗୃହିତ ହୋଇନଥିଲା । ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଡ଼ିଟ୍ ରିପୋର୍ଟ ତଥା ୨୦୨୫-୨୬ର ବଜେଟ୍ ଓ ଏହାର




କାର୍ଯ୍ୟସୂଚୀ ଅନୁମୋଦନ ଲାଭ କରି ପାରିତ ହୋଇଛି । ବିଶେଷ କରି ସମିତିର ବାଇଲରେ ଥିବା ବ୍ୟବସାୟୀକ କାର୍ଯ୍ୟପ୍ରଣାଳୀକୁ ବୃଦ୍ଧି କରାଯିବା ସହ ଆମେଣ୍ଡମେଣ୍ଟ ମାଧ୍ୟମରେ ଅନ୍ୟ କିଛି ବାଇଲ ସଂଶୋଧନ ସର୍ବସମ୍ମତୀକ୍ରମେ ପାରିତ କରାଯାଇଥିଲା । ସମିତିର ପରିଚାଳନା ପରିଷଦର ନିର୍ଦ୍ଦେଶକ ଜୟନ୍ତ ପଟ୍ଟନାୟକ, ଦିଲ୍ଲୀପ ଜେନା, ଦୀପକ ପରିଡ଼ା, ଶାଶ୍ୱତୀ ଦାଶ ଲେଙ୍କା, ସଂଯୁକ୍ତା ପ୍ରଧାନ, ସେକ୍ ନିଆମତ୍ ତୁଲ୍ଲା ଓ ମନୋଜ ସେଠୀଙ୍କ ଉପସ୍ଥିତ ଥିଲେ । ଶେଷରେ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ ।

# କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି

କଟକ, (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏହାଦ୍ୱାରା ବାଲିଯାତ୍ରା ଆଜି ୧୨ ତାରିଖ ପରିବର୍ତ୍ତେ ଆସନ୍ତା କାଲି ୧୩ ତାରିଖ ଦିନ ଉଦ୍ୟାପିତ ହେବ । ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ମେଳାରେ ବ୍ୟବସାୟୀ ମାନଙ୍କ କାରବାରକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧି ବୃଦ୍ଧି କରିଛନ୍ତି ।

# ବ୍ୟାଙ୍କ ଜମା ରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର


ଭୁବନେଶ୍ୱର : ଚଳିତ ମାସ ୧୪ ତାରିଖ ଶୁକ୍ରବାର ଦିନ କଟକ ସ୍ଥିତ ଶାରଳା ଭବନ ଠାରେ "ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହେବ । ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ । ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲିୟୁକୋ ବ୍ୟାଙ୍କର କଟକ ଆଞ୍ଚଳିକ ପ୍ରବନ୍ଧକ ଶ୍ରୀମତି ବର୍ଷା ଓ ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ସତ୍ୟରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।



ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ମହିମା ଜ୍ଞାନ ମନ୍ଦିରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବଢାଇବା ପାଇଁ ଭୁବନେଶ୍ୱର ଟ୍ରାଫିକ ଟ୍ରେନିଂ ପାର୍କରେ "କିଡ୍ସ କାର୍ଣ୍ଣିଭାଲ' ଆୟୋଜନ ।।

# ନୃତ୍ୟଧାରା ଫାଉଣ୍ଡେସନ୍ ପକ୍ଷରୁ ଅଭିନନ୍ଦନ ସମାରୋହର ପଞ୍ଚମ ସଂସ୍କରଣ ଅନୁଷ୍ଠିତ

ନୂଆଦିଲ୍ଲୀ, (ସବ୍ୟୁ) : ନୂଆଦିଲ୍ଲୀ ସ୍ଥିତ ନୃତ୍ୟଧାରା ଫାଉଣ୍ଡେସନ୍‌ର ପକ୍ଷରୁ ଅଭିନନ୍ଦନ ସମାରୋହର ପଞ୍ଚମ ସଂସ୍କରଣ ୧୧ ତାରିଖରେ ନୂଆଦିଲ୍ଲୀ ସ୍ଥିତ ହାବିଟାଟ୍ ସେଣ୍ଟରର ଷ୍ଟେନ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ଶ୍ରୀମତୀ ଭାଣି ମାଧଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ଶୁଭାରମ୍ଭ କରାଯାଇଥିଲା । ଏଥିରେ ଅତିଥିଭାବେ ପଙ୍କଜ ମୋଦୀ, ପଦ୍ମଶ୍ରୀ ଗୀତା ମାହାଲୀ, କେଜି ସୁରେଶ ଓ ରବିନ୍ଦ୍ରନାଥ ପ୍ରଧାନ ଯୋଗ ଦେଇଥିଲେ । ଡ. ଥେବାଦେବୀ ଆଣ୍ଡ ଗ୍ରୁପ ଦ୍ୱାରା ମଣିପୁରୀ ନୃତ୍ୟ ଓ ଡ. ମନୋଜ କୁମାର ବେହେରାଙ୍କ ଶିଷ୍ୟମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ୱାସିମା ରାଜା ଓ ମୌତୁସୀ ମଜୁମଦାରଙ୍କ ଦ୍ୱାରା କୁଚୁପୁଡୀ ଡ୍ୟାନ୍ସ ଡୁଏଟ୍‌ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ମୋମାଲା ନାୟକ ଓ ତାଙ୍କ ଗ୍ରୁପ୍ ଦ୍ୱାରା କଥକ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ସାଧନା ଶ୍ରୀବାସ୍ତଭା କାର୍ଯକ୍ରମକୁ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ । କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହଯୋଗରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।



# ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ବିବାହ ଋତୁରେ ନୂତନ ସିଜନ୍ ସଂଗ୍ରହକୁ ଉନ୍ମୋଚନ କରିଛି

ଭୁବନେଶ୍ୱର : ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡସ୍ ଏହାର ନୂତନ ସିଜନ୍ କଲେକ୍ସନ୍ ଉନ୍ମୋଚନ କରିଛି । ଦମ୍ପତିଙ୍କ ମଧ୍ୟରେ ଅଂଶୀଦାର ହୋଇଥିବା ଅକୁହା ଭାଷା ପାଇଁ ଏକ ଶ୍ରଦ୍ଧାଞ୍ଜଳି । ଏହି ବିଶ୍ୱାସରେ ମୂଳଦୁଆ ଯେ ପ୍ରତ୍ୟେକ ପ୍ରେମ କାହାଣୀର ନିଜସ୍ୱ ଉପଭାଷା ଅଛି, ଯାହାକୁ ବିଶ୍ୱ ବୁଝିପାରେ ନାହିଁ, ଏହି ସଂଗ୍ରହ ସେହି ଶାନ୍ତ ସଂଯୋଗକୁ ଏପରି କିଛି ଜିନିଷରେ ପରିଣତ କରେ ଯାହାକୁ ଆପଣ ପିନ୍ଧିପାରିବେ। ଏଗୁଡ଼ିକ କେବଳ ରିଙ୍ଗ ନୁହେଁ । ଏହି ସଂଗ୍ରହର ପ୍ରତ୍ୟେକ ଡିଜାଇନ୍ ଏକ ଶାନ୍ତ ଅନ୍ତରଙ୍ଗତାକୁ ପ୍ରତିଫଳିତ କରେ । ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ ଏହି ବ୍ୟାଣ୍ଡଗୁଡିକ ଏକ ସଂଯୋଗ ପାଇଁ ଛିଡା ହୋଇଛି ଯାହା ଅତୁଟ ଏବଂ ସତ୍ୟ, ଧାତୁର ଶକ୍ତି ଏବଂ ସ୍ଥିରତାକୁ ପ୍ରତିଫଳିତ କରେ । ଦୁଇଟି ପଥ ଏକ ହେବାର ପ୍ରତୀକ ଥିବା ସଂଯୁକ୍ତ ମୋଟିଫ୍ ଠାରୁ ଆରମ୍ଭ କରି ପ୍ରତ୍ୟେକ ସମ୍ପର୍କ ମଧ୍ୟରେ ବିପରୀତ ଏବଂ ସମନ୍ୱୟକୁ କାବୁ କରୁଥିବା ଦ୍ୱୈତ-ସ୍ୱର ବିବରଣୀ ପର୍ଯ୍ୟନ୍ତ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ କଳାତ୍ମକ ଏବଂ ଭାବପ୍ରବଣତାକୁ ସମାନ ପରିମାଣରେ ଏକତ୍ର କରିଥାଏ । ଚିକଣ ରେଖା, ନରମ ବକ୍ର ଏବଂ ହୀରା ଉଚ୍ଚାରଣ ଖଣ୍ଡ ସୃଷ୍ଟି କରେ ଯାହା ଉଭୟ ସମସାମୟିକ ଏବଂ କାଳଜୟୀ ଅନୁଭବ କରେ, ଆଧୁନିକ ପ୍ରେମର ବିକାଶଶୀଳ ଅଭିବ୍ୟକ୍ତିକୁ ପ୍ରତିଧ୍ୱନିତ କରେ ।

# ବେଦାନ୍ତ ଆଲୁମିନିୟମ୍ ଉନ୍ନତ ମେସିନ୍ ଲର୍ଣ୍ଣିଂ-ଆଧାରିତ

## ପ୍ରଯୁକ୍ତିବିଦ୍ୟା ସହିତ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ତ୍ୱରାନ୍ୱିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଓଡ଼ିଶାର ଝାରସୁଗୁଡ଼ାରେ ଥିବା ଏହାର ମେଗା ଆଲୁମିନିୟମ୍ ପ୍ଲାଂଟରେ ଅଭିନବ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବା ପାଇଁ କୃତ୍ରିମ ବୁଦ୍ଧିମତା ଏବଂ ମେସିନ୍ ଲର୍ଣ୍ଣିଂରେ ଦ୍ରୁତ ଅଗ୍ରଗତିକୁ ବ୍ୟବହାର କରୁଛି । ବିଶ୍ୱର ସର୍ବବୃହତ ଆଲୁମିନିୟମ୍ ସ୍ମେଲଟରରେ, ଏହି ଇଣ୍ଡଷ୍ଟ୍ରି ୪.୦ ପ୍ରଯୁକ୍ତିବିଦ୍ୟା ଗୁଡ଼ିକ ସୁରକ୍ଷିତ, ସ୍ଥାୟୀ ଏବଂ ଅଧିକ ଦକ୍ଷ କାର୍ଯ୍ୟକ୍ଷମତାରେ ନୂତନ ମାନଦଣ୍ଡକୁ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପୂର୍ବାନୁମାନିକ ରକ୍ଷଣାବେକ୍ଷଣ ଏବଂ ପ୍ଲାଂଟ ନିର୍ଭରଯୋଗ୍ୟତା ସମାଧାନର ଏକ ଅଗ୍ରଣୀ ପ୍ରଦାନକାରୀ ଇନଫିନିଟ୍ ଅପଟାଇମ୍ ସହିତ ସହଯୋଗରେ, ବେଦାନ୍ତ ଆଲୁମିନିୟମ୍ ଡାଇନାମିକ୍ ଏଆଇ ଇନସାଇଟ୍ ମାଧ୍ୟମରେ ପ୍ଲାଂଟ ପ୍ରକ୍ରିୟାଗୁଡ଼ିକୁ ବିପ୍ଳବ ଆଣିବା ପାଇଁ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ପଦକ୍ଷେପ ଆରମ୍ଭ କରିଛି ଯାହା ଅପ୍ଟିମାଇଜ୍ଡ ରକ୍ଷଣାବେକ୍ଷଣ ସମାଧାନ, ଶକ୍ତି ଦକ୍ଷତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରଦାନ କରେ । ଏହି ସହଯୋଗର ଅଂଶ ସ୍ୱରୂପ, ୧୬ଟି କାର୍ଯ୍ୟକ୍ଷମ ଜୋନରେ ୨୦୦୦ ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଉପକରଣ ପଏଂଟଗୁଡ଼ିକୁ ନିରୀକ୍ଷଣ କରିବା ପାଇଁ ଆଇଓଟି- ଆଧାରିତ



ସେନ୍ସରଗୁଡ଼ିକୁ ଏଆଇ-ଚାଳିତ ଆନାଲିଟିକ୍ସ ସହିତ ସମନ୍ୱିତ କରାଯାଇଛି । ସହଜରେ ପହଂଚି ପାରୁନଥିବା ଅଂଚଳରେ ପ୍ରାୟ ୬୦୦ ମେସିନ୍ ଏବଂ ଉପକରଣକୁ ଅନ୍ତର୍ଭୁକ୍ତ କରି, ଏହି ପଦକ୍ଷେପ ସମଗ୍ର ପ୍ଲାଂଟରେ ବର୍ଦ୍ଧିତ କାର୍ଯ୍ୟକ୍ଷମ ସୁରକ୍ଷା ସୁନିଶ୍ଚିତ କରିବାରେ ଏବଂ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରୁଛି । ଆଇଓଟି ସେନ୍ସରଗୁଡ଼ିକ ବାସ୍ତବ ସମୟରେ ତ୍ରି-ଅକ୍ଷୀୟ କମ୍ପନ, ତାପମାତ୍ରା, ମୋଟ ତ୍ୱରଣ ଏବଂ ଅନ୍ୟାନ୍ୟ ପ୍ରମୁଖ ସୂଚକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପାରାମିଟରଗୁଡ଼ିକୁ କ୍ୟାପଚର କରେ, ଯାହା ସମ୍ଭାବ୍ୟ ତ୍ରୁଟିର ପ୍ରାରମ୍ଭିକ ଚିହ୍ନଟକୁ ସକ୍ଷମ କରିଥାଏ । ମିସଆଲାଇନମେଂଟ, ବିୟରିଂ ପିନ୍ଧିବା, ଗିଅର ସମସ୍ୟା ଏବଂ ବୈଦ୍ୟୁତିକ ଅନିୟମିତତା ଭଳି ସାଧାରଣ ଅସଙ୍ଗତିଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ଚିହ୍ନଟ କରାଯାଏ, ରକ୍ଷଣାବେକ୍ଷଣ ଦଳଗୁଡ଼ିକ ତୁରନ୍ତ ସତର୍କତା ଏବଂ କାର୍ଯ୍ୟକ୍ଷମ ସୁପାରିଶଗୁଡ଼ିକ ପାଆନ୍ତି । ଏହି ପ୍ରକଳ୍ପଟି ବ୍ୟବସ୍ଥିତ କାର୍ଯ୍ୟାନ୍ୱୟନ ଏବଂ ନିରନ୍ତର ଉନ୍ନତି ସୁନିଶ୍ଚିତ କରିବା ପାଇଁ ଏକ ସଂରଚିତ ଯୋଜନା-କରନ୍ତୁ-ଚେକ୍-ଆକ୍ଟ (ପିଡିସିଏ) ପଦ୍ଧତି ଅନୁସରଣ କରିଛି । ନିୟୋଜନ ପରଠାରୁ, ଏହା ସଫଳତାର ସହିତ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ତ୍ରୁଟି ଏବଂ ଅଣଯୋଜନାବଦ୍ଧ ଡାଉନଟାଇମକୁ ପୂର୍ବରୁ ପୂରଣ କରିଛି । ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ଇନଫିନିଟ୍ ଅପଟାଇମ୍ ସହିତ ଆମର ସହଯୋଗ ପ୍ରଦର୍ଶନ କରେ ଯେ ଡିଜିଟାଲ୍ ଏବଂ ଏଆଇ-ଆଧାରିତ ପ୍ରଯୁକ୍ତିବିଦ୍ୟା କିପରି ଦ୍ରୁତ ଗତିରେ ଉଦୀୟମାନ ବିଶ୍ୱ ପାଇଁ ଶିଳ୍ପ କାର୍ଯ୍ୟକୁ ପୁନଃପରିଭାଷିତ କରିପାରିବ । ଏହି କାର୍ଯ୍ୟକ୍ରମ ଝାରସୁଗୁଡ଼ା ପ୍ଲାଂଟରେ କାର୍ଯ୍ୟକ୍ଷମ ଉତ୍କର୍ଷତା, ସ୍ଥାୟୀତ୍ୱ ଏବଂ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟିକୁ ଆଗେଇ ନେବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ଉପଯୋଗ କରିବାର କମ୍ପାନୀର ଦୃଷ୍ଟିକୋଣକୁ ଉଦାହରଣ ଦିଏ । ଏହା ବ୍ୟତୀତ, କମ୍ପାନୀ ଝାରସୁଗୁଡାରେ ଥିବା ଏହାର ଥର୍ମାଲ୍ ପାୱାର ପ୍ଲାଂଟରେ ଷ୍ଟାକ୍‌ରେ ଇଣ୍ଡଷ୍ଟ୍ରିଆଲ୍ ଇଂଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଆଇଓଟି) ଆଧାରିତ ଡିଭାଇସ୍‌ଗୁଡ଼ିକୁ ମଧ୍ୟ ସଂହତ କରିଛି ଯାହାଦ୍ୱାରା ନିର୍ଗମନ ନିୟନ୍ତ୍ରଣକୁ ଅପଟିମାଇଜ୍ କରାଯାଇପାରିବ ।

# ଭୁବନେଶ୍ୱର ଡାକ୍ତର ଶ୍ରୀତେଜାସ୍ "ସ୍କିନ୍ ମେଡ" ର ୭ମ ଶାଖାର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ପ୍ରସିଦ୍ଧ ଦକ୍ଷିଣ ଭାରତୀୟ ସ୍କିନ ଏବଂ ହେୟାର କ୍ଲିନିକ "ସ୍କିନ୍ ମେଡ" ଭୁବନେଶ୍ୱରର ପାତ୍ରପଡା ,କଳିଙ୍ଗ ବିହାର ଠାରେ ତା'ର ୭ମ ଶାଖାର ଶୁଭ ଉଦଘାଟନ କରିଛି। ଏହି ଶୁଭ ଉଦଘାଟନ ଉତ୍ସବରେ ସେଲିବ୍ରିଟି ଅତିଥି ଭାବେ ଓଲିଉଡ଼ ସିନେ ତାରକା ଶୀତଲ ପାତ୍ର ଏବଂ ସମ୍ମାନିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ - ମନୋଜ ଲାଲାନି (ବିଏନଆଇ ଭୁବନେଶ୍ୱର), କେଭିଟି ରମେଶ ଏବଂ ମିଧୁନ କୋମାନା (ବିଏନଆଇ ବିଶାଖାପାଟଣା) ଙ୍କ ସମେତ ମୋଡେଲ ଏବଂ ଇଂଫ୍ଲୁଏନ୍ସର ସିପ୍ରା ମହାନ୍ତି, ପ୍ରୟକ୍ତା ସାମନ୍ତ ଏବଂ ପ୍ରଜ୍ଞା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଡାକ୍ତର ଶ୍ରୀତେଜା ଏବଂ ଡାକ୍ତର ଆଦିତ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ, ସ୍କିନ୍ ମେଡ "କଂଫିଡେନ୍ସ ଥ୍ରୋ କେୟାର ମିଶନ ଦ୍ୱାରା ପରିଚାଳିତ । ତାଙ୍କର ଲକ୍ଷ ହେଲା ସମସ୍ତଙ୍କ ପାଇଁ ଆଡ଼ଭାନ୍ସ ସ୍କିନ୍ ଏବଂ ହେୟାର୍ ଟ୍ରିଟମେଣ୍ଟ୍‌ଗୁଡ଼ିକୁ ସହଜ, ଶସ୍ତା ଏବଂ ପ୍ରଭାବଶାଳୀ କରିବା ,କେବଳ ସେଲିବ୍ରିଟିମାନଙ୍କ ପାଇଁ ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଯେଉଁମାନେ ନିଜ ସ୍କିନକୁ ନେଇ ଆତ୍ମବିଶ୍ୱାସ ଅନୁଭବ କରିବାକୁ ଚାହାନ୍ତି। କ୍ଲିନିକରେ ପ୍ରଦାନ କରାଯାଉଥିବା ସେବାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ, ଆକ୍ନି କ୍ଲିଅର୍ ଥେରାପି, ହେୟାର ଗ୍ରୋଥ ଫ୍ୟାକ୍ଟର ଥେରାପି ଏବଂ ପିଆରପି, ଏକ୍ସୋସୋମ୍ସ ଆଣ୍ଡ ପିଡିଆରଏନ ଟ୍ରିଟମେଣ୍ଟସ ଲେଜର ସ୍କିନ୍ ବ୍ରାଇଟନିଂ,ଡର୍ମା ଅକ୍ସିମିଷ୍ଟ ଆଇଭି ସ୍କିନ୍ ଗ୍ଲୋ ଡ୍ରିପ୍ସ, ବୋଟକ୍ସ ଆଣ୍ଡ ଫିଲର୍ସ, ହେୟାର ଟ୍ରାନ୍ସପ୍ଲାଣ୍ଟେସନ ଲେଜର ହେୟାର ରିଡକ୍ସନ



ଇତ୍ୟାଦି । ଉଦଘାଟନୀ ଉତ୍ସବର ଏକ ଅଂଶ ଭାବରେ, ସ୍କିନ୍ ମେଡ୍ ଭୁବନେଶ୍ୱର ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ପରାମର୍ଶ ଏବଂ ଉପରେ ୫୦% ରିହାତି ପ୍ରଦାନ କରୁଛି। ତେଣୁ ଏହି କ୍ଲିନିକ ର ସୁବିଧା ଓ ସୁଯୋଗର ଲାଭ ନେବା ପାଇଁ ନିବେଦନ କରିଛନ୍ତି ।

## ଭାରତ-ଭୁଟାନ ମିଳିତ ଘୋଷଣାନାମା

# ଶକ୍ତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଏମଓୟୁ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇ ଦିନିଆ ଭୁଟାନ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ବହୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ପାଇଁ ଶକ୍ତି ଏବଂ ପ୍ରାକୃତିକ ସମ୍ପଦ ମନ୍ତ୍ରଣାଳୟ, ଭୁଟାନ ରାଜକୀୟ ସରକାର (ଆରଜିଓବି) ଏବଂ ଭାରତ ସରକାରଙ୍କ ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ଅନ୍ତର୍ଭୁକ୍ତ । ସେହିପରି ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ସହଯୋଗ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆରଜିଓବି ଏବଂ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର । ସ୍ୱାକ୍ଷରିତ ହୋଇଛି ।

ପେମା ସଚିବାଳୟ ଏବଂ ଭାରତ ସରକାରଙ୍କ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ନ୍ୟୁରୋସାଇନ୍ସ ପ୍ରତିଷ୍ଠାନ ମଧ୍ୟରେ ପ୍ରତିଷ୍ଠାନଗତ ସଂଯୋଗ ଗଠନ ପାଇଁ ବୁଝାମଣାପତ୍ର ।

ଭୁଟାନ-ଭାରତ ସହଭାଗୀତା ଦୃଢ଼ ବିଶ୍ୱାସ, ସୁଦୃଢ ବନ୍ଧୁତା, ପାରସ୍ପରିକ ସମ୍ମାନ ଏବଂ ସମସ୍ତ ସ୍ତରରେ ବୁଝାମଣା ଉପରେ ଆଧାରିତ ଏବଂ ଦୃଢ଼ ଲୋକ-ଜନ ସମ୍ପର୍କ ସହିତ ଘନିଷ୍ଠ ଆର୍ଥିକ ଏବଂ ବିକାଶମୂଳକ ସହଯୋଗ ଦ୍ୱାରା ଆହୁରି ସୁଦୃଢ଼ ହେଉଛି । ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଦାନପ୍ରଦାନର ପରମ୍ପରାକୁ ସୁଦୃଢ କରିଛି ଏବଂ ଉଭୟ ପକ୍ଷ ଭବିଷ୍ୟତରେ ଏହାକୁ ଜାରି ରଖିବାକୁ ସହମତ ହୋଇଛନ୍ତି ।



ଭୂଟାନର ରାଜା ଜିଗମେ ଖେସର ନାମଗ୍ୟେଲ ୱାଙ୍ଗଚୁକଙ୍କ ନିମନ୍ତ୍ରଣ କ୍ରମେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବର ୧୧ରୁ୧୨ ପର୍ଯ୍ୟନ୍ତ ଦୁଇ ଦିନିଆ ଭୂଟାନ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ୧୧ ନଭେମ୍ବର ୨୦୨୫ରେ ଚାଙ୍ଗଲିମିଥାଙ୍ଗରେ ଆୟୋଜିତ ମହାମହିମ ଚତୁର୍ଥ ଡ୍ରୁକ୍ ଗ୍ୟାଲପୋଙ୍କ ୭୦ତମ ଜନ୍ମବାର୍ଷିକୀ ପାଳନ ସମାରୋହରେ ସମ୍ମାନିତ ଅତିଥି ଭାବରେ ଜନସାଧାରଣଙ୍କ ସହ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଥିମ୍ପୁରେ ଚାଲିଥିବା ବିଶ୍ୱ ଶାନ୍ତି ପ୍ରାର୍ଥନା ମହୋତ୍ସବରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଭୂଟାନର ରାଜା ମହୋତ୍ସବ ସମୟରେ ସାର୍ବଜନୀନ ସମ୍ମାନ ପାଇଁ ଥିମ୍ପୁରେ ଭାରତରୁ ଆସିଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ପିପ୍ରାହ୍ୱା ଅବଶେଷର ଉପସ୍ଥିତିକୁ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ, ମହାମହିମ ରାଜା ଏବଂ ମହାମହିମ ଚତୁର୍ଥ ଡ୍ରୁକ୍ ଗ୍ୟାଲପୋଙ୍କ ସହିତ ଉପସ୍ଥିତ ଅତିଥିମାନଙ୍କୁ ଭେଟିଥିଲେ ଏବଂ ଭୁଟାନର ପ୍ରଧାନମନ୍ତ୍ରୀ ଦାସୋ ସେରିଂ ଟୋବଗେଙ୍କ ସହ ଆଲୋଚନା କରିଥିଲେ । ନଭେମ୍ବର ୧୦ ତାରିଖରେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ଧନଜୀବନ ହାନୀ ଲାଗି ଭୁଟାନର ମହାମହିମ ରାଜା ରାଜକୀୟ ସରକାର ଏବଂ ଭୂଟାନ ଜନସାଧାରଣଙ୍କ ପକ୍ଷରୁ ଗଭୀର ସମବେଦନା ପ୍ରକାଶ କରିଥିଲେ ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଭାରତ ଭୂଟାନର ସମର୍ଥନ ଏବଂ ଏକତାର ବାର୍ତ୍ତା ପାଇଁ କୃତଜ୍ଞତା ପ୍ରକାଶ କରିଛି ।

ପ୍ରଧାନମନ୍ତ୍ରୀ ମୋଦୀ ଭୂଟାନର ୧୩ତମ ପଞ୍ଚବାର୍ଷିକ ଯୋଜନାରେ ଭାରତର ନିରନ୍ତର ସମର୍ଥନକୁ ଦୋହରାଇଥିଲେ, ଯେଉଁଥିରେ ଅର୍ଥନୈତିକ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ସେ ମଧ୍ୟ ଭୂଟାନର ପ୍ରମୁଖ ବିକାଶ ପ୍ରାଥମିକତା ହାସଲ ଏବଂ ସମସ୍ତ କ୍ଷେତ୍ରରେ ସ୍ଥାୟୀ ବିକାଶକୁ ଆଗକୁ ବଢାଇବାରେ ସକ୍ରିୟ ଭାବରେ ସହାୟତା କରିବା ପାଇଁ ଭାରତର ପ୍ରତିବଦ୍ଧତା ଦୋହରାଇଥିଲେ ।

# ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ

## ଆମର ପ୍ରତିଭା ଦରକାର, ଭିଡ଼ ନୁହେଁ

**ୱାଶିଂଟନ:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଚ୍-୧ବି ଭିସା ସମର୍ଥନରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ଆମେରିକାରେ ପ୍ରତିଭାବାନ ଲୋକଙ୍କ ଅଭାବ ଅଛି । ଏହି ବ୍ୟବସ୍ଥାକୁ ଆମେ ବନ୍ଦ କରି ପାରିବୁ ନାହିଁ । ଏହି ବ୍ୟବସ୍ଥାକୁ ବନ୍ଦ କରିବା ଦ୍ୱାରା ଆମେରିକାର ସିଧାସଳଖ କ୍ଷତି ହେବ । ତେଣୁ ଏଚ୍-୧ବି ଭିସା ବ୍ୟବସ୍ଥା ଅତ୍ୟାବଶ୍ୟକ । ଯଦି ଏହାକୁ ଉଚ୍ଛେଦ କରାଯାଏ, ତେବେ ସମସ୍ତ କାମ ଠପ୍ ହୋଇଯିବ । ସେ କହିଛନ୍ତି, ଭିଡ଼ ନୁହେଁ, କାମ କରିବା ପାଇଁ ପ୍ରତିଭା ଆବଶ୍ୟକ ।ଟ୍ରମ୍ପ୍ଙ୍କ ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ପ୍ରଶାସନ ଓ-୧ଇ ଭିସାର ଶୁଳ୍କକୁ ୧୦୦,୦୦୦ ଆମେରିକୀୟ ଡଲାରକୁ ବୃଦ୍ଧି କରିଛି । ଆମେରିକା ପ୍ରଶାସନ ଯୁକ୍ତି ଦେଇଛନ୍ତି, ଏହି ଶୁଳ୍କ ବୃଦ୍ଧି ବିଦେଶୀମାନଙ୍କୁ ନିରୁତ୍ସାହିତ କରିବ ।କିଛି ମାସ ପୂର୍ବରୁ, ଡୋନାଲ୍ଡ ଟ୍ରମ୍ପ୍ ଏକ ସାକ୍ଷାତକାରରେ କହିଥିଲେ ଯେ, ସେ ଏଚ୍-୧ବି ଭିସା ଭିସା ଫି ବୃଦ୍ଧି କରିବାକୁ ଯାଉଛନ୍ତି । ଟ୍ରମ୍ପ୍ ତାଙ୍କର ମେକ୍ ଆମେରିକା ଗ୍ରେଟ ଅଭିଯାନର ଅଂଶ ଭାବରେ ଏହି ନିଷ୍ପତ୍ତି ନେଇଛନ୍ତି । ଯାହାର ଲକ୍ଷ୍ୟ ଆମେରିକୀୟ ପ୍ରବାସୀଙ୍କୁ ପ୍ରୋତ୍ସାହିତ କରିବା । ତେବେ ଟ୍ରମ୍ପ୍ ଏବେ ଏହି ପ୍ରସଙ୍ଗରେ ୟୁ-ଟର୍ଣ୍ଣ ନେଇଛନ୍ତି । ଫକ୍ସ ନ୍ୟୁଜରେ ଏକ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ୍ କହିଛନ୍ତି, କାର୍ଯ୍ୟ କରିବା ପାଇଁ ଆପଣଙ୍କୁ ପ୍ରତିଭାବାନ ଲୋକଙ୍କ ଆବଶ୍ୟକତା ଅଛି । ଏଥିପାଇଁ ଏଚ୍-୧ବି ଭିସା ଭିସା ବ୍ୟବସ୍ଥା ଅତ୍ୟନ୍ତ ଜରୁରୀଛଯେତେବେଳେ ସାମ୍ବାଦିକ ତାଙ୍କୁ ପଚାରିଲେ ଯେ, ଆମେରିକାରେ କୌଣସି ପ୍ରତିଭାଶାଳୀ ଲୋକ ନାହାନ୍ତି କି? ଏହାର ଉତ୍ତରରେ ଟ୍ରମ୍ପ୍ ନା ବୋଲି କହିଥିଲେ ।



ଟ୍ରମ୍ପ୍ଙ୍କ ଏହି ମନ୍ତବ୍ୟ ପରେ ଅନୁମାନ କରାଯାଉଛି, ଆମେରିକା ପ୍ରଶାସନ ଏଚ୍-୧ବି ଭିସା ସମ୍ବନ୍ଧୀୟ ନିୟମଗୁଡ଼ିକୁ ପୁଣି ଥରେ ସଂଶୋଧନ କରିପାରେ । ଆମେରିକାରେ ଭାରତୀୟମାନଙ୍କ ଦ୍ୱାରା ସର୍ବାଧିକ ଏହି ଭିସା ବ୍ୟବହୃତ ହୋଇଥାଏ । ଆମେରିକା ସରକାରଙ୍କ ଅନୁଯାୟୀ, ୨୦୨୩-୨୪ ରେ ୨୮୩,୩୯୭ ଭାରତୀୟ ଏହି ଭିସାରେ ଆମେରିକା ଆସିଥିଲେ । ଭାରତ ପରେ, ଚୀନ୍ ଏହି ଭିସା ପାଇଛି । ଏହି ଭିସାରେ ୪୬,୬୮୦ ଜଣ ଚୀନ୍ ନାଗରିକ ଆମେରିକାରେ ଅଛନ୍ତି ।ଏହି ଦୁଇ ଦେଶ ବ୍ୟତୀତ, ଆମେରିକା ଫିଲିପାଇନ୍ସ, ବ୍ରାଜିଲ୍, କାନାଡା ଏବଂ ନାଇଜେରିଆର ଲୋକମାନଙ୍କୁ ମଧ୍ୟ ଏହି ଭିସା ପ୍ରଦାନ କରିଛି ।

# ସନ୍ଦିଗ୍ଧ ଅଭିଯୁକ୍ତର ଆଉ ଏକ କାର ଜବତ

**ନୂଆଦିଲ୍ଲୀ:** ଦିଲ୍ଲୀ ବିସ୍ଫୋରଣର ସନ୍ଦିଗ୍ଧ ଦ୍ୱିତୀୟ ଗାଡ଼ିଟି ବୁଧବାର ଠାବ ହୋଇଛି ଏହି ଗାଡ଼ିଟି ଉମାର ୟୁଏନ୍ ନାବି ନାମରେ ରାଜୋରୀ ଗାର୍ଡନ ଆର୍ଟିଓରେ ୨୦୧୭ ନଭେମ୍ବର ୨୨ରେ ପଞ୍ଜୀକୃତ ହୋଇଥଳଲା ଇକୋସ୍ପୋର୍ଟ ଏହି ଗାଡ଼ିର ରଙ୍ଗ ଲାଲ୍ ବୋଲି ପୋଲିସ ସୂଚନା ଦେଇଛି ଗାଡ଼ିକୁ ହରିୟାଣାର ଖଣ୍ଡୱାଲୀ ଗାଁ ନିକଟରେ ଠାବ କରାଯାଇଛି ।

ଅଧଳକାରୀମାନେ କହିବା କଥା ଗାଡ଼ିଟି ଡ. ଉମାରଙ୍କ ଖଣ୍ଡୁଆଲି ବାସଭବନ ଆଗରେ ଠିଆ ହୋଇଥଳଲା ଦିଲ୍ଲୀ ବିସ୍ଫୋରଣରେ ଓଡ଼ିଶା ଲିଙ୍କ ଥଳବା ତଥ୍ୟ ସାମ୍ନାକୁ ଆସିଛି ଓଡ଼ିଶାରେ ଆତଙ୍କୀ ମୁଜାମିଲ ସକିଲ୍ର ସମ୍ପର୍କ ରହିଛି ଏନେଇ ଅଟକ ଥଳବା ଜମାତିଙ୍କୁ ଜେରା ବେଳେ ସୂଚନା ମିଳିଛି ମୁଜାମିଲର ହ୍ୱାଟ୍ସଆପ୍ରେ ଓଡ଼ିଶା ଲିଙ୍କ ଆସିଥଳଲା ଏହାସହ ଏହି ଘଟଣାରେ ଜମ୍ମୁ, ହରିୟାଣା ଓ ତାମିଲନାଡୁର ଲିଙ୍କ ଥଳବା କୁହାଯାଉଛି ତେବେ ଜବତ ହୋଇଥଳବା ଲାଲ୍ ରଙ୍ଗର ଇକୋ ସ୍ପୋର୍ଟ୍ସର ଦ୍ୱିତୀୟ ମାଲିକ ହେଉଛନ୍ତି ଡ. ଉମାର ବୋଲି ତଦନ୍ତରୁ ଜଣାପଡ଼ିଛି ଏହି ଗାଡ଼ିଟି ଉତ୍ତର-ପୂର୍ବ ଦିଲ୍ଲୀରେ ଉମାର ଜାଲ୍ ଠିକଣା ଦେଇ ବ୍ୟବହାର କରୁଥଳଲେ ପୋଲିସ ଗତକାଲି ରାତିରେ ଚାଉ କରି ଏହାକୁ ଠାବ କରିଛି ଅଧଳକାରୀମାନେ ବିଶ୍ୱାସ କରୁଛନ୍ତି ଯେ ଏହି ଗାଡ଼ିକୁ ଅପରେସନ୍ ପାଇଁ ଦ୍ୱିତୀୟ ଥର ବ୍ୟବହାର କରାଯାଇଥାନ୍ତା ପ୍ରଥମେ ହୁଣ୍ଡାଇ ଆଇ-୨୦କୁ ବ୍ୟବହାର କରାଯାଇଥଳଲା ଯାହାକି ବିସ୍ଫୋରଣ ସ୍ଥଳରେ ଧ୍ୱଂସ ପାଇଛି ଗୁଇନ୍ଦା ବିଭାଗ ସତର୍କ କରାଇ ଦେଇଥଳଲା ଯେ ଏକ ଲାଲ୍ ରଙ୍ଗର ଇକୋ ସ୍ପୋର୍ଟ୍ସ ଗାଡ଼ି ବିସ୍ଫୋରକ ସହ ଆସୁଛି । ଏହାପରେ ପୋଲିସ ପକ୍ଷରୁ ତନାଘନା କରାଯାଇଥଳଲା ପୋଲିସ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରି ନଜର ରଖଳଥଳଲା ଦିଲ୍ଲୀ ପୋଲିସ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସିସିଟିଭି ଫୁଟେଜ, ଟୋଲ୍ ବୁଥ୍ ତଥ୍ୟ ଓ ମୋବାଇଲ ଟାୱାର ଡାଟାକୁ ଯାଞ୍ଚ କରି କାରର ଗତିବିଧଳ ଉପରେ ନଜର ରଖଳଥଳଲା ବିଶ୍ୱାସ କରାଯାଉଛି ଯେ ଡ. ଉମାର ହୁଣ୍ଡାଇ ଆଇ-୨୦ ଗାଡ଼ିକୁ ନିଜେ ଚଳାଇଥଳଲେ ତଦନ୍ତକାରୀ ସଂସ୍ଥା ଇମାରଙ୍କ ପରିବାର ବର୍ଗଙ୍କର ଡିଏନ୍ଏ ନମୁନା ସଂଗ୍ରହ କରିଛି ଏହାକୁ ବିସ୍ଫୋରଣ ସ୍ଥଳରେ ଡ୍ରାଇଭର ଆସନରେ ବସିଥଳବା ବ୍ୟକ୍ତିର ବିଭିନ୍ନ ଅଂଶ ସହ ପରୀକ୍ଷା ନିରୀକ୍ଷା କରାଯିବ ଦିଲ୍ଲୀ ପୋଲିସ ମଧ୍ୟ ଗତକାଲି ରାତିରେ ବିଭିନ୍ନ ସ୍ଥାନରେ ଚାଉ କରିଛି ମାଦ୍ରାସା ଚଲାଉଥଳବା ମୌଲୁବୀ ତାସ୍ୱରଙ୍କୁ ପଚରାଉଚରା କରିଛି ମିଛ ଠିକଣା ଦେଇ କାର କିଣିଥଳବା ଉମାରଙ୍କ ତଦନ୍ତ ଆରମ୍ଭ ହୋଇଛି ।

# ଏନ୍ଆଇଏ ସ୍କାନରରେ ଅଲ ଫଲାହ ବିଶ୍ୱ ବିଦ୍ୟାଳୟ

**ନୂଆଦିଲ୍ଲୀ:** ଦିଲ୍ଲୀ ବିସ୍ଫୋରଣ ପରେ ସ୍କାନରରେ ଥିବା ଫରିଦାବାଦର ଘରୋଇ ଶିକ୍ଷାନୁଷ୍ଠାନ ଅଲ ଫଲାହ ବିଶ୍ୱବିଦ୍ୟାଳୟକୁ ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛ । ଦିଲ୍ଲୀରେ ଆତ୍ମଘାତୀ କାର ବିସ୍ଫୋରଣ କରିଥିବା ଉମର ମହମ୍ମଦ ନବି ଠାରୁ ଆରମ୍ଭ କରି ବିସ୍ଫୋରକ ସହ ଜବତ ହୋଇଥିବା ଡାକ୍ତର ମୁଜାମିଲ ଓ ଡାକ୍ତର ଶାହୀନ ଏହି ଅଲ ଫଲାହ ବିଶ୍ୱ ବିଦ୍ୟାଳୟ ସହ ଜଡ଼ିତ । ଏବେ ସୁଚନା ମିଳିଛି ଯେ ଏହି ଘରୋଇ ବିଶ୍ୱ ବିଦ୍ୟାଳୟ ଏମିତି ଜଣେ ପ୍ରଫେସରଙ୍କୁ ନିଯୁକ୍ତି ଦେଇଥିଲା, ଯାହାଙ୍କୁ ଏକଦା ଟେରର ଲିଙ୍କ ମାମଲାରେ ଜମ୍ମୁ-କଶ୍ମୀର ପ୍ରଶାସନ ଚାକିରିରୁ ବରଖାସ୍ତ କରିଥିଲେଛ ଏବେ ସେହି ପ୍ରଫେସର ଜଣଙ୍କ ଦିଲ୍ଲୀ ବିସ୍ଫୋରଣ ପରେ ଫେରାର ହୋଇଯାଇଛନ୍ତି ।

ଜଣାପଡ଼ିଛି ଯେ ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ମେଡିସିନ ବିଭାଗର ପ୍ରଫେସର ଭାବେ କାମ କରୁଥିଲେ ଡାକ୍ତର ନିସାର ଉଲ ହାସନ । ତାଙ୍କୁ ସମ୍ବିଧାନର ଧାରା ୩୧୧(୨)(ସି) ଅଧୀନରେ ୨୦୨୩ରେ ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା ଚାକିରିରୁ ବହିଷ୍କାର କରିଥିଲେ ।





ସମ୍ବିଧାନର ଧାରା ୩୧୧(୨)(ସି) କୁହାଯାଇଛି ଯେ ଜଣେ ସରକାରୀ ଚାକିରିଆଙ୍କୁ ବିଭାଗୀୟ ତଦନ୍ତ ଶେଷ ହେବା ଆଗରୁ ମଧ୍ୟ ବହିଷ୍କାର କରିବାର କ୍ଷମତା ସରକାରଙ୍କ ରହିଛି । ଜାତୀୟ ସୁରକ୍ଷା ସହ ଜଡ଼ିତ ମାମଲାରେ ସରକାର ଏହି ପ୍ରାବଧାନରେ ବ୍ୟବହାର କରିପାରିବେ । ନିସାର ଉଲ ହାସନଙ୍କ କ୍ଷେତ୍ରରେ ଉପ ରାଜ୍ୟପାଳ ସିହ୍ନା ସମାନ କ୍ଷମତା ପ୍ରୟୋଗ କରିଥିଲେ । ୨୦୨୩ରେ ବରଖାସ୍ତ ହେବା ପୂର୍ବରୁ ଡାକ୍ତର ନିସାର ଉଲ ହାସନ ଶ୍ରୀନଗରରେ ଥିବା ମହାରାଜ ହରି ସିଂହ(ଏସଏମଏଚଏସ) ହସ୍ପିଟାଲରେ ମେଡିସିନ ବିଭାଗର ସହାୟକ ପ୍ରଫେସର ଭାବେ କାମ କରୁଥିଲେ । ତାଙ୍କୁ ବରଖାସ୍ତ କରାଯିବା ସମ୍ପର୍କରେ ୨୦୨୩ ନଭେମ୍ବର ୨୧ରେ ଉପ ରାଜ୍ୟପାଳ ସିହ୍ନା ଗୋଟିଏ ବିଜ୍ଞପ୍ତି ଜାରି କରିଥିଲେ ।

ଉପଲବ୍ଧ ଥିବା ତଥ୍ୟ ଓ ସୂଚନାରୁ ଡାକ୍ତର ନିସାର ଉଲ ହାସନଙ୍କ କାର୍ଯ୍ୟକଳାପ ଏପରି ରହିଛି ଯେ ତାଙ୍କୁ ସେବାରୁ ନିବୃତ୍ତ କରାଯାଉଛ । ଦେଶର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନିଆଯାଉଛି ବୋଲି ବିଜ୍ଞପ୍ତିରେ କୁହାଯାଇଥିଲା । ଜମ୍ମୁ-କଶ୍ମରୀରୁ ବରଖାସ୍ତ ହେବା ପରେ ଡାକ୍ତର ନିସାର ଉଲ ହାସନ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ । ଏହି ବିଶ୍ୱ ବିଦ୍ୟାଳୟରେ ତାଙ୍କୁ ମେଡିସିନ ବିଭାଗର ପ୍ରଫେସର ଭାବେ ନିଯୁକ୍ତି ମିଳିଥିଲା । ଏବେ ବିଶ୍ୱ ବିଦ୍ୟାଳୟର ଟେରର ଲିଙ୍କର ଖୋଳତାଡ଼ ଏନଆଇଏ କରୁଥିବା ବେଳେ ଡାକ୍ତର ହାସନ ଫେରାର ହୋଇଯାଇଛନ୍ତି । ତାଙ୍କ ଫୋନ ଅଫ ଥିବା ବେଳେ ତାଙ୍କ ସମ୍ପର୍କରେ ଏଯାଏ କୌଣସି ସୂଚନା ମିଳିନି । ତେଣୁ ତାଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି । ବିସ୍ଫୋରଣ ପରେ ତଦନ୍ତକାରୀ ସଂସ୍ଥା ବିଶ୍ୱ ବିଦ୍ୟାଳୟର ୫୨ରୁ ଅଧିକ କର୍ମଚାରୀ ଓ ଶିକ୍ଷାର୍ଥୀଙ୍କୁ ଜେରା କରିଛି ।

# ଅଶୁଭ '୧୧'

**ନୂଆଦିଲ୍ଲୀ:** ସେ ମୁମ୍ବାଇରେ ଆଖିବୁଜା ଗୁଳିଚାଳନା ହେଉ କି ଆମେରିକାରେ ଆତଙ୍କୀ ଆକ୍ରମଣ ଆଉ ଏବେ ଦିଲ୍ଲୀରେ ବଡ଼ ଧରଣର ବିସ୍ଫୋରଣ ସବୁଠି ୧୧ ଲିଙ୍କ୍ । ଏହି ୩ ଆତଙ୍କୀ ଆକ୍ରମଣରେ ଗୋଟିଏ ଜିନିଷ କମନ୍ ଥିଲା ଆଉ ସେ ହେଉଛି ନମ୍ବର ୧୧ । ସୁଦୂର ଆମେରିକାରେ ୨୦୦୧ ରେ ହୋଇଥିବା ଆତଙ୍କୀ ଆକ୍ରମଣ ପୂରା ଦେଶକୁ ଦୋହଲାଇ ଦେଇଥିଲା । ଏହି ଆକ୍ରମଣର ତାରିଖ ଥିଲା ୧୧ ସେପ୍ଟେମ୍ବର , ଯେଉଁଥିରେ ଚାଲିଯାଇଥିଲା ୩୦୦୦ ଲୋକଙ୍କ ଜୀବନ । ୧୧ ତାରିଖରେ ହୋଇଥିବା ଏହି ଆକ୍ରମଣକୁ ମନେ ପକାଇଲେ ଏବେ ବି ଭୟଭିତ ହେଉଛନ୍ତି ଆମେରିକାବାସୀ । ଅଲକାୟଦାର ଆତଙ୍କୀ ଆମେରିକାକୁ କିଛି ମିନିଟରେ ଶବର ଘର କରିଦେଇଥିଲେ , ଯାହାକୁ ୯/୧୧ ଆକ୍ରମଣ ବୋଲି ସାରା ବିଶ୍ୱ ଜାଣେ । ଅଲକାୟଦାର ୧୯ ଜଣ ଆତଙ୍କବାଦୀ ୪ ଟି କମର୍ସିଆଲ୍ ବିମାନକୁ ହାଇଜ୍ୟାକ୍ କରିଥିଲେ । ଏହି ବିମାନକୁ ବିଭିନ୍ନ ସ୍ଥାନରେ କ୍ରାଶ୍ କରାଯାଇଥିଲା ଯେଉଁଥିରେ ୩ ହଜାର ଲୋକଙ୍କ ଜୀବନ ଚାଲିଯାଇଥିଲା । ଏହା ପରେ ପରେ ୨୦୦୮ ରେ ହୋଇଥିଲା ବଡ଼ ଧରଣର ଆତଙ୍କୀ ଆକ୍ରମଣ । କିନ୍ତୁ ଏଥର ତାରିଖକୁ ନୁହେଁ ମାସକୁ ଆଖି ଆଗରେ ରଖିଥିଲେ ଆତଙ୍କବାଦୀ । ମାୟାନଗରୀ ମୁମ୍ବାଇ ସହ ପୂରା ଭାରତ ଆଜି ବି ସେ କାଳରାତିକୁ ଭୁଲିପାରିନାହିଁ । ଅଚାନକ ଗୁଳିବର୍ଷାର ସେ ଶବ୍ଦ ଏବେ ବି ମୁମ୍ବାଇବାସୀଙ୍କ ମନରେ ଭୟ ଜାତ କରୁଛି । କ'ଣ ହୋଟେଲ୍,କ'ଣ ହସ୍ପିଟାଲ୍ , କ'ଣ ରେଲୱେ ଷ୍ଟେସନ୍ ପାକିସ୍ତାନରୁ ଆସିଥିବା ଏହି ଆତଙ୍କବାଦୀ ଗୋଟିଏ ଜାଗାକୁ ବି ଛାଡ଼ିନଥିଲେ । ଏହି ଆକ୍ରମଣରେ ୧୬୦ ନିରୀହ ଜୀବନ ଚାଲିଯାଇଥିଲା । ହସଖୁସିରେ ହୋଟେଲ୍ ଭିତରେ ସମୟ ବିତାଉଥିବା ପରିବାର ହଠାତ୍ ଶବରେ ପରିଣତ ହୋଇଥିଲା । ପ୍ରଥମେ ତ କେହି ଏହି ଆକ୍ରମଣକୁ ଜାଣିପାରିନଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଏହା କେତେ ବଡ଼ ଆକ୍ରମଣ ଥିଲା ତାହା ଜଣାପଡ଼ିଥିଲା । ଏହି ଘଟଣାରେ ମୁମ୍ବାଇ ପୁଲିସର ଅନେକ କର୍ମଚାରୀ ମଧ୍ୟ ସହିଦ୍ ହୋଇଥିଲେ । ପ୍ରତିଶୋଧ ନେବା ପାଇଁ ରକ୍ତର ଚାଉଳ ଚୋବାଉଥିବା ସେହି ଆତଙ୍କୀଙ୍କୁ କାବୁ କରିବା ପାଇଁ ଦୀର୍ଘ ୬୦ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା । ଏହି ଘଟଣା ଭାରତ ଇତିହାସରେ ୨୬/୧୧ ଆକ୍ରମଣର ନାଁ ନେଲା ।

ଏତେ ବର୍ଷ ପରେ ଲାଗୁଥିଲା ଯେମିତି ୧୧ ର ଏହି ଆତଙ୍କ ଏଇଠି ଥମିଯାଇଛି । କିନ୍ତୁ ୧୦/୧୧ ସୋମବାର ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟରେ ଯେଉଁ ବିସ୍ଫୋରଣ ଘଟିଲା ତାହାର ଭୟାବହତାକୁ ଦେଖିଲା ଦେଶ । କାରରେ ଥିବା ଆରଡିଏକ୍ସ ବିସ୍ଫୋରଣ ଯୋଗୁ ଚାଲିଯାଇଥିଲା ୧୨ ଜଣଙ୍କ ଜୀବନ ଆଉ ୨୫ ରୁ ଅଧିକ ହୋଇଥିଲେ ଆହତ । ବର୍ତ୍ତମାନ ଆହତଙ୍କ ଚିକିତ୍ସା ଲୋକନାୟକ ଜୟ ପ୍ରକାଶ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଆତଙ୍କବାଦୀ ଆକ୍ରମଣ ପରେ ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯାଇଛି ୧୪ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ହୋଇଛି ଯେଉଁଠି ଦିଲ୍ଲୀରେ ଏତେ ବଡ଼ ବିସ୍ଫୋରଣ ହୋଇଛି । ତେବେ ୧୧ ର ଏହି ଆତଙ୍କର ଖେଳ ଆଉ କେତେ ଦିନ ଚାଲିବ ତାହା ସମୟ ହିଁ କହିବ ।

# କାର ଡିଲରଙ୍କୁ ଉଠାଇ ନେଲା ପୋଲିସ






**ନୂଆଦିଲ୍ଲୀ:**ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଘଟଣାରେ ପୁଲିସ ତଦନ୍ତ ଜାରି ରହିଛି । ବୁଧବାର ପୁଲିସ ଉମର ଏବଂ ତାରିକଙ୍କୁ ଆଇ୨୦ କାର ଯୋଗାଇଥିବା କାର ଡିଲରଙ୍କୁ ଅଟକ ରଖିଛନ୍ତି । ଡିଲରଙ୍କ ନାମ ଅମିତ । ପୁଲିସ ତାଙ୍କୁ ରୟାଲ କାର ପ୍ଲାଜା ଅଫିସରୁ ଉଠାଇ ନେଇ ଅଟକ ରଖିଛି । ଫରିଦାବାଦ ପୁଲିସ ସହାୟତାରେ ଡିଲରଙ୍କୁ ସେକ୍ଟର ୩୭ ସ୍ଥିତ ତାଙ୍କ ଅଫିସରୁ ଉଠାଇ ଅଣାଯାଇ ଅଟକ ରଖାଯାଇଛି ।ପୁଲିସ ଡିଲରଙ୍କୁ ପଚରାଉଚରା କରୁଛି । ଆଇ୨୦ କାର କିଏ କିଣିଥିଲା ଏବଂ ଉମର କିପରି ଡିଲରଙ୍କ ସହ ସମ୍ପର୍କରେ ଆସିଥିଲେ ସେନେଇ ପଚରାଉଚରା କରାଯାଉଛି । ଡିଲରଙ୍କୁ କାରର ସମ୍ପୂର୍ଣ୍ଣ ବିବରଣୀ ପଚରାଯାଉଛି ।ଆଇ୨୦ ହେଉଛି ସେହି କାର ଯେଉଁଥିରେ ବିସ୍ଫୋରଣ ଘଟିଥିଲା । ତଦନ୍ତରୁ ଜଣାପଡିଛି, କାରଟି ଅକ୍ଟୋବର ୨୯ ତାରିଖରେ କିଣାଯିବା ଦିନଠାରୁ ନଭେମ୍ବର ୧୦ ସକାଳ ପର୍ଯ୍ୟନ୍ତ ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ପାର୍କିଂ କରାଯାଇଥିଲା । ଏହା ପରେ ୧୦ ତାରିଖ ସକାଳେ କାରଟିସେହି ଅଞ୍ଚଳ ଛାଡି ସକାଳ ୮ ଟା ପରେ ବଦରପୁର ସୀମା ଦେଇ ଦିଲ୍ଲୀରେ ପ୍ରବେଶ କରିଥିଲା ଏବଂ ତା'ପରେ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ଘୁରି ବୁଲିଥିଲା । ଦିଲ୍ଲୀର ବଡ଼ ଅଞ୍ଚଳକୁ ଟାର୍ଗେଟ କରାଯାଇଥିଲା କି ନାହିଁ ତାହା ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତ କରୁଛନ୍ତି । କାରଟି ଦିନସାରା ଦିଲ୍ଲୀର ଅନେକ ଅଞ୍ଚଳରେ ଘୁରି ବୁଲିଥିଲା । ତଦନ୍ତ ଏଜେନ୍ସିଗୁଡ଼ିକ ଘଟଣା ସହିତ ଜଡିତ ସିସି ଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରୁଛନ୍ତି ।

# ଦିଲ୍ଲୀ ବିସ୍ଫୋରଣ ପଛରେ ଜୈସ୍ ଆତଙ୍କବାଦୀ ଲିଙ୍କ୍

**ନୂଆଦିଲ୍ଲୀ:** ଦିଲ୍ଲୀ କାର ବୋମା ବିସ୍ଫୋରଣର ଲିଙ୍କ୍ ଏବେ ପାକିସ୍ତାନ ସହିତ ଜଡିତ ହୋଇଛି । ଘଟଣା ପରଠାରୁ ପୁଲିସ ଏବଂ ତଦନ୍ତକାରୀ ସଂସ୍ଥା ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖିଛନ୍ତି । ଗୁଇନ୍ଦା ସୂତ୍ରରୁ ଜଣାପଡିଛି, ଡାକ୍ତର ମୁଜାମ୍ମିଲ ଏବଂ ଅନ୍ୟମାନଙ୍କ ପଚରାଉଚରା ପରେ ପାକିସ୍ତାନ ସହିତ ଲିଙ୍କ୍ ପ୍ରକାଶ ପାଇଛି । ଏହି ବିସ୍ଫୋରଣ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ୍ ସହିତ ଜଡିତ ଥିବା ପ୍ରମାଣ ମିଳିଛି । ଏଜେନ୍ସିଗୁଡ଼ିକ ଅନୁସାରେ ଡାକ୍ତର ମୁଜାମ୍ମିଲ ପାକିସ୍ତାନର ମୌଦୁଦ୍ଦିନ ଔରଙ୍ଗଜେବ ଆଲମ ଓରଫ ଅମ୍ମାର ଆଲଭି ସହିତ ଜଡିତ ହୋଇପାରନ୍ତି । ଜୈସ୍ ଲିଙ୍କ୍ ସୂତ୍ର ଅନୁସାରେ ମୌଦିନ ଔରଙ୍ଗଜେବ ଆଲମ, ଯାହାକୁ ଅମ୍ମାର ଆଲଭି ମଧ୍ୟ କୁହାଯାଇଥାଏ, ସେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ । ସମ୍ପ୍ରତି ଭାରତର ଅନେକ ପ୍ରମୁଖ ସହରକୁ ଟାର୍ଗେଟ କରାଯାଇଛି । ଏହି ଆକ୍ରମଣରେ ପୁରୁଣା ଯାନବାହାନ ବ୍ୟବହାର କରାଯାଉଛି । ଅମ୍ମାର ଆଲଭି ଜୈସ୍ ସଂଗଠନର ଜଣେ ବରିଷ୍ଠ କମାଣ୍ଡର ।



ଏନଆଇଏ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖିଛନ୍ତି ଏବଂ ସେମାନଙ୍କୁ କଡ଼ା ପଚରାଉଚରା କରାଯାଉଛି । ସନ୍ଦିଗ୍ଧଙ୍କ ମଧ୍ୟରେ ଫରିଦାବାଦର କିଛି ଡାକ୍ତର ଅଛନ୍ତି । କାର ଚଳାଉଥିବା ଉମର ମଧ୍ୟ ଜଣେ ଡାକ୍ତର ଥିଲେ । ଦିଲ୍ଲୀ କାର ବୋମା ବିସ୍ଫୋରଣ ସମ୍ପର୍କରେ କଂଗ୍ରେସ ନେତା ରସିଦ ଆଲଭି କହିଛନ୍ତି, ଲାଲକିଲ୍ଲା ନିକଟରେ ଘଟିଥିବା ଘଟଣା ଅତ୍ୟନ୍ତ ଚିନ୍ତାଜନକ ।

## ମିଳିଛି ଅନେକ ପ୍ରମାଣ ଓ ନମୂନା

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଭୟାବହ ବିସ୍ଫୋରଣ ପରେ ଦେଶର ବିଭିନ୍ନ ସୁରକ୍ଷା ସଂସ୍ଥା ମାମଲାର ତଦନ୍ତରେ ଜୋରସୋର ଲାଗିପଡ଼ିଛନ୍ତି । ଏହି କ୍ରମରେ ଫରେନ୍ସିକ ସାଇନ୍ସ ଲାବୋରଟୋରି (ଏଫଏସଏଲ)ର ଟିମ ଘଟଣାସ୍ଥଳରେ ପହଞ୍ଚି ଗୋଟିଗୋଟି କରି ପ୍ରମାଣ ଓ ନମୁନା ଏକାଠି କରିବା ପାଇଁ ଲାଗି ପଡ଼ିଛନ୍ତି । ଦିନରାତି ଖୁବ ପରିଶ୍ରମ କରୁଛନ୍ତିଛ ଖବର ଲେଖାହେଲା ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁସାରେ ଏଯାବତ ବିସ୍ଫୋରଣସ୍ଥଳରୁ ଫରେନ୍ସିକ ସାଇନ୍ସ ଲାବୋରଟୋରି ଟିମକୁ ୪୦ଟି ପ୍ରମାଣ ଓ ନମୁନା ମିଳିଛିଛ ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି, ବିସ୍ଫୋରଣର ଏକ ନମୁନା ଅମୋନିୟମ ନାଇଟ୍ରେଟ ହୋଇପାରେଛ ଗତ ସୋମବାର ଫରିଦାବାଦରୁ ଏକ ଯାଞ୍ଚ ସମୟରେ ୩୬୦କିଲୋଗ୍ରାମର ଅମୋନିୟମ ନାଇଟ୍ରେଟ ଜବତ କରାଯାଇଛି ।

### ସହୋଦୟା ଆନ୍ତଃ ବିଦ୍ୟାଳୟ ବାସ୍କେଟବଲ ଉଦଯାପିତ

# ସବୁ ବର୍ଗରେ ମଦର୍ସ ଚାମ୍ପିଅନ୍




ଭୁବନେଶ୍ୱର,୧୨।୧୧(ସବ୍ୟୁ): ସ୍ଥାନୀୟ ୟୁନିଟ୍-୨ ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ ବାସ୍କେଟ ବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ୪ଟି ବର୍ଗର ଫାଇନାଲର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ମଦର୍ସ ପବ୍ଲିକ୍ ସ୍କୁଲ ୫୩-୮ ପଏଣ୍ଟ ବ୍ୟବଧାନରେ କିଟକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ବାଳକ ବର୍ଗରେ ମଦର୍ସ ପବ୍ଲିକ୍ ସ୍କୁଲ ୫୫-୪୧ ପଏଣ୍ଟ ବ୍ୟବଧାନରେ କିଟକୁ ପରାସ୍ତ କରିଛି। ବାଳିକା ବର୍ଗରେ ମଦର୍ସ ତରଫରୁ ଜିଜ୍ଞାସା ୧୮ ପଏଣ୍ଟ ଏବଂ ପ୍ରକୃତି ୧୧ ପଏଣ୍ଟ ସ୍କୋର କରିଥିବା ବେଳେ ଉନ୍ନତି ୬ ପଏଣ୍ଟ ସ୍କୋର କରିଥିଲେ। ବାଳକ ବିଭାଗରେ ମଦର୍ସ ତରଫରୁ ଉଜ୍ଜ୍ୱଳ, ପାର୍ଥ ଏବଂ ରୁଦ୍ରାକ୍ଷ ଯଥାକ୍ରମେ ୨୦,୧୬ ଓ ୧୫ ପଏଣ୍ଟ ସ୍କୋର କରିଥିଲେ। କିଟ୍ ତରଫରୁ ପ୍ରିୟାଂଶୁ ୧୬ ପଏଣ୍ଟ ସ୍କୋର କରିଥିଲେ। ସେହିପରି ୧୯ ବର୍ଷରୁ କମ ବାଳିକା ବିଭାଗରେ ମଦର୍ସ ପବ୍ଲିକ୍ ସ୍କୁଲ ୪୫ଓ ୪୧ ପଏଣ୍ଟ ବ୍ୟବଧାନରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲକୁ ପରାସ୍ତ କରିଛି। ମଦର୍ସ ତରଫରୁ ଦେଶ୍ନା ୧୭, ଧନିଷ୍ଠା ୧୫ ତଥା ଉତ୍କଳିକା ୧୧ ପଏଣ୍ଟ ସ୍କୋର କରିଥିଲେ। ସାଇ ତରଫରୁ ଆରା ସର୍ବାଧିକ ୩ ପଏଣ୍ଟ ସ୍କୋର କରିଥିଲେ। ବାଳକ ବିଭାଗରେ ମଦର୍ସ ପବ୍ଲିକ୍ ସ୍କୁଲ ୪୩-୧୯ ପଏଣ୍ଟ ବ୍ୟବଧାନରେ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଆଶୁତୋଷ ପଣ୍ଡା ସର୍ବାଧିକ ୨୨ ପଏଣ୍ଟ ସ୍କୋର କରିଥିଲେ।

ଉଦଯାପନୀ ଉତ୍ସବରେ ବରିଷ୍ଠ କ୍ରୀଡା ସଂଗଠକ ନବରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉତ୍ସବ ଶେଷରେ ବିଦ୍ୟାଳୟର ବରିଷ୍ଠ କ୍ରୀଡା ଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତ-ଦ.ଆଫ୍ରିକା ବାରବାଟୀ ଟି-୨୦ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ

# ତ୍ରୁଟିଶୂନ୍ୟ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୧୨।୧୧(ସବ୍ୟୁ): ଅନ୍ତର୍ଜାତୀୟ କ୍ରୀଡା ଆୟୋଜନ କରିବାରେ ଓଡିଶାର ସୁନାମ ରହିଛି। କଟକ ବାରବାଟୀ ଷ୍ଟାଡିୟମ୍ରେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ, ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ T-20 ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତୃଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା T-20 ମ୍ୟାଚ୍ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ରିକେଟ୍ ଆମ ଦେଶର ଏକ ଅତ୍ୟନ୍ତ ଲୋକପ୍ରିୟ ଖେଳ। ତେଣୁ, ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ତେଣୁ, ଏହା ଯେପରି ତୃଟିଶୂନ୍ୟ ଭାବେ ପରିଚାଳିତ ହେବ ଏବଂ ଓଡିଶାର ମର୍ଯ୍ୟାଦା ସୁରକ୍ଷିତ ହେବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ଶ୍ରୀ ସଞ୍ଜୟ ବେହେରା ମ୍ୟାଚ୍ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକ ମାନଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଂ ବ୍ୟବସ୍ଥା, ଷ୍ଟାଡିୟମ୍ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡା ସମୟରେ ପୋଲିସ୍ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷାପ୍ରତି ଏକ ଫୁଲ୍-ପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୋଲିସ୍ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅସୁସ୍ଥ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ଅସୁବିଧା ସ୍ଥଳରେ ଲୋକମାନଙ୍କୁ ନେବା ଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଗ୍ରୀନ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଏହା ସହିତ, ଭିଡ ନିୟନ୍ତ୍ରଣ, ଟିକେଟ୍ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଗୁଡିକୁ ଉପଯୁକ୍ତ ଭାବେ ତଦାରଖ କରି ନିର୍ଭୁଲ ଭାବେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ, ପ୍ରତ୍ୟେକ ଷ୍ଟାଣ୍ଡର କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବ। ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଂ ବ୍ୟବସ୍ଥା ପାଇଁ ଅଧିକ ଜେନ୍ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍ଷ୍ଟଲ କରାଯାଇଛି। ଗୋଟିଏ ଜେନ୍ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍ସେଟ୍ ଚାଲୁ ହେବ ଏବଂ ଲାଇଟିଂ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୋଳ ବିଧାୟକ ତଥା ଓସିଏ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡିଶା କ୍ରିକେଟ୍ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡିଶା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସଞ୍ଜୟ ବେହେରା, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ, କଟକ-ଭୁବନେଶ୍ୱର ପୋଲିସ୍ କମିଶନର, କଟକ ଜିଲ୍ଲାପାଳ ଓ ବରିଷ୍ଠ ପଦାଧିକାରୀ ଗଣ ବୈଠକରେ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

## ରୋହିତ, କୋହଲି ଖେଳିବେ ଘରୋଇ କ୍ରିକେଟ୍ !

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଭାରତୀୟ କ୍ରିକେଟର ଦୁଇ ମହାନ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ନିଜ ନିଜ କ୍ୟାରିୟର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଉଭୟ ଟେଷ୍ଟ ଓ ଟି-୨୦ରୁ ଅବସର ନେଇସାରିଛନ୍ତି। ସେମାନେ କେବଳ ଦିନିକିଆ କ୍ରିକେଟ୍ ଖେଳିବା ଜାରି ରଖିଛନ୍ତି। ଉଭୟ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ପ୍ରଦର୍ଶନ ମାଧ୍ୟମରେ ପ୍ରଭାବିତ କରିଛନ୍ତି। ଏହା ସତ୍ତ୍ୱେ ବିସିସିଆଇ ସେମାନଙ୍କୁ ଘରୋଇ କ୍ରିକେଟ୍ ଖେଳିବା ପାଇଁ ନିର୍ଦ୍ଦେଶ ଦେଇଛି। ଯେଉଁମାନେ ଘରୋଇ କ୍ରିକେଟ୍ ଖେଳିବେ ନାହିଁ ସେମାନେ ଜାତୀୟ ଦଳରେ ନିଆଯିବ ନାହିଁ ମଧ୍ୟ କୁହାଯାଇଛି। ଉଭୟ ଖେଳାଳି ବିଜୟ ହଜାରେ ଟ୍ରଫି



ଖେଳିପାରନ୍ତି ୨୪ ଡିସେମ୍ବରରୁ ଆରମ୍ଭ ହେବ। ଅପରପକ୍ଷରେ ନଭେମ୍ବର ଦ.ଆଫ୍ରିକା ବିପକ୍ଷ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ଏହାପରେ ୧୧ ଜାନୁଆରୀ ୨୦୨୬ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶୃଙ୍ଖଳା ଖେଳିବ ଭାରତ। ଏହି ଦୁଇ ଷ୍ଟାରଙ୍କ ନିକଟରେ ଏବେ ଆଉ କୌଣସି ବିକଳ୍ପ ନାହିଁ। ରୋହିତ ଘରୋଇ କ୍ରିକେଟ୍ ଖେଳିବା ନେଇ ରାଜି ଅଛନ୍ତି। ସେ ମୁମ୍ବାଇ କ୍ରିକେଟ୍ ଆସୋସିଏସନକୁ ଏସମ୍ପର୍କରେ ଜଣାଇ ସାରିଛନ୍ତି। କୋହଲି ବିଜୟ ହଜାରେ ଟ୍ରଫିରେ ଜଣାପଡିନାହିଁ। ସେ ମଧ୍ୟ ଏ ସମ୍ପର୍କରେ କୌଣସି ବୟାନ ଦେଇନାହାନ୍ତି। ଦୁଇ ମହାନ୍ ଖେଳି ଅବସର ନେବାକୁ ଚାହୁଁଛନ୍ତି।

## ଇଡେନରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ

 କୋଲକାତା,୧୨।୧୧(ଏଜେନ୍ସି):ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ୧୪ ତାରିଖରୁ ଇଡେନରେ ଆରମ୍ଭ ହେବାକୁଯାଉଛି। ୬ ବର୍ଷ ପରେ ଭାରତ ଏହି ପିଚରେ ଟେଷ୍ଟ ଖେଳିବାକୁ ଯାଉଛି। ୨୦୧୯ରେ ଟିମ ଇଣ୍ଡିଆ ଶେଷଥର ବାଂଲାଦେଶ ବିପକ୍ଷରେ ଇଡେନରେ ମ୍ୟାଚ ଖେଳିଥିଲା। ତେବେ ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତ ଏହି ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛି। ଏହି ପିଚରେ ଭାରତୀୟ ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ୧୯୩୪ରୁ ଅଦ୍ୟାବଧି ଇଡେନରେ ଭାରତ ୪୨ଟି ଟେଷ୍ଟ ମ୍ୟାଚ ଖେଳିଛି। ୧୩ଟି ମ୍ୟାଚ ଜିତିଥିବା ବେଳେ ୯ଟିରେ ପରାଜିତ ହୋଇଛି। ୨୦ଟି ମ୍ୟାଚ ଡ୍ର ରହିଛି। ୧୯୬୧ରେ ଇଂଲଣ୍ଡ ବିପକ୍ଷରେ ଭାରତ ଏଠାରେ ପ୍ରଥମ ବିଜୟହାସଲ କରିଥିଲା। ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଟିମ୍ ଇଣ୍ଡିଆ ଶେଷଥର ପାଇଁ ବିଜୟୀ ହୋଇଥିଲା। ଭିଭିଏସ୍ ଲକ୍ଷ୍ମଣ ଇଡେନ ଗାଡେନରେ ସର୍ବାଧିକ ୧୦ଟି ମ୍ୟାଚ ଖେଳି ୧୨୧୭ ରନ୍ କରିଛନ୍ତି। ତାଙ୍କ ତଳକୁ ରାହୁଲ ଦ୍ରାବିଡ ୯୬୨ ଓ ସଚିନ ତେନ୍ଦୁଲକର ୮୭୨ ରନ୍ କରିଛନ୍ତି। ହରଭଜନ




ସିଂ ସର୍ବାଧିକ ୪୬ ୱିକେଟ୍ ଇଡେନରେ ନେଇଛନ୍ତି। ଅନୀଲ କୁମ୍ବଲେ, ବିଶନ ସିଂ ବେଦୀ ଓ କପିଲ ଦେବ ମଧ୍ୟ ଇଡେନରେ ଭଲ ପ୍ରଦର୍ଶନ କରିଛନ୍ତି। ଶୁଭମନ ଗିଲଙ୍କ ନେତୃତ୍ୱରେ ପ୍ରଥମଥର ଭାରତୀୟ ଦଳ ଇଡେନରେ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଛି। ଭାରତୀୟ ଦଳରେ ରିଷଭ ପନ୍ତ, ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ ଦେବଦତ୍ତ ପଡିକାଲ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅକ୍ଷର ପଟେଲ, ମହମ୍ମଦ ସିରାଜ, ଆକାଶଦୀପ ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି।

## ପିଚକୁ ନେଇ ନୀତିଶିକ୍ଷା ପାଇଛି ଟିମ ଇଣ୍ଡିଆ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପରେ ଟିମ୍ ଇଣ୍ଡିଆ ଘରୋଇ ପରିବେଶରେ ଦ.ଆଫ୍ରିକା ସହ ଏକ ପୂର୍ଣ୍ଣକାଳୀନ ଶୃଙ୍ଖଳା ଖେଳିବାକୁ ଯାଉଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ସୁବିଧାଜନକ ସ୍ଥିତି ପାଇଁ ଏହି ସିରିଜକୁ ଭାରତ ଗୁରୁତ୍ୱ ସହକାରେ ନେଇଛି। ନଭେମ୍ବର ୧୪ରୁ ଇଡେନରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ପିଚକୁ ନେଇ ଟିମ୍ ଇଣ୍ଡିଆ କୌଣସି ଦାବି କରିନି ବୋଲି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି କହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳାରେ ନୀତିଶିକ୍ଷା ପାଇଥିଲା ଭାରତ। ସ୍ପିନ ପିଚ ଦାବି କରିବା ଭାରତ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଭ୍ରମଣକାରୀ ଦଳ ୩-୦ରେ ଜିତିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅଧିନରେ ଭାରତ ଭିନ୍ନ ଭିନ୍ନ ପିଚରେ ଖେଳିବ। ସବୁ ପିଚରେ ସିଦ୍ଧହସ୍ତ ହେବା ପାଇଁ ଟିମ୍ ଇଣ୍ଡିଆ ଏହି ପଦକ୍ଷେପ ନେଇଛି ବୋଲି ଗାଙ୍ଗୁଲି କହିଛନ୍ତି। ଏହା ସତ୍ତ୍ୱେ କୋଲକାତାରେ ସ୍ପିନର ଫାଇଦାରେ ରହିବେ। ପିଚ ରିଭର୍ସ ସୁଇଂ ପାଇଁ ଉପଯୋଗୀ ହେବ ବୋଲି ସେ କହିଛନ୍ତି। ପିଚ କ୍ୟୁରେଟର ସୁଜନ



ମୁଖାର୍ଜୀ କହିଛନ୍ତି କୋଚ ଗୌତମ ଗାମ୍ଭୀର ପିଚକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ପ୍ରଥମ ଦୁଇ ଦିନ ପିଚ ବ୍ୟାଟରଙ୍କୁ ସୁହାଇବ। ଏହାପରେ ବଲ ଟର୍ନ ଏବଂ ଶେଷ ଭାଗରେ ରିଭର୍ସ ସୁଇଂ ହେବ ବୋଲି ଆଶା କରାଯାଉଛି।

## ଇତିହାସ ରଚିଲେ ୯ ବର୍ଷୀୟା ଆର୍ଶୀ


ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଜାତୀୟ କାର୍ଟିଂ ଚାମ୍ପିଅନସିପରେ ଫରିଦାବାଦର ୯ ବର୍ଷୀୟ ଛାତ୍ରୀ ଆରସି ଗୁପ୍ତା କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ଚାମ୍ପିଅନସିପ ଜିତିବାରେ ପ୍ରଥମ ଭାରତୀୟ ମହିଳା ହୋଇପାରିଛନ୍ତି। ସବୁଠୁ ବଡ଼ କଥା ହେଉଛି କୌଣସି ମହିଳାଙ୍କୁ ନୁହେଁ ବରଂ ପୁରୁଷ-ମହିଳା ଭାଗ ନେଉଥିବା ଇଭେଣ୍ଟରେ ସେ ଏହି କାର୍ମାମା କରିଛନ୍ତି। ଆର୍ଶୀ ମାଇକ୍ରୋମ୍ୟାକ୍ସ କାଟାଗୋରୀରେ ଟ୍ରଫି ହାତେଇଛନ୍ତି। ବାଙ୍ଗାଲୋରରେ ଅନୁଷ୍ଠିତ ଏଫଏମସିଆ ଜାତୀୟ କାର୍ଟିଂ ଚାମ୍ପିଅନସିପରେ ହାସଲ କରିଛନ୍ତି। ୨୦୧୬ ଅକ୍ଟୋବର ୧୮ ରେ ଜନ୍ମ ହୋଇଥିବା ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ପାଠ ପଢୁଛନ୍ତି। କାର୍ଟିଂ ପ୍ରତିଯୋଗିତାରେ ସେ ଲଗାତାର ଦୁଇବର୍ଷ ଧାରି ଭାଗ ନେଉଛନ୍ତି। ୨୦୨୪ରୁ ତାଙ୍କର କାର୍ଟିନ ଯାତ୍ରା ଆରମ୍ଭ ହୋଇଥିଲା। ଚଳିତ ମାସ ଅନ୍ତର୍ଜାତୀୟ କାର୍ଟିନ ଏରିନାରେ ୩ୟ ରାଉଣ୍ଡରେ ବିଜୟଲାଭ କରିଥିଲେ।

## ରଜତ ନଗର ଜେପିଏସ ଚାମ୍ପିଅନ

ଖଇରା,୧୨।୧୧(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବଗେଇପୁର ମିନି ଷ୍ଟାଡିୟମରେ ଚାଲିଥିବା ବିଏମବି ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍ଯାପିତ ହୋଇ ଯାଇଛି। ୨ଦିନ ଧରି ଓଡିଶା,ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬ଟି ଦଳ ଏଥିରେ ଭାଗ ନେଇଥିବା ବେଳେ ରଜତନଗର ର ଜେଏଫସି ବାରିପଦାର ବଜରଙ୍ଗୀ ଏଫସିକୁ ୨-୦ରେ ପରାସ୍ତ କରି ୨୦୨୫ ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । କେଦାର କାଳୁନ୍ଦିଆ,କାଳନ୍ଦୀ ମୁର୍ମୁ,ବାପୁନୁ ମହନ୍ତ ଓ ସୁନିଲ ଟୁଡୁ ରେଫେରୀ ଦାୟିତ୍ୱ ଏବଂ ରଜତ କୁମାର ତିରିଆ ଭାସଯକାର ଦାୟିତ୍ୱ ତୁଲାଇଥିଲେ ।

# ୧୯ ବର୍ଷରୁ କମ ଓଡ଼ିଶା ଦଳରେ ସାର୍ଥକ

କେନ୍ଦୁଝର,୧୨।୧୧(ସବ୍ୟୁ): କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି । ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୁଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚ ବିହାର ଟ୍ରଫି ମ୍ୟାଚରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ସୂଚନାଯୋଗ୍ୟଯେ ଗତ ବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ ରେ ସାମିଲ ହୋଇ କୁଚ ବିହାର ଟ୍ରଫି ପାଇଁ ଖେଳିଥିଲେ ।ନିର୍ମଳା କନଭେନଫ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ



ଏବଂ ବର୍ତ୍ତମାନ ରେଭେନସାୟୁନିଭରସିଟି କଟକରେ ୩ ପ୍ରଥମ ବର୍ଷ କଳା ରେ ଅଧ୍ୟୟନରତ ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶ ଚନ୍ଦ୍ର ହୋତା ଏବଂ ବୋଦାପଳସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ ଖୁସି ଅଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୧ ମସିହା ୧୬ ବର୍ଷରୁ କମ କ୍ରିକେଟ ଦଳରେ ବିଜୟ ମର୍ଚ୍ଚଣ୍ଟ ଟ୍ରଫି ପାଇଁ ମଧ୍ୟ ସାର୍ଥକ ଚୟନ ହୋଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସେକ୍ରେଟାରିଏଟ୍ କପ୍: ହୋମ ଇଲେଭେନ ଚାମ୍ପିଅନ୍



ଭୁବନେଶ୍ୱର,୧୨।୧୧(ସବ୍ୟୁ): ରାଜ୍ୟ ସରକାରଙ୍କ କଲଚରାଲଆସୋସିଏସନ୍ପିଆରଏବଂଡିଡବ୍ଲ୍ୟୁପକ୍ଷରୁ ଅନୁଷ୍ଠିତ ସେକ୍ରେଟାରିଏଟ୍ କପରେ ହୋମ୍ ଇଲେଭେନ ଦଳ ଚାମ୍ପିଅନ ହୋଇଛି । କୋ-ଅପରେସନ୍ ଦଳ ରନର୍ସ ଅପରେ ସନ୍ତୁଷ୍ଟ ହୋଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ହୋମ ଇଲେଭେନ ଦଳ ୩-୧ ଗୋଲରେ କୋଅପରେସନ ଡିପାର୍ଟମେଣ୍ଟ ଦଳକୁ ପରାଜିତ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଏହି ପ୍ରତିଯୋଗିତାରେ ଫାଇନାନ୍ସ ବିଭାଗ ଦଳ ତୃତୀୟ ପିଆରଡିଡବ୍ଲ୍ୟୁ-ବି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ଇ-ଆଣ୍ଡ ଆଇଟି ଦଳର ଅଧିନାୟକ ନବୀନଙ୍କୁ ବେଷ୍ଟ ସ୍ପୋର୍ଟ୍ସ ମ୍ୟାନ ସିପ୍ ଆୱାର୍ଡ । ଜିତେନ୍ଦ୍ରଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ସଂଗ୍ରାମ ଶ୍ରେଷ୍ଠ ଗୋଲକିପର, ନିର୍ମଳ ଶ୍ରେଷ୍ଠ ଡିଫେଣ୍ଡର, ଅମୀତ ଓରାମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜର୍ଜଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲ, କାହ୍ନୁ ମ୍ୟାନ ଅଫ୍ ଦ ମ୍ୟାନ ଅଫ୍ ଦ ଫାଇନାଲ, ଶୁଭାଶିଷ ତୃତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ ଛାପିବାଏବ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି